୬ ୪ ସୁନାଝିଅଙ୍କୁ ସମ୍ବର୍ଦ୍ଧନା ସହ ୧୧ ଲକ୍ଷ ଲେଖାଏଁ ପୁରସ୍କାର ଦେଲେ ମୁଖ୍ୟମନ୍ତ୍ରୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୦୪ ● ୨ ଡିସେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-304 ● 2nd December 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଅକ୍ଟୋବର ସୁଦ୍ଧା ରାଜ୍ୟ ବଜେଟ୍‌ର ଖର୍ଚ୍ଚ ୩୯%

ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍‌ରେ ବ୍ୟୟ ବରାଦ ହୋଇଥିବା ଅଟକଳର ଅକ୍ଟୋବର ମାସ ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ରାଜ୍ୟ ବଜେଟ୍‌ର ଏହା ୩୯%। ମୌସୁମୀ ବର୍ଷା ଜନିତ କାରଣରୁ ବଜେଟ୍ ଅର୍ଥ ଖର୍ଚ୍ଚ ଆଶାନୁରୂପ ହୋଇନଥିଲେ ମଧ୍ୟ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଶତପ୍ରତିଶତ ବଜେଟ୍ ଅର୍ଥ ଖର୍ଚ୍ଚ ହୋଇପାରିବ ଏବଂ ଏଥିପାଇଁ ସମସ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ବଜେଟ୍ ଅର୍ଥ ଖର୍ଚ୍ଚ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରଦେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।



ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ ଦେବଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ରାମଚନ୍ଦ୍ର କାଡାମ, ସନ୍ତୋଷ ଖଟୁଆ, ନିରଞ୍ଜନ ପୂଜାରୀ, ସନାତନ ବିଜୁଳି ଓ ସୁବାସିନୀ ଜେନା ପ୍ରମୁଖଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତରଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ବଜେଟ୍ ଅର୍ଥ ଖର୍ଚ୍ଚ ହାର ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷରେ ଅକ୍ଟୋବର ସୁଦ୍ଧା ୧ ଲକ୍ଷ ୩ ହଜାର ୬୩୬ କୋଟି (୩୬ ପ୍ରତିଶତ) ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଅଧିକ ୧୦, ୮୮୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କାର୍ଯ୍ୟକ୍ରମ ବ୍ୟୟରେ ୬୧୨୦୭ କୋଟି ଟଙ୍କା (୩୬ ପ୍ରତିଶତ) ଖର୍ଚ୍ଚ ହୋଇଛି। ମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରୀୟ ଟିକସର ଅଂଶ ବାବଦକୁ ରାଜ୍ୟ ସରକାର ୪୫୪୨୦ କୋଟି ଟଙ୍କା ପାଇଛନ୍ତି। ନିର୍ମାଣ, ଖାଦ୍ୟ ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି ଏବଂ ସମସ୍ତ ଇଞ୍ଜିନିୟରିଂ ବିଭାଗରେ ବଜେଟ୍ ଅର୍ଥ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଛି। ଆସନ୍ତା ୪ ମାସ ମଧ୍ୟରେ ଖର୍ଚ୍ଚ ହୋଇପାରିନଥିବା ବଜେଟ୍ ଅର୍ଥକୁ ଖର୍ଚ୍ଚ କରିବା ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଇଛି। ଏଥିପାଇଁ ସଂପୃକ୍ତ ବିଭାଗମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବଜେଟ୍ ବରାଦ ଅର୍ଥ ଠିକଣା ଭାବରେ ଖର୍ଚ୍ଚ କରିବା ପାଇଁ ନିୟମିତ ବ୍ୟବଧାନରେ ମୁଖ୍ୟଶାସନ ସଚିବ ସମୀକ୍ଷା ବୈଠକ କରି ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ବିରୋଧୀ ଦଳର ବିଧାୟକମାନେ ମନ୍ତ୍ରୀଙ୍କୁ ଉପରଠାଉରିଆ ବୋଲି ଉଲ୍ଲେଖ କରିବା ସହ ବଜେଟ୍ ଅର୍ଥ ଖର୍ଚ୍ଚ ନୈରାଶ୍ୟଜନକ ବୋଲି କହିଥିଲେ।

## ସଂସଦ ଦେଶ ନିର୍ମାଣର ମଞ୍ଚ, ପରାଜୟ-ବିଜୟ ରାଜନୀତିର ଆଖଡା ନୁହେଁ

ନୂଆଦିଲ୍ଲୀ, ୧।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସଂସଦର ଶୀତକାଳୀନ ଅଧିବେଶନର ଆରମ୍ଭ ପୂର୍ବରୁ ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ବିରୋଧୀ ଓ ଶାସକ ଉଭୟଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ଅଧିବେଶନ ପରାଜୟର ଆଖଡା କିମ୍ବା ବିଜୟର ଅହଂକାରର ମଞ୍ଚ ନ ହେଉ।

ସେ କହିଛନ୍ତି ଯେ ଗଣତନ୍ତ୍ର ଓ ଅର୍ଥତନ୍ତ୍ରର ସୁଦୃଢ଼ତାକୁ ଆଜି ସମଗ୍ର ବିଶ୍ୱ ବହୁତ ଧ୍ୟାନପୂର୍ବକ ନିରୀକ୍ଷଣ କରୁଛି। ଏପରି ପରିସ୍ଥିତିରେ ସଂସଦର ପ୍ରତିଟି ମୁହୂର୍ତ୍ତ ଜାତି ଗଠନ ପାଇଁ ବ୍ୟବହୃତ ହେବା ଉଚିତ, ରାଜନୈତିକ ନକାରାତ୍ମକତାରେ ବ୍ୟର୍ଥ ଯିବା ଉଚିତ ନୁହେଁ।



ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି ଯେ ସଂସଦ ଦେଶକୁ ନୂତନ ଗତି ଦେବାରେ ଏବଂ ଭବିଷ୍ୟତର ଦିଗ ନିର୍ଣ୍ଣୟ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ। ସେ ଆଶାବ୍ୟକ୍ତ କରିଛନ୍ତି ଯେ ଶୀତକାଳୀନ ଅଧିବେଶନ ମଧ୍ୟ ଦେଶର ଉନ୍ନତି ଯାତ୍ରାକୁ ନୂତନ ଉର୍ଜା ଦେବ।

ସେ କହିଛନ୍ତି ଯେ ଭାରତ ଗଣତନ୍ତ୍ରକୁ ଜୀବନ୍ତ ରଖିଛି। ଗଣତନ୍ତ୍ରର ଆଶା ଓ ଉତ୍ସାହକୁ ସମୟ ସମୟରେ ଦେଶ ଏପରି ଭାବରେ ପ୍ରକାଶ କରିଛି ଯେ ଗଣତନ୍ତ୍ର ପ୍ରତି ବିଶ୍ୱାସ ଆହୁରି ସୁଦୃଢ଼ ହୋଇଛି। ସେ ନିକଟରେ ହୋଇଥିବା ବିହାର ବିଧାନସଭା ନିର୍ବାଚନର ଉଲ୍ଲେଖ କରି କହିଛନ୍ତି ଯେ ମତଦାନ ପ୍ରତିଶତ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତିର ପ୍ରମାଣ। ବିଶେଷକରି ମା'ଭଉଣୀମାନଙ୍କର ବୃଦ୍ଧିଶୀଳ ଭାଗୀଦାରୀକୁ ସେ ଦେଶର ବଦଳୁଥିବା ଚିନ୍ତାଧାରା ଓ (ପୃଷ୍ଠା ୭ରେ)

## ଭିଜିଲାନ୍ସ ଜାଲରେ ୨୭୦ କର୍ମଚାରୀ : ୪୬ ଆଇଏଏସ୍, ୬୭ ଆଇପିଏସ୍ ପଦବୀ ଖାଲି

ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆଇଏଏସ, ଆଇପିଏସ୍, ଆଇଏଫଏସ ପଦବୀ ଖାଲି ନେଇ ବିଧାନସଭାରେ ଆଜି ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୪୬ ଆଇଏଏସ, ୬୭ ଆଇପିଏସ୍, ୭୦ ଆଇଏଫଏସ୍ ପଦବୀ ଖାଲି ପଡ଼ିଛି। ଅନ୍ୟଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ୨୭୦ଜଣ ସରକାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗତବର୍ଷ ଜୁନ୍ ୧୨ରୁ ଚଳିତ ବର୍ଷ ଡିସେମ୍ବର ୨୧ଯାଏଁ ୨୭୦ଜଣ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

## 'ରାଜ ଭବନ'ର ନାମର ପରିବର୍ତ୍ତନ ହୋଇ ହେଲା 'ଲୋକ ଭବନ'

ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

ଆନୁଷ୍ଠାନିକ ଭାବରେ 'ରାଜ ଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜ ଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି।ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି।



୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନ ମାନଙ୍କର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା।

ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ରାଜ୍ୟପାଳ କହିଛନ୍ତି ଯେ, 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ।ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

## ଜିଏସ୍‌ଟି ହାର ହ୍ରାସର ପ୍ରଭାବ: ନଭେମ୍ବରରେ ସଂଗ୍ରହ ୧.୭୦ ଲକ୍ଷ କୋଟି

ନୂଆଦିଲ୍ଲୀ, ୧।୧୨

ନୂତନ ପିଢ଼ିର ଜିଏସ୍‌ଟି ଟିକସ ସଂସ୍କାରରେ ହାର ହ୍ରାସ ହେବା ପରେ ଏହାର ପ୍ରଭାବ ପରୋକ୍ଷ ଟିକସ ସଂଗ୍ରହ ଉପରେ ପଡ଼ିଛି। ନଭେମ୍ବର ମାସରେ ଜିଏସ୍‌ଟି ସଂଗ୍ରହରେ ମାତ୍ର ୦.୭ ପ୍ରତିଶତ ବୃଦ୍ଧି ହୋଇ ୧.୭୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଫେବୃଆରୀ ୨୦୨୪ ପରଠାରୁ ମାସିକ ସର୍ବନିମ୍ନ ସଂଗ୍ରହ। ଏହି ସଂଗ୍ରହ ଅକ୍ଟୋବର ମାସରେ ଉପଭୋଗ କରାଯାଇଥିବା ସାମଗ୍ରୀ ଓ ସେବା ସହ ଜଡ଼ିତ।

ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ନଭେମ୍ବର ୨୦୨୪ରେ ମୋଟ ଜିଏସ୍‌ଟି ସଂଗ୍ରହ ଧୀର ଗତିରେ ୦.୭ ପ୍ରତିଶତ ବଢ଼ି ୧,୭୦,୦୦୦ କୋଟିରୁ ଅଧିକ ରହିଛି। ତେବେ, ଏହି ସମୟରେ ଘରୋଇ ରାଜସ୍ୱ ୨.୩ ପ୍ରତିଶତ ହ୍ରାସ ପାଇ ୧.୨୪ ଲକ୍ଷ କୋଟିରୁ ଅଧିକ ହୋଇଛି।




ଅଧିକାରୀମାନେ କହିଛନ୍ତି ଯେ ସେପ୍ଟେମ୍ବର ୨୨ରୁ ୩୭୫ଟି ସାମଗ୍ରୀର ଜିଏସଟି ହାର କମିବା କାରଣରୁ ଏହି ହ୍ରାସ ଘଟିଛି। ତେବେ, ସାମଗ୍ରୀ ଆମଦାନୀରୁ ଟିକସ ରାଜସ୍ୱ ନଭେମ୍ବରରେ ୧୦.୨ ପ୍ରତିଶତ ବୃଦ୍ଧି ପାଇ ୪୫,୯୭୬ କୋଟି ଟଙ୍କା ହୋଇଛି।

ବିଶେଷଜ୍ଞ ମତ ଦେଇଛନ୍ତି ଯେ ଜିଏସ୍‌ଟି ହାର ହ୍ରାସ ହେତୁ ଏହି ସଂଗ୍ରହ କମିଛି। ଦୀପାବଳି ପରି ପର୍ବ ସମୟରେ ହାର କମିବା ଦ୍ୱାରା ଅଧିକ କ୍ରୟ ହେବ ଏବଂ ରାଜସ୍ୱ କ୍ଷତି ଭରଣା ହେବ ବୋଲି ଆଶା କରାଯାଉଥିଲା, କିନ୍ତୁ ତାହା ହୋଇନାହିଁ। ଅପରପକ୍ଷରେ, ସରକାର କହିଛନ୍ତି ଯେ ଟିକସ ହାର ସୁସଙ୍ଗତ କରିବା ଦ୍ୱାରା ଉପଭୋଗ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ନୂତନ ସଂସ୍କାର ରାଜସ୍ୱ ସ୍ଥିରତାକୁ ବିଶୃଙ୍ଖଳିତ କରିନାହିଁ।

### ଆଜିର ମୁଖ୍ୟ ଖବର

- ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାବେଳେ ପ୍ରଧାନମନ୍ତ୍ରୀ ଦେଶର ଉନ୍ନତିକୁ ପ୍ରାଧାନ୍ୟ ଦେବାକୁ ଆହ୍ୱାନ କଲେ।
- ଲୋକସଭାରେ ମଣିପୁର ସମ୍ବନ୍ଧୀୟ କର ନିୟମ ପରିବର୍ତ୍ତନ ବିଧେୟକ ପାସ୍ ହେଲା।
- ନବୀ ମୁମ୍ବାଇ ଆନ୍ତର୍ଜାତୀୟ ବିମାନବନ୍ଦର ଶୀଘ୍ର ଚାଲୁ ହେବାକୁ ଯାଉଥିବାରୁ ଭ୍ରମଣକାରୀମାନେ ଖୁସି।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୪୮ (+୬୬)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୬୦ (+୬୦)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୮୬ (+୪୯)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୬ (+୪)

## ଓଡ଼ିଶାରୁ ବିଦା ହେଲେଣି ୪୯ ବାଂଲାଦେଶୀ

ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରୁ ବିଦା ହେଲେଣି ୪୯ ବାଂଲାଦେଶୀ। ନୂଆ ସରକାର ଆସିବା ପରେ ୫୧ ଜଣ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ବାଂଲାଦେଶ ପଠାଗଲାଣି। ଖୋର୍ଦ୍ଧାରେ ସର୍ବାଧିକ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟ ୧ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ୨ ଜଣ ଜାଲି ବାଂଲାଦେଶୀ ଅନୁପ୍ରବେଶ କାରୀ ଜାଲ ପାସ ପୋର୍ଟ କରିଥିବା ଧରାପଡ଼ିଛନ୍ତି। ସେମାନଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଛି। ସୋମବାର ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୭ ମାସ ମଧ୍ୟରେ ରାଜ୍ୟରେ ମୋଟ ୧୩ ଜଣ କଏଦୀ ଜେଲରୁ ଖସି ପଳାଇଛନ୍ତି ଏବଂ ୮ ଜଣ କଏଦୀ ନିଜ ଜୀବନ ନେଇଛନ୍ତି।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ସେହି ସମୟ ମଧ୍ୟରେ ୩୯ ଜଣ ଅଭିଯୁକ୍ତ ପୁଲିସ ହେପାଜତରୁ ଖସି ପଳାଇବାରେ ସଫଳ ହୋଇଛନ୍ତି।

ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଘଟଣାଗୁଡ଼ିକ ୧ ଜୁଲାଇ, ୨୦୨୪ ରୁ ୧ ଡିସେମ୍ବର, ୨୦୨୫ ମଧ୍ୟରେ ରେକର୍ଡ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, କେବଳ ଗତ ବର୍ଷ ୩୧ (ପୃଷ୍ଠା ୭ରେ)

## ନିର୍ବାଚନ କମିଶନଙ୍କ ବଡ଼ ନିଷ୍ପତ୍ତି: ୧୨ ରାଜ୍ୟରେ ଏସ୍‌ଆଇଆର୍ ସମୟସୀମା ବୃଦ୍ଧି

ନୂଆଦିଲ୍ଲୀ, ୧।୧୨

ଭାରତର ନିର୍ବାଚନ କମିଶନ (ଇସିଆଇ) ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମକୁ ଆଉ ୭ ଦିନ ବଢ଼ାଇ ଦେଇଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ନୂଆ ଭୋଟର ନିଜ ନାମ ଭୋଟର ତାଲିକାରେ ଯୋଡ଼ିପାରିବେ ଏବଂ ପୁରୁଣା ଭୋଟରମାନେ ନିଜର ବିବରଣୀ ସଂଶୋଧନ କରିପାରିବେ। କମିଶନଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ସମୟସୀମା ବୃଦ୍ଧି ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ,




ତାମିଲନାଡୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପାଇଁ ଲାଗୁ ହୋଇଛି। ନୂଆ ସମୟସୀମା ଅନୁଯାୟୀ ଘରେ ଘରେ ଗଣନା ଓ ଯାଞ୍ଚ ପ୍ରକ୍ରିୟା ୧୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ।

ପୋଲିଂ ଷ୍ଟେସନ ପାଇଁ ସଂଚାଳନ ବ୍ୟବସ୍ଥା ଓ ଏ ବାବଦ ନୂଆ ପ୍ରକ୍ରିୟା ଲାଗୁ ପ୍ରକ୍ରିୟା ୧୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ୧୬ ଡିସେମ୍ବରରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଚିଠା ତାଲିକା ପ୍ରକାଶ ପରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ରହିଛି ୧୫ ଜାନୁଆରି ୨୦୨୬।

ଏହା ପରେ ରିଟର୍ନିଂ ଅଫିସରମାନେ ସମସ୍ତ ଫର୍ମ-୬ (ନୂଆ ନାମ ଯୋଡ଼ିବା), ଫର୍ମ-୭ (ନାମ ବାଦ ଦେବା), ଫର୍ମ-୮ (ସଂଶୋଧନ) ଓ ଗଣନା ସମ୍ବନ୍ଧୀୟ ଆପତ୍ତିକୁ ଏକାଠି ଶୁଣାଣି କରି ୭ ଫେବ୍ରୁଆରି ୨୦୨୬ ପର୍ଯ୍ୟନ୍ତ ନିଷ୍ପତ୍ତି ନେବେ। ଅନ୍ତିମ ଭୋଟର ତାଲିକା ଫେବ୍ରୁଆରି ଶେଷ ସୁଦ୍ଧା ପ୍ରକାଶ ପାଇବ। ନିର୍ବାଚନ କମିସନର ଅଧିକାରୀମାନେ କହିଛନ୍ତି ଯେ, ଅନେକ ରାଜ୍ୟରୁ ରାଜନୈତିକ ଦଳ ଓ ସାଧାରଣ ନାଗରିକଙ୍କ ଠାରୁ ଅଧିକ (ପୃଷ୍ଠା ୭ରେ)

## ୨ ସରକାରୀ ବିଲ୍ ବିଧାନସଭାରେ ଆଗତ

ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

ସୋମବାର ବିଧାନସଭାରେ ୨ଟି ସରକାରୀ ବିଲ୍ ଆଗତ ହୋଇଛି। ଶିଳ୍ପ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫କୁ ଆଗତ କରିଥିବା ବେଳେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ୨୦୨୫ ଆଗତ କରିଥିଲେ। ତେବେ ବିରୋଧୀ ଦଳର ବିଧାୟକମାନେ ଏହାକୁ ବିରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଜଳ (ନିୟନ୍ତ୍ରଣ ଓ ନିବାରଣ) ସଂଶୋଧନ ବିଲ୍ ସଂକ୍ରାନ୍ତ ଏକ ସଂକଳ୍ପ ଆଗତ କରି ତାହା ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ତେବେ ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର (ପୃଷ୍ଠା ୭ରେ)

### ଏକାଳ ପଖାଳ



ଦୃଷ୍ଟିବାଧିତ କ୍ରିକେଟ ଦଳରେ
ଚାରି ଓଡ଼ିଆ ଝିଅ
ବିଶ୍ୱ ଚମ୍ପିଆନ୍ କ୍ରିକେଟ୍ ଖେଳାଳି
କିଏ ସେ ଜାଣିଛି କୁହ
ଜନେ ସଚେତନ ହୁଅ
ଝିଅ ଆମର ଗର୍ବ ସବୁ
ବୋଝ ସେ ଜମାରୁ ନୁହଁ।

## ଜବରଦଖଲରେ ରାଜଧାନୀର ୫୦୦ ଏକର ମୂଲ୍ୟବାନ୍ ସରକାରୀ ଜମି



ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଦ୍ୱାରା ରାଜଧାନୀ ଭୁବନେଶ୍ୱର ସହରାଞ୍ଚଳ ମଧ୍ୟରେ ୫୦୦ ଏକରରୁ ଅଧିକ ମୂଲ୍ୟବାନ ସରକାରୀ ଜମି ବେଆଇନ ଭାବେ ଜବରଦଖଲ ହୋଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି।

ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ମଧ୍ୟରେ ଥିବା ବାପୁଜୀ ନଗର, ଅଶୋକ ନଗର, ଗଙ୍ଗା ନଗର, ସହିଦ ନଗର, ସୂର୍ଯ୍ୟ ନଗର, ବମିଖାଲ, ଝାରପଡ଼ା ଏବଂ ପଟିଆ ଭଳି ପ୍ରମୁଖ ଅଞ୍ଚଳରେ ବହୁ ପରିମାଣର ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ବେଆଇନ୍ ଭାବେ ଜବରଦଖଲ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଯଥାଶୀଘ୍ର ଏହି ବେଆଇନ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ୍ ଶୀଘ୍ର ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଚଳିତ ବର୍ଷ ସୁଦ୍ଧା ୭୦ ଏକର ଜବରଦଖଲ ସରକାରୀ ଜମିକୁ ମୁକ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି (ପୃଷ୍ଠା ୭ରେ)

## ଘନ କୁହୁଡ଼ି ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧।୧୨
ନ୍ୟୁଜ୍ ବ୍ୟୁରୋ

ଆଗାମୀ ୨୪ ଘଣ୍ଟା ପାଇଁ କୁହୁଡ଼ି ନେଇ କୌଣସି ଚେତାବନୀ ନଥିବା ବେଳେ ୨ ତାରିଖ ପାଇଁ ୨ ଜିଲ୍ଲା (ସୁନ୍ଦରଗଡ଼, ଝାରସୁଗୁଡ଼ା) ଓ ୩ ତାରିଖ ପାଇଁ ୪ ଜିଲ୍ଲା(ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, କୋରାପୁଟ)କୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଯାହାର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିପାରେ। ପରବର୍ତ୍ତୀ ୪ ଦିନ ପାଇଁ କୌଣସି ଚେତାବନୀ ନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେହି ଜିଲ୍ଲା ଗୁଡ଼ିକ ହେଲା ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ସୋନପୁର, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି ଏବଂ ମାଲକାନଗିରି।

ପରବର୍ତ୍ତୀ ୬ ଦିନ ଅର୍ଥାତ୍ ୨ ତାରିଖ ସକାଳ ଠାରୁ ୮ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲା ଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨ ଡିସେମ୍ବର, ମଙ୍ଗଳବାର ୨୦୨୫





## ମନଇଚ୍ଛା ବିଦ୍ୟାଳୟକୁ ଯିବା ପଡ଼ିଲା ମହଙ୍ଗା

# ୮ଟି ସ୍କୁଲର ୧୦ ଜଣ ଶିକ୍ଷକଙ୍କ ଦରମା ବନ୍ଦ

**ହରଭଙ୍ଗା, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷକଙ୍କ ସମୟ ଜ୍ଞାନ ନଥିଲା। ଯେତେବେଳେ ଇଚ୍ଛା ବିଦ୍ୟାଳୟକୁ ଆସୁଥିଲେ, ଇଚ୍ଛା ଅନୁସାରେ ଛୁଟି ସମୟ ପୂର୍ବରୁ ପୁଣି ଘରକୁ ଚାଲିଯାଉଥିଲେ। ପଚାରିବାକୁ କେହି ନାହିଁ। ପିଲେ ପାଠ ପଢ଼ିଲେ ପଢ଼ନ୍ତୁ ନହେଲେ ନାହିଁ। ଏଭଳି ଖାମଖିଆଲି ଶିକ୍ଷକଙ୍କ ମନଭାବରେ ଚାଲିଥିଲା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଅନେକ ପ୍ରାଥମିକ ବିଦ୍ୟାଳୟ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରାଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ କରିବା ପରେ ସାମ୍ନାକୁ ଆସିଥିଲା ଶିକ୍ଷକଙ୍କ ମନମାନୀର ସମ୍ପୂର୍ଣ୍ଣ ଘଟଣା। ଫଳରେ ଶିକ୍ଷାଧିକାରୀ ଶ୍ରୀ ବେହେରା ୮ଟି ସ୍କୁଲର ୧୦ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଗୋଟିଏ ଦିନର ଦରମା ବନ୍ଦ




କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ସପ୍ତାହେ ତଳେ ଶିକ୍ଷାଧିକାରୀ କାହକୁ କିଛି ନଜଣାଇ ବ୍ଲକରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ କିପରି ପାଠପଢ଼ା ଚାଲିଛି ଏବଂ ଶିକ୍ଷକ ମାନେ ନିଜ କର୍ତ୍ତବ୍ୟ ଠିକରେ ତୁଲାଉଛନ୍ତି କି ନାହିଁ ପରଖିବା ପାଇଁ ଝାରଖମଣ, ବାହାଳି, ସୁରୁଣ୍ଡି, ବଲଣ୍ଡା, ଖରସଂକୁଲେଇ, ସାକୁଶିଙ୍ଗା, କଣ୍ଟିଆ ପଦର, ଗୋଠସାହି ଆଦି ସ୍କୁଲଗୁଡ଼ିକୁ ଯାଇଥିଲେ। ସେଠାରେ ସେ ଶିକ୍ଷକମାନେ ସ୍କୁଲ ଖୋଲିବାର ବହୁ ସମୟ ପରେ ଆସୁଥିବା ଦେଖିବାକୁ ପାଇଥିଲେ ଏବଂ କିଛି ବିଦ୍ୟାଳୟରେ ଛୁଟି ପୂର୍ବରୁ ପାଠପଢ଼ା ଛାଡ଼ି ଶିକ୍ଷକମାନେ ଘରକୁ ପଳାଇଥିବା ଜଣାପଡ଼ିଥିଲା। ବିଳମ୍ବରେ ଆସିବା କାରଣ ଏବଂ ଛୁଟି ସମୟ ପୂର୍ବରୁ କିପରି ବିଦ୍ୟାଳୟ ପରିତ୍ୟାଗ କଲ ବୋଲି ଆଦି କାରଣ ଦର୍ଶାଇବା ପାଇଁ ଶୁରମଣୀ ମଲ୍ଲିକ, ଦୟା କୁମାର ହଂସ, ପ୍ରଦୀପ କୁମାର ସାହୁ, ସାଧୁ ଚରଣ ଦେହୁରୀ, ବିରେନ୍ଦ୍ର ମହାକୁଡ଼, ରଂଜନ କୁମାର ପାତ୍ର, ବାବୁଲି ସାହୁ, ଜିତେନ୍ଦ୍ର କୁମାର ଡାଲୁଅ, ଜୋସ୍ନାରାଣୀ ମିଶ୍ର, ରାଜେନ୍ଦ୍ର କୁମାର ସାମଲଙ୍କୁ ନୋଟିସ୍ ଜାରି କରିବା ସହ ଦିନକର ଦରମା ବନ୍ଦ କରାଯାଇଛି।

କର୍ତ୍ତବ୍ୟରେ ଅବହେଳା କରୁଥିବା ଅନ୍ୟ ଶିକ୍ଷକଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ବେହେରା କହିଛନ୍ତି। ତେବେ ସହକାରୀ ଶିକ୍ଷକମାନେ ବିଦ୍ୟାଳୟକୁ ଠିକ ସମୟରେ ଆସୁନଥିବା ହେଉ କିମ୍ବା ବିନା ଛୁଟି ଦରଖାସ୍ତରେ ସ୍କୁଲ ନଯିବା ହେଉ କିମ୍ବା ଛୁଟି ପୂର୍ବରୁ ବିଦ୍ୟାଳୟ ଛାଡ଼ି ଘରକୁ ଆସିବା ଘଟଣା ପ୍ରଧାନ ଶିକ୍ଷକ କିପରି ଜାଣିଶୁଣି ନିରବ ରହୁଥିଲେ ତାହା ତଦନ୍ତ ସାପେକ୍ଷ।

## ଜିଲ୍ଲା ସ୍ତରୀୟ ଶିକ୍ଷ ଅଭିଯୋଗ ଶୁଣାଣି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ଶିକ୍ଷ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାରେ ଥିବା ଶିକ୍ଷ ଅନୁଷ୍ଠାନଗୁଡ଼ିକର ଅଭିଯୋଗ ଗୁଡିକର ଶୁଣାଣି କରି ସମାଧାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମାର୍ଶାଘାଇ ପୁରୁଷୋତ୍ତମ ପୁରରେ ଥିବା ଶିକ୍ଷ କେନ୍ଦ୍ରକୁ ଯିବାପାଇଁ ରାସ୍ତା ନ ଥିବାରୁ କମ୍ପାନୀକୁ ଯାତାୟାତ କରିବା ପାଇଁ ଶ୍ରମିକ ଓ କର୍ମଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉ ଥିବାରୁ ତୁରନ୍ତ ସେଠାରେ ରାସ୍ତା ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିପା ବିଭାଗର ସମସ୍ତ ସଦସ୍ୟଙ୍କ ସମେତ ସୌଭାଗ୍ୟ ରନ ମଲିକ, ବଳରାମ ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଭେଣ୍ଡିଂ ଜୋନ୍ ନିର୍ମାଣ ନେଇ ଅସନ୍ତୋଷ ପ୍ରକାଶ କଲେ ଲୋକେ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**


କେନ୍ଦୁଝର ସହର ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରେ ଭେଣ୍ଡିଂ ଜୋନ୍ କରିବା ପାଇଁ କାମ ଆରମ୍ଭ ହୋଇଛି। ଫଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। କିଛି ମାସ ତଳେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ସମ୍ମୁଖରେ ଦୋକାନ, ପାର୍କିଂକୁ ନେଇ ବିଦ୍ୟାଳୟ ପକ୍ଷରୁ ଟାଉନ ଥାନା ଅଧିକାରୀଙ୍କୁ ଚିଠି କରିଥିଲେ। ଏଭଳି ଅଭିଯୋଗିକୁ ନେଇ ଉଠା ଦୋକାନ ଓ ପାର୍କିଂ ବନ୍ଦ କରାଯାଇଥିଲା। ଏବେ ସ୍ଥାୟୀ ଭେଣ୍ଡିଂ ଜୋନ୍ ନିର୍ମାଣ କରି ବିଦ୍ୟାଳୟର ପରିସରକୁ ଅଶାନ୍ତ ପରିବେଶ କରିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରାଯାଉଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ବିଶେଷ କରି ଛାତ୍ରୀମାନେ ପଢୁଥିବା ବେଳେ ହଷ୍ଟେଲରେ ରହୁଛନ୍ତି। ଏଣୁ ଏଠାରେ ଭେଣ୍ଡି ଜୋନ୍ ହେଲେ ଶୃଙ୍ଖଳା ଭଙ୍ଗ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ ବୋଲି ବରିଷ୍ଠ ଆଇନଜୀବୀ



ସନ୍ତୋଷ ସାହୁ କହିଛନ୍ତି। ନିକଟରେ ବହୁ ଅର୍ଥ ଖର୍ଚ୍ଚ କରି ରାସ୍ତା କଡ଼ର ବିକାଶ ହୋଇଥିଲା। ବାହାର ଜବର ଦଖଲ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଏବେ ପ୍ରଶାସନ କିପରି ଏଠାରେ ଭେଣ୍ଡିଂ ଜୋନ କରି ଆଇନତଃ ଦୋକାନ ଖୋଲିବାକୁ ଉଦ୍ୟମ କରୁଛନ୍ତି ତାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

ସରକାରୀ ବାଳିକା ସ୍କୁଲ କାନ୍ଥକୁ ଲାଗି ଭେଣ୍ଡିଂ ଜୋନ୍ କରି ବାହାର ଫଳ ଦୋକାନୀଙ୍କୁ ଥଇଥାନ କରିବାକୁ ଏଭଳି ପଦକ୍ଷେପ ଅତ୍ୟନ୍ତ ନିନ୍ଦନୀୟ। ଏଣୁ ଏହାର ବିଚାର କରି ପଦକ୍ଷେପ ନିଆଯାଉ, ନଚେତ୍ ପିଲାଙ୍କ ପାଠପଢ଼ା ବ୍ୟାହତ ହେବ ବୋଲି କହିଛନ୍ତି ସ୍ଥାନୀୟ ସାମାଜିକ କର୍ମୀ ଦିଲୀପ କୁମାର ସାହୁ। ଥାନା ଛକ ନିକଟରେ ବହୁ ବେଆଇନ ଗୃହ ନିର୍ମାଣ, ରାସ୍ତା ଅବରୋଧ ଓ ସରକାରୀ ଜମି ଜବରଦଖଲ ଭଳି ଅଭିଯୋଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏବଂ ଉଚ୍ଛେଦ କରିବାରେ ବିଫଳ ପ୍ରଶାସନ ଏଭଳି ସ୍ଥାନରେ ଭେଣ୍ଡି ଜୋନ ନିର୍ମାଣ ପରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି।

## କଲ୍ୟାଣସିଂହପୁରରେ ୨୮ ଟିକିଆ ହାତୀପଲ : ଲୋକେ ଭୟଭୀତ



**କଲ୍ୟାଣସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ରେଞ୍ଜରେ ୨୮ ଟିକିଆ ହାତୀପଲ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ହାତୀପଲଙ୍କୁ ଦେଖି ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସିଙ୍ଗାରି ବିଟ୍‌ରେ ଦୁଇଟି ଓ ନିୟମଗିରି ଅଞ୍ଚଳର ଲାଖପଦର ଓ ଡଙ୍ଗାମାଟି ଗ୍ରାମ ଅଞ୍ଚଳରେ ଏହି ହାତୀମାନେ ବୁଲୁଥିବା ଦେଖିବାକୁ ମିଳିଛି। ହାତୀ ଲାଞ୍ଜିଗଡ଼ ରେଞ୍ଜ ଓ କଲ୍ୟାଣସିଂହପୁର ରେଞ୍ଜ ମଧ୍ୟରେ ବୁଲୁଥିବା ବେଳେ କିଛିଦିନ ତଳେ ଏକ ଛୋଟ ପିଲାକୁ ଶୁଣ୍ଢରେ ବୁଲାଇ ମାରିଦେଇ ଥିଲେ। ନିୟମଗିରି ପାହାଡ଼ରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ଗ୍ରାମରେ ପଶି ଫସଲ ନଷ୍ଟ, ପାଇପ ଉପାଡ଼ିବା ସହ ଘରେ ପଶି ଖାଦ୍ୟ ଶସ୍ୟ ନଷ୍ଟ କରି ଘର ଭାଙ୍ଗିଦେଇଥିଲେ। ଏହାକୁ ନେଇ କଲ୍ୟାଣସିଂହପୁର ବନବିଭାଗ ପକ୍ଷରୁ ବନପାଳ ଭଗବାନ ସାରକା, ବନରକ୍ଷୀ ତେଜସ୍ୱିନୀ ସାହୁ ସମେତ ହାତୀ ସ୍କ୍ୱାଡ୍ ଦଳ ଉକ୍ତ ଅଞ୍ଚଳରେ ପରିଦର୍ଶନ କରି ହାତୀକୁ ଘଉଡ଼ାଇଛନ୍ତି। ହାତୀଙ୍କୁ ବିରକ୍ତ ନ କରିବା ପାଇଁ ଲୋକଙ୍କୁ ସଚେତନ କରାଇବା ସହିତ ହାତୀ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ଲାଗି ପରାମର୍ଶ ଦେଇଛନ୍ତି।

## ରାସ୍ତାକଡ଼ରେ ଅସୁରକ୍ଷିତ ବାଉଁଶ ହୋର୍ଡିଂ ଉଠାଇବାକୁ ଦାବି

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ସହର ଗାନ୍ଧୀ ଛକ ନିକଟରେ ଦୀର୍ଘ ଦେଢ଼ ବର୍ଷ ହେବ ଏକ ଭଙ୍ଗା ହୋର୍ଡିଂ ରାସ୍ତାକଡ଼ରେ ରହିଥିଲେ ହେଁ ଉଠାଯାଉ ନ ଥିବାରୁ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଣୁ ତୁରନ୍ତ ହଠାଇଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ନଚେତ୍ ଦୁର୍ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି କହିଛନ୍ତି।

ପ୍ରକାଶ ଯେ, ଦେଢ଼ ବର୍ଷ ତଳେ ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ଫଟୋ ସ୍ୱାଗତ ଜଣାଇବାକୁ ମରାଯାଇଥିଲା। ତେବେ ଠିକା ନେଇଥିବା ସଂସ୍ଥା ଫଟୋ ନେଇ ପାର ହୋଇଗଲା କିନ୍ତୁ ଫଟୋ ଲାଗିଥିବା ବାଉଁଶଗୁଡିକୁ ଅଦ୍ୟାବଧି ଉଠା ଯାଉ ନ ଥିବାରୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହି ବାଉଁଶ ଉପରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗି ରହିଥିବାରୁ ବର୍ଷାଦିନରେ ବିଦ୍ୟୁତ୍ ଆଘାତ ଭୟ ରହୁଛି।

ସେହିପରି ଏହି ବାଉଁଶଗୁଡିକ



ସିଗନାଲ ଲାଇଟ୍ ପୋଷ୍ଟ ଆଗରେ ଥିବାରୁ ଗାଡ଼ି ଚାଳକ ଦୂରରୁ ଟ୍ରାଫିକ ସିଗ୍ନାଲ ଲାଇଟ୍ ଦେଖିପାରୁ ନାହାନ୍ତି। ଫଳରେ ଏହାକୁ ନେଇ ଅନେକ ସମୟରେ ଦୁର୍ଘଟଣା ପରିସ୍ଥିତି ଉପୁଜୁଛି। ସେହିପରି ବାଉଁଶଗୁଡ଼ିକ ଖରା, ବର୍ଷା ଓ କାକରରେ ପଡ଼ି ରହିଥିବାରୁ ନଷ୍ଟ ହୋଇ ଖସିପଡ଼ିବା ଆଶଙ୍କା ରହୁଛି। ଖସିପଡ଼ିଲେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି ବୋଲି ସ୍ଥାନୀୟ ସାମାଜିକ କର୍ମୀ ଦିଲ୍ଲୀପ କୁମାର ସାହୁ, ଅଶୋକ ଶର୍ମା, ପିଣ୍ଟୁ ଶର୍ମା, ନାଗେଶ୍ୱର ସେଠୀ ସମେତ ବହୁ ସ୍ଥାନୀୟ ଲୋକେ ମତବ୍ୟକ୍ତ କରି ଉଠାଇ ନେବାକୁ ଦାବି କରିଛନ୍ତି। ଏପରିକି ସହରରେ ଫୁଟ୍‌ପାଥ୍ ଉଚ୍ଛେଦ କାର୍ଯ୍ୟ ଚାଲିଥିଲେ ହେଁ ପୌର କର୍ମଚାରୀମାନେ ଏହାକୁ ଉଠାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଡ୍ୟୁଟି କରୁଥିବା ଟ୍ରାଫିକ୍ ପୋଲିସ, ଯିବା ଆସିବା କରୁଥିବା ପ୍ରଶାସନିକ ଅଧିକାରୀ ତଥା ପୌର ଅଧିକାରୀମାନଙ୍କ ଏଥିପ୍ରତି ନିଘା ନାହିଁ କିମ୍ବା ଉଠାଇ ରାସ୍ତା ଅବରୋଧମୁକ୍ତ କରିବା ନେଇ ଆନ୍ତରିକତା ପ୍ରଦର୍ଶନ ନ ଥିବାରୁ ସ୍ଥାନୀୟ ଲୋକ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା ଓ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଲକର୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ପିଲା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ବିଦ୍ୟାଳୟର ସମସ୍ତ ଶିଶୁମାନଙ୍କ ରୋଗ ଚିହ୍ନଟ ସହ ସେମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରା ଯାଇଥିଲା। ଓ ଶେଷରେ ଏକ ଯକ୍ଷ୍ମା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଡାକ୍ତର ସରୋଜ କୁମାର ପଟେଲ, ହୃଷିକେଶ ମିଶ୍ର ଫାର୍ମାସିଷ୍ଟ ଓ ଶୁଭଲକ୍ଷ୍ମୀ ବାଘ ମହିଳା ସ୍ୱାସ୍ଥ୍ୟକର୍ମୀ ଯୋଗଦାନ କରି ଥିଲେ ଓ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରା ଓ ଶିକ୍ଷକ ଦୟାନିଧି ପଧାନ, ବିକ୍ରମ କୁମାର ନନ୍ଦ ସହଯୋଗ କରିଥିଲେ।

## ବେଆଇନ ବାଲି ପଥର ଟ୍ରକ୍ ଜବତ



**ସୋର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ସୋର ତହସିଲ, ଖଣି ବିଭାଗ ଓ ପୁଲିସ ଫୋର୍ସ ପକ୍ଷରୁ ମିଳିତ ଚଢ଼ଉ ହୋଇଛି। ରାତି ତମାମ ଏହି ଚଢ଼ଉ ହୋଇଥିଲା। ଜାତୀୟ ରାଜପଥ ୧୬ ତଳନଗରରୁ ବରଫକଳ ଛକ ମଧ୍ୟରେ ବେଆଇନ ବାଲି ଓ ପଥର ବୋଝେଇ ଟ୍ରକ୍ ଉପରେ ଚଢ଼ଉ ହୋଇଛି। ଏହି ସମୟରେ ବେଆଇନ ୧୦ଟି ପଥର ଟ୍ରକ, ୫ ବାଲି ଟ୍ରକ୍‌କୁ ପ୍ରଶାସନ ଜବତ କରିଛି। ଆନନ୍ଦପୁର ବୈତରଣୀ ନଦୀରୁ ବାଲେଶ୍ୱରକୁ ଆସୁଥିଲା ବେଆଇନ ବାଲି ଓ ମହୁମୁହାଣ ଖଞ୍ଜାମାହାଲରୁ ବେଆଇନ ପଥର ଚାଲାଣ ବେଳେ ମାଡ଼ି ବସିଲା ପ୍ରଶାସନ। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ଉ ପରେ ମଧ୍ୟ ସୁଧୁରୁ ନାହାନ୍ତି ପଥର ଓ ବାଲି ମାଫିଆ। ବିଳମ୍ବିତ ରାତିରେ ପ୍ରଶାସନ ଚଢ଼ଉ କରିବା ପରେ ମାଫିଆମାନେ ଛତ୍ରଭଙ୍ଗ ଦେଇଛନ୍ତି। ଚଢ଼ଉରେ ନେତୃତ୍ୱ ନେଇଥିଲେ ସୋର ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ।

## କମିଶନରେଟ ପୋଲିସ ପକ୍ଷରୁ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**



କମିଶନରେଟ ପୋଲିସ ତରଫରୁ ଚୌଦ୍ୱାରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନା ପକ୍ଷରୁ କପାଳେଶ୍ୱରସ୍ଥିତ ପୌର କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ଡିସିପି ରିଷିକେଶ ଦ୍ୟାନ୍‌ଦେଓ ଖିଲାରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଡ଼ିସନାଲ ଡିସିପି ରଞ୍ଜିତ୍ ପୃଷ୍ଟି ଓ ଏସିପି ଅରୁଣ ସ୍ୱାଇଁଙ୍କ ସମେତ କଟକ କମିଶନରେଟ ପୋଲିସର ବହୁ ଅଧିକାରୀ ଓ କର୍ମକର୍ତ୍ତା ଏହି ଶିବିରରେ ଅଂଶ ଗ୍ରହଣ କରିବା ସହିତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଚୌଦ୍ୱାର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସାରାଦିନ ବ୍ୟାପୀ ଆୟୋଜିତ ଏହି ଶିବିରରୁ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଆଶୁତୋଷ ଦାସ, ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ମ୍ୟାନେଜର ମାନସ ବସନ୍ତିଆ, ରକ୍ତଦାତା ରାଜକିଶୋର ସାମନ୍ତରାୟ ପ୍ରମୁଖ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଚୌଦ୍ୱାର ଥାନା ଇନ୍ସପେକ୍ଟର ସରସ୍ୱତୀ ସାହୁ, ନିରଞ୍ଜନ ଭୋଇ, ସିଦ୍ଧାର୍ଥ ଜାଲି, ରଜତ ଭୁୟାଁ, ଶରତ ସାହୁ, ପବିତ୍ର ବେହେରା, ଦେବ ସେଠୀପ୍ରମୁଖଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶାରେ ବଢ଼ିଛି ଶିଶୁ ନିଖୋଜ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବାବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ୬୫୯, ଗଞ୍ଜାମରେ ୩୧୩, ଜଗତ୍ ?ସିଂହପୁରରେ ୨୫୭, ଯାଜପୁରରେ ୩୩୦, ଝାରସୁଗୁଡ଼ାରେ ୩୮୦, କଳାହାଣ୍ଡିରେ ୧୩୨, କନ୍ଧମାଳରେ ୪୩୭, କେନ୍ଦ୍ରାପଡ଼ାରେ ୧୭୮ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ସେହିପରି କେନ୍ଦୁଝରରେ ୩୭୪, କୋରାପୁଟରେ ୫୭୬, ମାଲକାନଗିରିରେ ୩୦୫, ମୟୂରଭଞ୍ଜରେ ୩୪୩, ନବରଙ୍ଗପୁରରେ ୨୯୦, ନୟାଗଡରେ ୪୫୩, ନୂଆପଡାରେ ୩୬୦, ପୁରୀରେ ୫୯୫, ରାୟଗଡ଼ାରେ ୨୩୧, ସମ୍ବଲପୁରରେ ୨୪୧, ସୁବର୍ଣ୍ଣପୁରରେ ୬୨୦ ଓ ସୁନ୍ଦରଗଡ଼ରେ ୨୮୧ଜଣ ଶିଶୁ ନିଖୋଜ ହୋଇଛନ୍ତି।

ଅପରପକ୍ଷରେ ଅନୁଗୋଳରେ ୨୦୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ବଲାଙ୍ଗୀରରେ ୨୩୯, ବାଲେଶ୍ୱରରେ ୧୧୪, ବରଗଡରେ ୧୭୮, ଭଦ୍ରକରେ



୩୫୧, ବୌଦ୍ଧରେ ୪୦୭, କଟକରେ ୩୫୦, ଦେବଗଡ଼ରେ ୧୫୫, ଢେଙ୍କାନାଳରେ ୨୦୧, ଗଜପତିରେ ୭୧୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମରେ ୫୧୬, ଜଗତ୍‌ସିଂହପୁରରେ ୧୩୦, ଯାଜପୁରରେ ୧୪୦, ଝାରସୁଗୁଡ଼ାରେ ୨୮୨, କଳାହାଣ୍ଡିରେ ୭୦, କନ୍ଧମାଳରେ ୧୫୦, କେନ୍ଦ୍ରାପଡ଼ାରେ ୧୨୫, କେନ୍ଦୁଝରରେ ୧୭୩, ଖୋର୍ଦ୍ଧାରେ ୫୭୬, କୋରାପୁଟରେ ୧୩୫, ମାଲକାନଗିରିରେ ୨୦୫, ମୟୂରଭଞ୍ଜରେ ୨୭୩, ନବରଙ୍ଗପୁରରେ ୨୨୯, ନୟାଗଡ଼ରେ ୨୨୨, ନୂଆପଡ଼ାରେ ୩୭୨, ପୁରୀରେ ୮୧୯, ରାୟଗଡ଼ାରେ ୮୫, ସମ୍ବଲପୁରରେ ୧୭୫, ସୁବର୍ଣ୍ଣପୁରରେ ୬୧୮ ଏବଂ ସୁନ୍ଦରଗଡ଼ଜିଲାରେ ୧୫୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ପ୍ରଭାତୀ ଗୃହରେ ତଥ୍ୟ ରଖିଛନ୍ତି।

ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କ କହିବା କଥା, ସରକାରଙ୍କ ନିଖୋଜ ପିଲାଙ୍କ ଉଦ୍ଧାର ନେଇ ସ୍ପଷ୍ଟ ଆଭିମୁଖ୍ୟ ସହ ନିର୍ଦ୍ଦେଶନାମା ନ ରହିଲେ ତଳସ୍ତରରେ ଥିବା ଅଫିସର କିମ୍ବା କର୍ମଚାରୀ ମାନେ ତାହାକୁ ଅନୁପାଳନ କରିବେ ନାହିଁ। ପ୍ରଶାସନିକସ୍ତରରେ ଥିବା ଅଧିକାରୀମାନେ ଶିଶୁ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଆଦିଙ୍କ ବିରୋଧରେ ହେଉଥିବା ଅପରାଧ ଘଟଣା, ସେମାନଙ୍କ ପାଇଁ ଏକ ପ୍ରସଙ୍ଗ ହେଉନାହିଁ। ସେମାନଙ୍କ ମଧ୍ୟରେ ମାନବିକ ସମ୍ବେଦନଶୀଳତାର ଘୋର ଅଭାବ ରହିଛି। ସେହିପରି ଥାନାକୁ ନାବାଳକ ଓ ନାବାଳିକା ନିଖୋଜ ଏତଲା ନେଇ ଯାଉଥିବା ଲୋକମାନଙ୍କୁ ଥାନା ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏଯାଏ ଥାନାର ପରିବେଶ ବଦଳି ନ ଥିବା ବେଳେ ପୋଲିସ ମଧ୍ୟ ପିପୁଲ୍ସ ଫ୍ରେଣ୍ଡ୍‌ଲି ହୋଇପାରୁ ନାହିଁ ବୋଲି କାନୁନ୍‌ଗୋ କହିଛନ୍ତି।

## ୮୫ ଯୁବକ-ଯୁବତୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ଉନ୍ନୟନ ବିଭାଗ ଦ୍ୱାରା ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୯ଗୋଟି କମ୍ପାନୀ (ପିଆଇଏ) ଦ୍ୱାରା ଜିଲ୍ଲାର ୫ ଗୋଟି ବ୍ଲକରୁ ୮୫ ଜଣ ଯୁବକ, ଯୁବତୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଙ୍ଗଳ ଅଧିକାରିଣୀ ରଶ୍ମି ମୁରୀ ପ୍ରଧାନ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶୁଭ୍ରଜିତ ରାଉତ, ରଶ୍ମି ଦେବୀ, ବିଶ୍ୱଜିତ୍ ରଥ, ପୂଜାରିଣୀ ସ୍ୱାଇଁ, ପ୍ରଦିପ ଦାସ, ଉମେଶ ଚନ୍ଦ୍ର ମାହାଳି, ସୁଦାମ ଚରଣ ମିକ, ସଂଗ୍ରାମ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବଳରାମ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତ୍ରପୁରରେ ଡିସେମ୍ବର ୨୩ରୁ ଧାନକିଣା ଆରମ୍ଭ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଗୋପାଳପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଜିଲ୍ଲାର କିପରି ସମସ୍ତ ପଞ୍ଜୀକୃତ ଚାଷୀମାନଙ୍କଠାରୁ ସୁରଖୁରରେ ଧାନ ସଂଗ୍ରହ ହେବ ସେଥିପ୍ରତି ପଦକ୍ଷେପ ନିଆଯିବ। ମିଲର, ଚାଷୀ ଓ ପ୍ୟାକସ ଉତ୍ତମ ସମନ୍ୱୟ ରଖି ସମସ୍ତ ଚାଷୀଙ୍କ ଧାନ କିଣାଯିବ। ଜିଲ୍ଲାର ସମସ୍ତ ମଣ୍ଡିରେ ଚାଷୀଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା ସୁଯୋଗର ବ୍ୟବସ୍ଥା ରହିବ। କାଗଜ କଲମରେ କାର୍ଯ୍ୟକାରୀ ନ କରି ବାସ୍ତବତା ମଧ୍ୟରେ ମଣ୍ଡିଗୁଡ଼ିକରେ ଚାଷୀଙ୍କୁ ସମସ୍ତ ସୁବିଧା ଉପଲବ୍ଧ ରହିବ। ରାଜ୍ୟ ସରକାରଙ୍କ ଧାନର ମୂଲ୍ୟ ସହ ୮୦୦ ଟଙ୍କା ବୋନସ୍ ଘୋଷଣା ପରେ ଜିଲ୍ଲାରେ ଗଲାବର୍ଷ ଚାଷୀଙ୍କ ମେରୁଦଣ୍ଡ ସଳଖ ହୋଇପାରିଛି। ଜିଲ୍ଲା ତଥା ରାଜ୍ୟରେ ଚାଷୀ ଚାଷ କରିବା ପାଇଁ ଉତ୍ସାହ ରହିଛନ୍ତି। ଚଳିତ ବର୍ଷ ମଧ୍ୟ ଗଲାବର୍ଷଠୁ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଜିଲ୍ଲାରେ ଆହୁରି ଭଲ ରହିବ। ଗଞ୍ଜାମ ଜିଲ୍ଲାରେ ଡିସେମ୍ବର ୨୩ରୁ ଚାଷୀଙ୍କଠାରୁ ଧାନ ସଂଗ୍ରହ ହେବ। ଯଦି ଚାଷୀଙ୍କ ଧାନ ଅମଳକୁ ଦୃଷ୍ଟିରେ ଯେଉଁ ଅଞ୍ଚଳରେ ଧାନ ବିକ୍ରି ପାଇଁ ଚାଷୀ ଆଗୁଆ ଉତ୍ସାହ ଅଛନ୍ତି ତାହାକୁ ନେଇ ମଧ୍ୟ ପଦକ୍ଷେପ ନିଆଯିବ। ବିଶେଷ କରି ଜିଲ୍ଲାରେ ଖଣି ପକା ଧାନ ପାଇଁ ଯେଉଁ ସ୍ୱତନ୍ତ୍ର ପରିଚୟ ଥିଲା ତାହାକୁ ଫେରାଇବା ନିମନ୍ତେ ଚାଷୀ ଓ ମିଲରମାନେ ଉଦ୍ୟମ କରାଗଲେ ଭଲ ହେବ ଏଥିପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।

ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ଅଧିକ ଚାଷୀ ଧାନ ବିକିବା ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହି ବର୍ଷ ପଞ୍ଜୀକୃତ ଚାଷୀମାନଙ୍କ ମଧ୍ୟରୁ ଯୋଗ୍ୟ ଚାଷୀଙ୍କ ତର୍ଜମା ପ୍ରକ୍ରିୟା ଚାଲୁ ରହିଛି। ଜିଲ୍ଲାରେ ଚଳିତ ବର୍ଷ ୩୬୬ଟି ପ୍ୟାକ୍ସ, ଗୋଟିଏ ପାଣି ପଞ୍ଚାୟତ ଏବଂ ୧୦୯ଟି ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଧାନ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାରେ ଗଲାବର୍ଷ ୬୦ ଲକ୍ଷ ୫୮ ହଜାରୁ ଅଧିକ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଏହିବର୍ଷ ୬୪ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ପଞ୍ଜିକୃତ ଚାଷୀଙ୍କ ଠାରୁ ୩୬ ଲକ୍ଷ ୫୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି।

## ଭୂତ କୋଠି ପାଲଟିଛି ବ୍ରହ୍ମବରଦା ଟେଲିଫୋନ ଏକ୍ସଚେଞ୍ଜ : ମୋବାଇଲ ସେବା ଠପ୍

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଦୂରସଞ୍ଚାର ଭାରତ ସରକାରଙ୍କ ଏକ ଅଙ୍ଗ। ଦିନ ଥିଲା ହଜାର ହଜାର ଗ୍ରାହକ ଟେଲିଫୋନ ଉପରେ ଭରସା କରିଥିଲେ। ଦିନ ବଦଳିବା ସହିତ ଏବେ ଡିଜିଟାଲରେ ସମୟ ପହଞ୍ଚିଛି। ଆଲୋଡ଼ା ହୋଇପଡ଼ିଛି ଟେଲିଫୋନ ଓ ଏହାର କାର୍ଯ୍ୟାଳୟ। ବହୁ ସ୍ଥାନରେ ଟେଲିଫୋନ ଏକ୍ସଚେଞ୍ଜ ଭୂତ କୋଠିରେ ପରିଣତ ହେଲାଣି। ସ୍ଥାୟୀ ରକ୍ଷଣା ବେକ୍ଷଣ ଉପରେ ସରକାରଙ୍କ ଆନ୍ତରିକ ଓ ଦୂରଦୃଷ୍ଟି ଅଭାବରୁ ଏଭଳି ଅବସ୍ଥାରେ ପହଞ୍ଚିଥିବା ଗ୍ରାହକ ମହଲରେ ଆଲୋଚନା ହେଉଛି ଏବଂ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଅଚଳ ହୋଇ ପଡ଼ିଲାଣି। ଚଣ୍ଡିଖୋଲ ଟେଲିଫୋନ ଏକ୍ସଚେଞ୍ଜ ଅଧିନରେ ରସୁଲପୁର ବ୍ଲକ ବ୍ରହ୍ମବରଦା ଟେଲିଫୋନ କାର୍ଯ୍ୟ କରୁଥିଲା। ସେତେବେଳେ ଲ୍ୟାଣ୍ଡ ଲାଇନ ଯୋଗେ ଘରଘର ସଂଯୋଗ ଦିଆଯାଇଥିଲା। ଗ୍ରାହକ ବଢିବା ସାଙ୍ଗକୁ ଚଣ୍ଡିଖୋଲ ଏକ୍ସଚେଞ୍ଜ ଉପରେ ସମସ୍ୟା ଦେଖାଯିବାରୁ ବ୍ରହ୍ମବରଦାଠାରେ ଏକ ନୂତନ ଏକ୍ସଚେଞ୍ଜ କରାଯାଇଥିଲା। ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦରେ ଏଠାରେ ବିରାଟ ଗୃହ ନିର୍ମାଣ କରାଯିବା ସହିତ ବହୁ ଅତ୍ୟାଧୁନିକ ଯନ୍ତ୍ରାଂଶ ବସାଯାଇଥିଲା। ଏପରିକି ଲୋକେ ବିଲ୍ ପୈଠ ପାଇଁ ଘଣ୍ଟା ଘଣ୍ଟା ଧରି ପୋଷ୍ଟ ଅଫିସରେ ଧାଡ଼ିବାନ୍ଧି ଅପେକ୍ଷା କରି ରହୁଥିଲେ। ପରେ ସରକାର ଏହି ସେବା ଉପରେ ଗୁରୁତ୍ୱ ନ ନେଇ ଘରୋଇ କରଣରେ ପରୋକ୍ଷରେ ସହଯୋଗ କଲେ। ଫଳରେ ଏହି ସଂସ୍ଥା ଏବେ ଅଚଳ ହୋଇପଡ଼ିଛି। ବାରମ୍ବାର ଅଚଳ ହେବା ପରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏବେ ଏହି ଏକ୍ସଚେଞ୍ଜର ବହୁ ଯନ୍ତ୍ରାଂଶ ଅଚଳ ହୋଇପଡ଼ିଛି ଏବଂ ଏହାର ଚର୍ତୁପାର୍ଶ୍ୱ ଗଛଲତାରେ ପରିପୂର୍ଣ୍ଣ ହେଲାଣି। ସ୍ଥାୟୀ ରକ୍ଷଣା ବେକ୍ଷଣ ହେଉନାହିଁ। ଅବିଭକ୍ତ ବ୍ରହ୍ମବରଦା ହେଉଛି ଏକ ମୁଖ୍ୟ ବ୍ୟବସାୟର ମୁଖ୍ୟ କେନ୍ଦ୍ରସ୍ଥଳ ଭାବେ ବେଶ୍ ପରିଚିତ ଥିବାବେଳେ ଏଠାରେ ବହୁ ସଂଖ୍ୟାରେ ଲୋକେ ଦେଶ ବିଦେଶରେ ରହିଆସୁଛନ୍ତି। ଫଳରେ ସେମାନଙ୍କସହ ଯୋଗାଯୋଗ ସହ ଟେଲିଫୋନ ମାଧ୍ୟମରେ ଏହା ସମ୍ଭବ ନ ହେବାରୁ ଲୋକେ ଘରୋଇ ମୋବାଇଲ ସେବା ଉପରେ ଗୁରୁତ୍ୱ ଦେଲେ। ଏହାର ବିକଳ୍ପ ଭାବେ ଏବେ ମୋବାଇଲ ସେବା ଉପରେ ଭରସା କରିଥିଲେ। ଟାୱାର ଥାଉ ବିଏସଏନଏଲ ସେବା ଅଚଳ ରହୁଛି। ବହୁ ସମୟରେ ଅନେକ ସ୍ଥାନରେ ନେଟ୍ ୱାର୍କ ନ ଥିବା ବେଳେ ଜରୁରୀ ସମୟରେ କାହାରି ସହ ଯୋଗାଯୋଗ ହୋଇପାରୁନଥିବା ଦେଖିବାକୁ ମିଳୁଛି। ମୋବାଇଲ ସେବା ପାଇବାର ବଞ୍ଚିତ ହେଉଛନ୍ତି ଉପଭୋକ୍ତା। ମୋବାଇଲ ସେବା ସବୁ ବେଳେ ନେର୍ଟୱାର୍କ ଫେଲ୍ ହେବା ଫଳରେ ବହୁ ସମୟରେ ମୋବାଇଲ ଅଚଳ ରହୁଛି। ଯାହାକୁ ନେଇ ଗ୍ରାହକମାନେ ସରକାରୀ ସେବାରୁ ବଞ୍ଚିତ ହେଉଥିବାରୁ ବେସରକାରୀ ସଂସ୍ଥା ଆଡ଼କୁ ମୁହଁ ବଳାଉଛନ୍ତି। ଗ୍ରାହକମାନେ ଭାରତ ସରକାରଙ୍କ ଏହି ସେବାରୁ ନିବୃତ୍ତ ରହିବା ସହ କାହା ନିକଟରେ ଅଭିଯୋଗ କରିବେ ତାହା ସମ୍ଭବପର ହେଉନାହିଁ।




— କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ସମୀକ୍ଷା —

# ଚାଷୀ ପଞ୍ଜିକରଣ ଓ ଧାନ ପରବର୍ତ୍ତୀ ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ଚାଷୀ ପଞ୍ଜିକରଣ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପାଦନ କରିବା ସହ ଧାନ ଅମଳ ପରେ, ପରବର୍ତ୍ତୀ ଫସଲ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସାକସେନା ଗୁରୁତ୍ୱ ଦେଇଛନ୍ତି। ନିର୍ଦ୍ଦେଶକ ସାକସେନା ଭଦ୍ରକ ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା କୃଷି ବିଭାଗର ବିଭିନ୍ନ ଯୋଜନାକୁ ସମୀକ୍ଷା କରିଥିଲେ। ଜିଲ୍ଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଡିଆରସିଏସ୍ ଦୁଖିଆ ଟୁଡୁ, ମାର୍କଫେଡ୍ ଏରିଆ ମ୍ୟାନେଜର ରାଜକିଶୋର ଦାସଙ୍କ ସହ ୭ଟି ବ୍ଲକ୍‌ର କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଯୋଗଦେଇଥିଲେ। ମୁଖ୍ୟତଃ ଜିଲ୍ଲାରେ ଚାଲିଥିବା ପ୍ରକୃତ ଚାଷୀଙ୍କ ଚିହ୍ନଟ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ପଞ୍ଜିକରଣ ସମୟରେ ପଞ୍ଚାୟତ ଓ ଗାଁ ମାନଙ୍କରେ କ୍ୟାମ୍ପ କରି ଆର.ଆଇ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ଚାଷୀମାନଙ୍କ ସହାୟତାରେ ତ୍ରୁଟିଶୂନ୍ୟ ଭାବେ ପଞ୍ଜିକରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲାରେ ଧାନ ଅମଳ ପରେ ପରବର୍ତ୍ତୀ ଫସଲ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଚଳିତ ୨୦୨୫-୨୬ରେ ରବିରେ ଜିଲ୍ଲାରେ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବା ବିଭିନ୍ନ ଫସଲ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ଚଳିତ ରବିରେ ସନ୍‌ଫ୍ଲାୱାର୍ ୩ ଶହ ହେକ୍ଟରରେ ଚାଷ କରାଯିବା ସହ ଚିନା ବାଦାମ୍ ୨ ଶହ ହେକ୍ଟର, ସୋରିଷ ୧୨ ଶହ ହେକ୍ଟର ଓ ରାଶି ୨ ଶହ ହେକ୍ଟର ମୋଟ୍ ୧୯ ଶହ ହେକ୍ଟରରେ ତୈଳବୀଜ ଓ ୧୮ ହଜାର ହେକ୍ଟରରେ ମୁଗ, ବିରି ଡାଲିଜାତୀୟ ଚାଷ ହେବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ସେହିପରି ଡିଜିଟାଲ୍ କ୍ରପ୍ ସର୍ଭେ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ସହ ନମୁନା ମାଟି ସଂଗ୍ରହ ଓ ତାର ପରୀକ୍ଷା ସଠିକ୍ କରିବାକୁ ପରାମର୍ଶ ଦେଇଥିଲେ। ଏବଂ ଜିଲ୍ଲାରେ ବିହନ ଆବଣ୍ଟନ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ଚାଷୀମାନଙ୍କୁ ସହଜ ଓ ସୁବିଧାରେ କିପରି ଉନ୍ନତମାନର ସାର ଉପଲବ୍ଧ ହେବ, ତାହା ଉପରେ ଗୁରୁତ୍ୱ ଦେଇଥିଲେ। ସିଏମ୍ କିସାନ ଯୋଜନାରେ କୃଷକମାନଙ୍କର ପଞ୍ଜିକରଣ କାର୍ଯ୍ୟ ଶୀଘ୍ର ସାରିବାକୁ କହିଥିଲେ।

# ରାଉରକେଲାରେ ଘନ କୁହୁଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଉରକେଲାରେ ସକାଳେ ଘନ କୁହୁଡ଼ି ଦେଖାଯାଇଥିବା ବେଳେ ଭବାନୀପାଟଣାରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିଥିଲା। ସେହିପରି ଭବାନୀପାଟଣାରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା । ଯାହାର ଦୃଶ୍ୟମାନ ଦୂରତା ୨୦୦ରୁ ୫୦୦ ମିଟର ମଧ୍ୟରେ ରହିଥିଲା । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଯଦିଓ ବୈଷୟିକ ଜ୍ଞାନ କୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନସ୍ଥାପନ କରିପାରିବନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି ତେବେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେବି ସମାନୁଭୂତି, ନୈତିକ



ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ୨-ଦିନିଆ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନ ଅବସରରେ କହିଛନ୍ତି। ସମାରୋହରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତର ଯୋଗଦେଇଥିବା ବେଳେ ତାଙ୍କୁ ଏହି ଅବସରରେ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଖତରଙ୍କୁ ଏକ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟ ମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା, ସର୍ଜନଶୀଳତା ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ। ତୃତୀୟ ସୋଆ ସାହିତ୍ୟ ଉତ୍ସବ ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜର୍‌ଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହି ସାହିତ୍ୟ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହି ଉତ୍ସବରେ ସାରା ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇ ଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

# ଜାତୀୟ ରାଜ ପଥ ଗୋପଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜ ପଥ ଗୋପଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି । ଜିଲ୍ଲାର ଅନ୍ୟତମ ବରିଷ୍ଠ ପରିବାହକ ଭାବେ ପରିଚିତ ଗୋପ ହାଟର ଶହ ଶହ ବ୍ୟବସାୟୀ ଜାତୀୟ ରାଜପଥ ଉପରେ ବସି ବ୍ୟବସାୟ କରିଆସୁଥିଲେ । ଯାହାଫଳରେ ଜାତୀୟ ରାଜ ପଥରେ ଯାତାୟାତ କରୁଥିବା ବଡ ବଡ ଆଇରନ୍ ଟ୍ରକ୍, ଟ୍ୟାଙ୍କର ଏବଂ ପାରାଦ୍ୱୀପ ପୋର୍ଟକୁ ନେଇ ଯାଉଥିବା ସାମଗ୍ରୀ ଗୁଡିକୁ ଗାଡି ଚଳାଚଳାରେ



ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲା । ଏଥିସହିତ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକ ଆହତ ହେବା ସହ ପ୍ରାଣ ହରାଉଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବିବାର ସକାଳେ ପୋଲିସ ସହାୟତା ଓ ଡାକବାଜି ଯନ୍ତ୍ର ଯୋଗୁ ବ୍ୟବସାୟୀ ମାନଙ୍କୁ ଜାତୀୟ ରାଜପଥରୁ ହଟାଯାଇ ବଜାର କମିଟି ଦ୍ୱାରା ନିର୍ମାଣ କରାଯାଇଥିବା ହାଟ ଭିତରକୁ ପଠାଯାଇଛି । ଏଥିସହିତ ଜାତୀୟ ରାଜପଥରେ ଛିଡା କରୁଥିବା ଟ୍ରକ୍ ଗୁଡିକୁ ମଧ୍ୟ ସେଠାରୁ ହଟାଯାଇଛି। ବ୍ୟବସାୟୀମାନେ ଜାତୀୟ ରାଜପଥକୁ ମାଡି ବ୍ୟବସାୟ କରୁଥିବାରୁ ଯାତାୟାତ କରୁଥିବା ଟ୍ରକ୍, ଆମ୍ବୁଲାନ୍ସ, ଦମକଳ ଗୁଡିକ ଘଣ୍ଟା ଘଣ୍ଟା ଧରି ଛିଡାହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା। ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ବ୍ୟବସାୟୀ ମାନଙ୍କୁ ସଚେତନ କରାଯାଇଛି ଯେ ପୁନର୍ବାର ଜାତୀୟ ରାଜପଥ କଡରେ ବସିବେ ନାହିଁ।

# ତ୍ରିଭାଷୀ ଗଣମାଧ୍ୟମ ପଦକୋଷ କମିଟିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଗୁରୁତ୍ୱ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବୈଜ୍ଞାନିକ ଓ ବୈଷୟିକ ପଦାବଳୀ ଆୟୋଗ (କମିଶନ୍ ଫର୍ ସାଇଣ୍ଟିଫିକ୍ ଏଣ୍ଡ ଟେକ୍ନିକାଲ୍ ଟର୍ମିନୋଲୋଜି) ପକ୍ଷରୁ ଗଣମାଧ୍ୟମରେ ବ୍ୟବହାର ନିମନ୍ତେ ତ୍ରିଭାଷୀ ମୌଳିକ ପଦକୋଷ (ଇଂରାଜୀ-ହିନ୍ଦୀ-ଓଡ଼ିଆ) ପ୍ରସ୍ତୁତି ନିମନ୍ତେ ଏକ ଅଭିନବ ଉଦ୍ୟମ ହାତକୁ ନିଆଯାଇଛି। ତଦନୁଯାୟୀ, ଛାପା, ବୈଦ୍ୟୁତିକ ଓ ଡିଜିଟାଲ୍ ଗଣମାଧ୍ୟମରେ ବ୍ୟବହାର ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଶବ୍ଦାବଳୀ ପ୍ରସ୍ତୁତ କରାଯାଉଛି। ବିଶେଷ କରି ଯେଉଁ ଶବ୍ଦଗୁଡ଼ିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି, ସେଥିରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ଏହା କରାଯାଉଛି। ୨୦୨୩ ମସିହାରେ ଏଥିପାଇଁ ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡିସେମ୍ବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ବୈଠକ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ। ସେଥିପାଇଁ ଏକ ଦଶଜଣିଆ ବିଶେଷଜ୍ଞ କମିଟି ଚୟନ କରାଯାଇଛି। ଉକ୍ତ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ ସ୍ଥାନ ପାଇଛନ୍ତି। ସେଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧକ୍ଷା ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରାଧ୍ୟାପକ ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରାଧ୍ୟାପକ ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷଜ୍ଞ କମିଟିରେ ସ୍ଥାନ ପାଇଥିବା ଦଶଜଣ ବିଷୟ ବିଶେଷଜ୍ଞ ହେଲେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋର ଉପନିର୍ଦ୍ଦେଶକ ବିରାଜ ଭୂଷଣ ମହାନ୍ତି, କିଟ୍ ସ୍କୁଲ୍ ଅଫ୍ ମାସ୍ କମ୍ୟୁନିକେସନ୍ ସହକାରୀ ପ୍ରାଧ୍ୟାପକ ଡ. ପ୍ରଦ୍ୟୁମ୍ନ ସାଥୁଆ, କଟକ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ ଡ. ଗୋପାଳକୃଷ୍ଣ ଦାଶ, ସହକାରୀ ପ୍ରାଧ୍ୟାପକ ଡ. ରୁଦ୍ରନାରାୟଣ ମହାପାତ୍ର, ପୂର୍ବତନ ସଂସ୍କୃତ ପ୍ରାଧ୍ୟାପକ ରଘୁନାଥ ପଣ୍ଡା, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜର ସାମ୍ବାଦିକତା ଓ ଗଣ ଯୋଗାଯୋଗ ସହକାରୀ ପ୍ରାଧ୍ୟାପକ ଡ. ହରିକ୍ରିଷ୍ଣ ବେହେରା, ମନୋରଞ୍ଜନ ପଣ୍ଡା, ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଅନ୍ତର୍ଗତ ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେସନ୍ ସହକାରୀ ପ୍ରାଧ୍ୟାପକ ଡ. ଜ୍ଞାନରଞ୍ଜନ ମିଶ୍ର ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସମ୍ମିତ ମିଶ୍ର। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋର ଉପନିର୍ଦ୍ଦେଶକ ବିରାଜ ଭୂଷଣ ମହାନ୍ତି ଏହାର ଆବାହକ ଅଛନ୍ତି ।

# ଅଙ୍ଗନବାଡ଼ି ଶିଶୁଙ୍କୁ ବୁଲା କୁକୁର ଓ ଗାଈ ଗୋରୁ ଆକ୍ରମଣ ଭୟ :ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅଙ୍ଗନବାଡ଼ି ଶିଶୁଙ୍କୁ ବୁଲା କୁକୁର ଓ ଗାଈ ଗୋରୁ ଆକ୍ରମଣ ଭୟ ନେଇ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ସବୁ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟ ସରକାର। ବୁଲା କୁକୁର ଓ ଗାଈ ଗୋରୁଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୩୧ ସୁଦ୍ଧା ସବୁ ଅଙ୍ଗନବାଡି କେନ୍ଦ୍ରରେ ବାଉଣ୍ଡରି ୱାଲ୍ ଓ ଫାଟକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ କୁକୁର କାମୁଡ଼ିଲେ କେମିତି ପ୍ରାଥମିକ ଚିକିତ୍ସା କରାଯିବ ସେ ନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ସଠିକ୍ ଭାବେ ବର୍ଜ୍ୟ ପରିଚାଳନା ପାଇଁ ପରାମର୍ଶ ଦିଆଯାଇଛି। କ୍ଷେତ୍ର ଅଧିକାରୀ ମାନେ ନିୟମିତ ଅଙ୍ଗନବାଡ଼ି କେନ୍ଦ୍ରକୁ ପରିଦର୍ଶନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏହି ନିର୍ଦ୍ଦେଶନାମାକୁ ଗୁରୁତର ସହ ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବିଶିଷ୍ଟ ସମାଜସେବୀଙ୍କ ବିୟୋଗରେ ଶୋକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଲକ୍ଷ୍ମୀସାଗର ଅଞ୍ଚଳର ବି.ଡି.ଏ କଲୋନୀ ଅଧିବାସୀ ସୁରେଶ ଚନ୍ଦ୍ର ମିଶ୍ରଙ୍କର ଗତ ୨୯ ତାରିଖ ମଧ୍ୟରାତ୍ରିରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ସେ ଓଡ଼ିଶା ସରକାରଙ୍କ ମଧୁସୂଦନ ଏକାଡେମୀ ଅନୁଷ୍ଠାନର ଜଣେ ସେକ୍‌ସନ୍ ଅଫିସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ବିଗତ କିଛିଦିନ ଧରି ସେ ଗୁରୁତର ଭାବେ ପୀଡ଼ିତ ଥିଲେ। ଅବସର ଗ୍ରହଣ ପରେ ଶ୍ରୀ ମିଶ୍ର ନାନାଦି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ସମଗ୍ର ଅଞ୍ଚଳରେ ଖୁବ୍ ଲୋକପ୍ରିୟ ଥିଲେ। ତାଙ୍କ ମୃତ୍ୟୁରେ ଲକ୍ଷ୍ମୀସାଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ। ସ୍ତ୍ରୀ, ପୁଅ-ବୋହୂ ଓ ଝିଅ-ଜ୍ୱାଇଁଙ୍କ ସମେତ ବନ୍ଧୁ କୁଟୁମ୍ବ ତାଙ୍କର ଶେଷ ଦର୍ଶନ କରିଥିଲେ।

# ରାଜଧାନୀରେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ପୁଣି ଲଜ୍ଜା । ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ। ଦୁଷ୍କର୍ମ ପରେ ଭିଡ଼ିଓ ଭାଇରଲ୍ ଧମକ। ଭିଡିଓ ଭାଇରାଲ୍ ଧମକ ଦେଇ ଟଙ୍କା ମାଗିଛନ୍ତି ଯୁବକ। ଅଭିଯୋଗ ପରେ ଭୁବନେଶ୍ୱରରୁ ଯୁବକଙ୍କୁ ଗିରଫ କରିଛି ମହିଳା ଥାନା ପୋଲିସ। ଅଭିଯୁକ୍ତ ବିଭୂତି ଭୂଷଣ ସେଠିକୁ ଗିରଫ କଲା ମହିଳା ଥାନା ପୋଲିସ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ ସଚେତନତା ରାଲି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ବିଶ୍ୱ ଏଡସ୍ ଦିବସ ପାଳନ କରିଥିବାବେଳେ ଯାତ୍ରୀ, କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ HIV/AIDS ପ୍ରତିରୋଧ ଏବଂ ପ୍ରତିକ୍ରିୟା ବିଷୟରେ ସଚେତନ କରିବା ପାଇଁ ସଚେତନତାମୂଳକ କାର୍ଯ୍ୟକଳାପ ଆୟୋଜନ କରିଥିଲା । ଏହି ଅବସରରେ ସକାଳେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା ଯେଉଁଥିରେ HIV/AIDS ସମ୍ବନ୍ଧରେ ପ୍ରମୁଖ ବାର୍ତ୍ତା ବହନ କରୁଥିବା ବ୍ୟାନର, ପୋଷ୍ଟର ଏବଂ ପ୍ଲାକାର୍ଡ ବ୍ୟବହାର କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡକ୍ଟର ସବିତା ସତପଥୀ ସକାଳେ ମଣ୍ଡଳ ରେଳ ହସ୍ପିଟାଲରୁ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସ୍ୱେଚ୍ଛାସେବୀ ମାନଙ୍କ ସମେତ ରେଳବାଇ ଚିକିତ୍ସା କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟ ରେଳ କର୍ମଚାରୀମାନେ ଏହି ସଚେତନତା ରାଲିରେ ଅଂଶଗ୍ରହଣ କରିଥିଲେ ଯାହା ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍‌ର ପ୍ଲାଟ୍‌ଫର୍ମ ଏବଂ ନିକଟବର୍ତ୍ତୀ ରେଳବାଇ ଆବାସିକ କଲୋନୀ ସମେତ ଖୋର୍ଦ୍ଧା ରୋଡ୍‌ର ପ୍ରମୁଖ ସାର୍ବଜନୀନ ଅଞ୍ଚଳଗୁଡ଼ିକୁ ପରିକ୍ରମା କରିଥିଲା । ଏହି ସଚେତନତା ରାଲି ବିଭିନ୍ନ




ସାର୍ବଜନୀନ ଯୋଗଦାନ ସ୍ଥାନ ମାନଙ୍କରେ ସଚେତନତା କରାଇବା ପରେ ମଣ୍ଡଳ ରେଳବାଇ ହସ୍ପିଟାଲ୍‌ରେ ସଚେତନ କାର୍ଯ୍ୟକ୍ରମ ଶେଷ କରିଥିଲା । ବିଶ୍ୱ ଏଡସ୍ ଦିବସ ପାଳନର ଏକ ଅଂଶ ଭାବରେ ମଣ୍ଡଳ ରେଳ ହସ୍ପିଟାଲ୍‌ର OPD କମ୍ପ୍ଲେକ୍ସରେ HIV/AIDS ସଚେତନତା ଉପରେ ଏକ ସେମିନାର ଏବଂ ଇଣ୍ଟରାକ୍ଟିଭ୍ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଡାକ୍ତର ଏବଂ ସ୍ୱାସ୍ଥ୍ୟ ବୃତ୍ତିଗତମାନେ HIV/AIDS ସହିତ ଜଡିତ ନିବାରଣ, ପ୍ରାରମ୍ଭିକ ଚିହ୍ନଟ, ଚିକିତ୍ସା ଏବଂ ସାମାଜିକ ବ୍ୟାଧି ସହିତ ଜଡିତ ପ୍ରମୁଖ ପ୍ରସଙ୍ଗଗୁଡ଼ିକର ଆଲୋଚନା କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିୟମିତ ସ୍ୱାସ୍ଥ୍ୟ ଅଭିଯାନ ଏବଂ ପ୍ରସାର ପଦକ୍ଷେପ ମାଧ୍ୟମରେ ଯାତ୍ରୀ, କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ଅଟେ ।

# ବରଗଡ଼ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ଶୁକ୍ରବାରରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାପରେ ଜିଲ୍ଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ମଣ୍ଡି ଖୋଲିଛି। ଗୁରୁବାର ରାତି ସୁଦ୍ଧା ଜିଲ୍ଲାରେ ପ୍ରାୟ ୭୭ ହଜାର ଚାଷୀଙ୍କ ପାଖକୁ ଧାନ ବିକ୍ରି ଟୋକନ୍ ପହଞ୍ଚିଛି। ବିଭିନ୍ନ ମଣ୍ଡିକୁ ବିକ୍ରି ପାଇଁ ଚାଷୀମାନେ ଧାନ ମଧ୍ୟ ଆଣିଛନ୍ତି। ହେଲେ କୌଣସି ମଣ୍ଡିରୁ ବସ୍ତାଟିଏ ମଧ୍ୟ ଧାନ ବିକ୍ରି ହୋଇନାହିଁ। ଅନ୍ୟପଟେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଏପର୍ଯ୍ୟନ୍ତ ମିଲର୍ସ ଏବଂ ଯୋଗାଣ ବିଭାଗ ମଧ୍ୟରେ ଚୁକ୍ତିନାମା ସୁଦ୍ଧା ହୋଇପାରି ନଥିବାବେଳେ ଧାନ କିଣାବିକା ପାଇଁ ରହିଥିବା ୱେବ୍‌ସାଇଟ୍ ମଧ୍ୟ ଖୋଲିନଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଧାନ ଦରକୁ ନେଇ ମଧ୍ୟ ଚାଷୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ପୂର୍ବରୁ ବିକ୍ରି କଲେ ଚାଷୀମାନେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ପାଉଥିଲେ। ତେବେ ଏଥର କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୯ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଚାଷୀମାନେ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପାଇବେ ବୋଲି ମନରେ ଆଶା ବାନ୍ଧିଛନ୍ତି। ମାତ୍ର ବିଭିନ୍ନ ମଣ୍ଡି ଫଳକରେ ଲେଖାଇଥିବା ଧାନ ଦର କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କାକୁ ନିଭାଇ ଦିଆଯାଇଛି। ଫଳରେ ଧାନଦର ନେଇ ମଧ୍ୟ ଚାଷୀମାନେ ସନ୍ଦିହାନରେ ରହିଛନ୍ତି। ଆରମ୍ଭରୁ ଏଭଳି ଅଚଳାବସ୍ଥା ଧାନ ସଂଗ୍ରହ ପ୍ରକ୍ରିୟାରେ ଅବହେଳା ଏବଂ ଅଚଳାବସ୍ଥାକୁ ପଦାରେ ପକାଇ ଦେଇଛି। ଏହାକୁ ନେଇ ଜିଲ୍ଲାରେ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ରବିବାର ସୁଦ୍ଧା ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ନହେଲେ ସୋମବାରରୁ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ବିଗତବର୍ଷ ଗୁଡ଼ିକୁ ଦେଖିଲେ ଏଥର ବହୁ ବିଳମ୍ବରେ ମଣ୍ଡି ଖୋଲିଛି। ଅନ୍ୟବର୍ଷ ଗୁଡ଼ିକରେ ନଭେମ୍ବର ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ମଣ୍ଡି ଖୋଲୁଥିଲା। ଏଥର କିନ୍ତୁ ଜିଲ୍ଲାରେ ନଭେମ୍ବର ମାସ ଶେଷ ସପ୍ତାହରେ ମଣ୍ଡି ଖୋଲିଛି। ତେବେ ମଣ୍ଡି ଖୋଲିବାର ଯଥେଷ୍ଟ ପୂର୍ବରୁ ପୂର୍ବବର୍ଷରେ ଟୋକନ୍ ମିଳୁଥିଲା। କିନ୍ତୁ ଏଥର ତାହା ମଧ୍ୟ ହୋଇପାରିନାହିଁ। ଶୁକ୍ରବାର ମଣ୍ଡି ଖୋଲୁଥିବା ବେଳେ ଗୁରୁବାର ରାତିରେ ଧର୍ମକୁ ଆଖିଠାର ଭଳି ଟୋକନ୍ ପ୍ରଦାନ କରାଯାଇଛି। ତେବେ ଯେଉଁମାନଙ୍କୁ ଟୋକନ୍ ମିଳିଛି, ଅଧିକାଂଶ ଚାଷୀଙ୍କ କ୍ଷେତ୍ରରେ ବିକ୍ରି ତାରିଖ ଡିସେମ୍ବର ୧୦ ତାରିଖରୁ ଉଲ୍ଲେଖ ରହିଥିବା ଚାଷୀମାନେ କହିଛନ୍ତି। ଏଭଳି ବିଳମ୍ବକୁ ନେଇ ଚାଷୀମାନେ ବାଧ୍ୟ ହୋଇ ବିଭିନ୍ନ ମଣ୍ଡିରେ ଧାନ ପୂରାଇଛନ୍ତି। ଗୋଡ଼ଭଗା ମଣ୍ଡିରେ ପ୍ରାୟ ୪୦ ହଜାର, ଅତାବିରା ମଣ୍ଡିରେ ୩୦ ହଜାର ଏବଂ କଳାପାଣି ମଣ୍ଡିରେ ୨୦ ହଜାର ବସ୍ତା ଧାନ ଚାଷୀମାନେ ଭର୍ତ୍ତି କରିସାରିଥିବା ସୂଚନା ମିଳିଛି। ଜିଲ୍ଲାର ଅନ୍ୟ କେତେକ ମଣ୍ଡି ଗୁଡ଼ିକରେ ମଧ୍ୟ ଚାଷୀମାନେ ଅନୁରୂପ ଭାବେ ଧାନ ପୂରାଇ ସାରିଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨।୧୨।୨୦୨୫, ମାର୍ଗଶିର ଦି୧୭ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ-** ଘ୬।୦୫।୩୬ **ଚନ୍ଦ୍ରୋଦୟ-** ଦିଘ୨।୩୭।୦୮
**ଦ୍ୱାଦଶୀ-** ଦିଘ୩।୫୭ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ରାଘ ୮।୫୧ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୩।୫୭ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୦ ଗତେ ଘ ୬।୫୨ ମଧ୍ୟେ । ଦିଘ ୮।୫୨ ଗତେ ଘ ୧୧।୧୪ ମଧ୍ୟେ। **ପର୍ବୋତ୍ସବ-** ବ୍ୟଞ୍ଜନ ଦ୍ୱାଦଶୀ, ଅନଙ୍ଗ ତ୍ରୟୋଦଶୀ।



**ମେଷ:** ଅଟକି ରହିଥିବା କାମ ଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଆବଶ୍ୟକତା ଠାରୁ ଅତ୍ୟଧିକ ଆୟ ହେବ। ପରିବାରରେ ଅଯଥା କଳହ ସୃଷ୍ଟି ଓ ପରେ ପଶ୍ଚାତାପର ଆଶଙ୍କା ମଧ୍ୟ ରହିଛି।




**ବୃଷ:** ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ। ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଦେଖାଦେବ। ଅହଂକାର ଦେଖାଦେବ। କାରବାରରେ ଲାଭବାନ୍ ହେବେ। ଆଳସ୍ୟ ପରାୟଣ ହେବେ। ପାରିବାରିକ ଶାନ୍ତି ଲାଭ ହେବ।



**ମିଥୁନ:** ପାରିବାରିକ ସମସ୍ୟାର ସମାଧାନ ଘଟିବାର ସମ୍ଭାବନା। ଦୂରଯାତ୍ରା କରି ଆନନ୍ଦ ପ୍ରାପ୍ତ ହେବ। ଆହାରେ ତୃପ୍ତି। ରୋଜଗାରରେ ଶିଥିଳତା। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ସୁଖ ଓ ସମ୍ମାନ ପ୍ରାପ୍ତ ହେବ।



**କର୍କଟ:** ଆଳସ୍ୟ ଓ ଅବହେଳା ଯୋଗୁ ସମସ୍ତ କାର୍ଯ୍ୟ ହାତରୁ ଚାଲିଯିବ। ଆଗପଛ ବିଚାର କରି କାର୍ଯ୍ୟ କରନ୍ତୁ। ବନ୍ଧୁ ମିଳନ ସହିତ ସୁ-ସମ୍ବାଦ ପ୍ରାପ୍ତିର ସୂଚନା। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଶାନ୍ତି ପ୍ରତିଷ୍ଠା ହେବ।




**ସିଂହ:** ଆତ୍ମୀୟ ସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ଟେନ୍‌ସନ୍ କିଛି ମାତ୍ରାରେ କମିଯିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ସମ୍ପାଦନ ହେବ। ରୋଜଗାର ମଧ୍ୟମ ହେବ।




**କନ୍ୟା:** ରୋଜଗାରରେ ବାଧା। କାର୍ଯ୍ୟ କ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା। ପାରିବାରିକ ଶାନ୍ତି ଅନୁଭବ କରିବେ। ଅପରାହ୍ନେ ସୌଜନ୍ୟ ପ୍ରାପ୍ତି। ବନ୍ଧୁମାନେ ସୁବିଧାବାଦୀ ଭଳି କାର୍ଯ୍ୟ କରିବେ।




**ତୁଳା:** ଶାରୀରିକ ସୁସ୍ଥତା ଅନୁଭବ କରିବେ। ଆୟ ଅପେକ୍ଷା ବ୍ୟୟ କମିବ। ଉତ୍ତମ ଭୋଜନ ପ୍ରାପ୍ତି। ଶୁଭ କାର୍ଯ୍ୟରେ ଯୋଗ ଦେବାର ସମ୍ଭାବନା। ନିଜ ଲୋକଙ୍କ ଠାରୁ ଆସ୍ଥା ହରାଇବାର ସମ୍ଭାବନା।



**ବିଛା:** ସମସ୍ୟା ଗୁଡ଼ିକର ସରଳ ସମାଧାନ କରିବେ। ଆପଣଙ୍କର ଦୁଃଖ ବନ୍ଧୁ ବୁଝିବେ। ଦୂରଯାତ୍ରା କରିବାର ସମ୍ଭାବନା ରହିଛି। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ପରିବାରରେ ସୁଖ ଶାନ୍ତି ଆନନ୍ଦ ପ୍ରତିଷ୍ଠା ହେବାର ସମ୍ଭାବନା।



**ଧନୁ:** କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ହଠାତ୍ ଦୂରଯାତ୍ରା କରିବାର ସମ୍ଭାବନା। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି। କର୍ମକ୍ଷେତ୍ରରେ ଅଗ୍ରଗତିର ସମ୍ଭାବନା। ଗୃହେ କଳହ।



**ମକର:** କର୍ମକ୍ଷେତ୍ରରେ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ ହେବ। ନିଜର ଅନିଚ୍ଛା ସତ୍ତ୍ୱେ ଭ୍ରମଣ କରିବାର ସମ୍ଭାବନା। ବନ୍ଧୁ ବାନ୍ଧବଙ୍କ ପରାମର୍ଶ ଗ୍ରହଣ କରିବେ। ଠକାମିର ଶିକାର ହେବେ। ରୋଜଗାରରେ ଉନ୍ନତି।



**କୁମ୍ଭ:** ନିଜର ଆଧିପତ୍ୟ ଜାହିର କରିବେ। ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କରିବେ। ପାରିବାରିକ ଶାନ୍ତି ଲାଭ ହେବ। ଦିନଟି ଭଲରେ ବିତିବ।



**ମୀନ:** କେତେକ ଦିଗରୁ ଚାପ ପ୍ରୟୋଗ ହୋଇପାରେ। ତଥାପି ଆପଣ ଭଲରେ ନିଜର କର୍ମ ସମ୍ପାଦନ କରି ଉଚ୍ଚ ଚିନ୍ତା ଧରି କଳ୍ପନା ରାଇଜରେ ଘୁରି ବୁଲିବେ। ଆୟ ମଧ୍ୟମ ହେବ। ଗୃହେ ଅଶାନ୍ତି।

# ଟିଉସନ୍ ଯାଉଥିବା ନାବାଳକଙ୍କୁ ଅପହରଣ ଉଦ୍ୟମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ପୁଣି ଥାର୍‌କୁ ନେଇ ଚର୍ଚ୍ଚା। ଟିଉସନ୍ ଯାଉଥିବା ନାବାଳକଙ୍କୁ ଥାର୍ ଗାଡ଼ିରେ ଅପହରଣ ଉଦ୍ୟମ ହୋଇଛି । ନାଲି ଥାର୍‌ରେ ଅପହରଣ ଉଦ୍ୟମ କରିଛନ୍ତି ଦୁର୍ବୃତ୍ତ। ନାବାଳକ ପୁଅକୁ ବଞ୍ଚାଇଲେ ବାପା। ଚନ୍ଦ୍ରଶେଖରପୁର ଶ୍ରୀ ବିହାରରେ ଘଟିଛି ଘଟଣା। ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କଲେ ବାପା। ଘଟଣାସ୍ଥଳରେ ଚନ୍ଦ୍ରଶେଖରପୁର ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୩।୧୨।୨୦୨୫, ମାର୍ଗଶିର ଦି୧୮ନ, ବୁଧବାର**
**ସୂର୍ଯ୍ୟୋଦୟ-** ଘ୬।୦୬।୧୪ **ଚନ୍ଦ୍ରୋଦୟ-** ଦିଘ୩।୨୫।୫୭
**ତ୍ରୟୋଦଶୀ-** ଦିଘ୧୨।୨୬ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ସଂଘ ୬।୦୧ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ରାଘ ୧୧।୧୩ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। ରାଘ ୧୧।୧୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। ରାଘ ୧୧।୧୩ ଗତେ ବିଛା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଏବଂ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧୨।୨୬ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୦ ଗତେ ଘ ୮।୨୦ ମଧ୍ୟେ । **ପର୍ବୋତ୍ସବ-** ପାଷାଣ ଚତୁର୍ଦ୍ଦଶୀ।

31 YEARS
ସମ୍ବାଦ କଳିକା

# ୧୫ ବର୍ଷରେ ବିଶ୍ୱରେ ଶତାୟୁଙ୍କ ସଂଖ୍ୟା ବଢ଼ିଛି ଦୁଇଗୁଣା

ବିଶ୍ୱରେ ୧୦୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶହେ ବର୍ଷରୁ ଅଧିକ ବଞ୍ଚୁଥିବା ଗ୍ଲୋବାଲ ଲିଷ୍ଟରେ ଜାପାନ ଏବେ ଶୀର୍ଷରେ ରହିଛି। ସେଠାରେ ଏ ଭଳି ୧୨୩,୩୩୦ ଲୋକ ରୁହନ୍ତି, ଯାହାଙ୍କ ବୟସ ଶହେ ବର୍ଷରୁ ଅଧିକ ହୋଇସାରିଛି। ଏହି ଲିଷ୍ଟରେ ଜାପାନ ପରେ ଆମେରିକାର ସ୍ଥାନ ରହିଛି। ଯେଉଁଠି ଏଭଳି ବୟସ୍କଙ୍କ ସଂଖ୍ୟା ୭୩,୬୨୯ ରହିଛି। ତୃତୀୟ ସ୍ଥାନରେ ଚୀନ୍ ଓ ଚତୁର୍ଥ ସ୍ଥାନରେ ଭାରତ ରହିଛି। ସଂଖ୍ୟା କହୁଛି ଯେ, ଚୀନରେ ୧୦୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୪୮,୫୬୬ ରହିଛି। ସେଭଳି ଭାରତରେ ଏହି ସଂଖ୍ୟା ୩୭,୯୮୮ ରହିଛି। ଟପ୍ ୫ଟି ଦେଶର ଲିଷ୍ଟରେ ପଞ୍ଚମ ସ୍ଥାନରେ ଫ୍ରାନ୍ସ ରହିଛି। ସେଠାରେ ୩୩,୨୨୦ ବୟସ୍କ ଶହେ ବର୍ଷରୁ ଉପରେ ରହିଛନ୍ତି। ଏହି ସଂଖ୍ୟା ବଦଳୁଥିବା ଲାଇଫଷ୍ଟାଇଲ୍, ସୁନ୍ଦର ହେଲଥ୍ କେୟାର ଓ ଅତ୍ୟାଧୁନିକ ଓ ସୁଲଭ ସ୍ୱାସ୍ଥ୍ୟ ସୁବିଧା ଦେଖାଉଛି, ଯାହାକି ଲୋକଙ୍କୁ ଗତ ପୀଢି ତୁଳନାରେ ଅଧିକ ବୟସ ପର୍ଯ୍ୟନ୍ତ ବଞ୍ଚିବାରେ ସାହାଯ୍ୟ କରୁଛି। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ, ୧୦୦ ବର୍ଷରୁ ଅଧିକ ବୟସ୍କ ଦେଶର ସୂଚୀରେ ଏହି ୫ଟି ଦେଶ ବ୍ୟତୀତ ବହୁ ଦେଶ ରହିଛି, ଯେଉଁଠି ୧୦୦ ବର୍ଷରୁ ଉପରୁ ଅଧିକ ଲୋକଙ୍କ ସଂଖ୍ୟା ବଢୁଛି। ଏଭଳି ଦେଶରେ ଇଟାଲୀ, ଋଷ, ଜର୍ମାନୀ, ୟୁନାଇଟେଡ୍ କିଙ୍ଗଡମ୍, ସ୍ପେନ୍, ଥାଇଲାଣ୍ଡ, କାନାଡା ଓ ଦକ୍ଷିଣ କୋରିଆ ରହିଛି। ଏହି ଦେଶରେ ଏଭଳି ବୟସ୍କ ସଂଖ୍ୟା ୧୧ ହଜାରରୁ ୨୩ ହଜାର ଭିତରେ ରହିଛି। ବୈଜ୍ଞାନିକଙ୍କ କହିବା ଅନୁସାରେ, ଦୁନିଆରେ ଏବେ ପୂର୍ବ ତୁଳନାରେ ଅଧିକ ଶହେ ବର୍ଷରୁ ଅଧିକ ବଞ୍ଚିଥିବା ଲୋକ ରହିଛନ୍ତି। ଗତ ୧୫ ବର୍ଷରେ ସାରା ଦୁନିଆରେ ଏମାନଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣା ବଢ଼ିଛି। ୨୦୦୯ ରେ ଏଭଳି ଲୋକଙ୍କ ସଂଖ୍ୟା ୪୫୫,୦୦୦ ଥିଲା, ଯାହାକି ୨୦୨୪ ରେ ବଢ଼ିକି ୯୩୫,୦୦୦ ହୋଇଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ଅନନ୍ତ ଚିନ୍ତନ

ନକାରା ସକାରମ୍ବରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚୀର୍ନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ଶିଳାଲେଖର ଭାଷା କଥା

ଭାଷା କଥା



ଡକ୍ଟର ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିବା ତଥା ଭାଷା ଆଧାରରେ ଭୌଗଳିକ ଭୂଖଣ୍ଡ ହୋଇଥିବା ଆମ ଓଡ଼ିଆ ଭାଷାର ପ୍ରାଚୀନତା, ସାରା ଭାରତରେ ଗବେଷକମାନଙ୍କୁ ଆକୃଷ୍ଟ କରି ଆସିଛି। ଏହି ପ୍ରାଚୀନତା ଆଧାରରେ ଆମ ଭାଷାକୁ ମିଳିଛି ଶାସ୍ତ୍ରୀୟ ଭାଷାର ମାନ୍ୟତା। ତାମିଲ୍, ସଂସ୍କୃତ, କନ୍ନଡ଼, ତେଲୁଗୁ ଓ ମାଲୟାଲାମ୍ ଭାଷା ପରେ ଓଡ଼ିଆ ଭାଷାକୁ ଏହି ଗୌରବ ମିଳିଛି। ପୋଥିରେ ଆମ ଭାଷାର ସ୍ୱାକ୍ଷର, ପଥରରେ ଆମ ଭାଷାର ଅକ୍ଷର। ତାମ୍ରପତ୍ର, ସନନ୍ଦ, ପାହାଡ଼ ଗୁମ୍ଫା, ମନ୍ଦିର, ସ୍ତମ୍ଭ, ଶିଳାଲେଖରେ ଆମ ଲିପି, ଆମ ଭାଷାର କ୍ରମବିକାଶ ଦେଖିଲେ ଆମେ ଯେ ଏତେ ହଜାର ବର୍ଷର ପୁରୁଣା ଲିପି ଓ ଭାଷାର ଦାୟାଦ ସେକଥା ଉପଲବ୍ଧି କରୁ। ମାଧବ ବର୍ମାଙ୍କ ସନନ୍ଦ ହେଉ କି ଉର୍‌ଜାମ ଶିଳାଲେଖ, ଶ୍ରୀଜଙ୍ଗ ଶିଳାଲେଖ ହେଉ କି ଜୟବିଜୟ ଶିଳାଲେଖ ସବୁଠି ଆମ ଭାଷାର ପ୍ରାଚୀନତାର ପ୍ରମାଣ। ଅନଙ୍ଗ ଭୀମଦେବ ତୃତୀୟ, ଚନ୍ଦ୍ରିକା ଦେବୀ, ଅଚ୍ୟୁତ ବଳିୟାର ସିଂହ, ନରସିଂହ ଦେବ, ମାଧବ ବର୍ମା, ଶିବରାଜ, ପୁରୁଷୋତ୍ତମ ଦେବ, କପିଳେଶ୍ୱର ଦେବ, ଶ୍ରୀ ବିଚିତ୍ର ଭାନୁଦେବ, ଶୁଭଙ୍କର ଦେବ, ଖାରବେଳ, ଅଶୋକଙ୍କ ସମୟର ଯେତେସବୁ ଅଭିଲେଖ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି, ସେସବୁର ପାଠୋଦ୍ଧାର ହୋଇଛି, ସତରେ ଖୁବ୍ ଉତ୍ସାହପ୍ରଦ। ଏକାଦଶ ଶତାବ୍ଦୀର ଗଣ୍ଡିବେଡ଼ ଅଭିଲେଖ, ଦଶମ ଶତାବ୍ଦୀର ମହାରାଜା ଉଦୟ ଖେଡ଼ିଙ୍କ ଗଞ୍ଜାମ ସନନ୍ଦ, ୧୦୨୩ରୁ ୧୦୩୦ ମଧ୍ୟରେ ଲିଖିତ ସୋମବଂଶୀ ଇନ୍ଦ୍ରନାଥଙ୍କ ବାଣପୁର ତାମ୍ରପଟା ଓ ଗଙ୍ଗବଂଶ ଶାସନ କାଳୀନ ଅଭିଲେଖ ଆମକୁ ଅନେକ କଥା କହେ। ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ମନମୋହନ ଚକ୍ରବର୍ତ୍ତୀ, ଦୀନେଶ ଚନ୍ଦ୍ର ସରକାର ଓ ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆମ ଲିପି ଓ ଭାଷାର କ୍ରମବିକାଶ କଥା ଖୁବ୍ ସୁନ୍ଦର ଭାବେ ବିଶ୍ଳେଷଣ କରି ଏଯାବତ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ଅଭିଲେଖଗୁଡ଼ିକର ଅନୁଶୀଳନ କରିଛନ୍ତି। ଆମ ଅଭିଲେଖରେ ଆମ ଭାଷାର ପ୍ରାଚୀନତା ସ୍ପଷ୍ଟ। ପୁରାତନ ଓଡ଼ିଆଠୁ ଆଧୁନିକ ଓଡ଼ିଆ ପର୍ଯ୍ୟନ୍ତ ଆମ ଭାଷାର ଗତିଶୀଳତା ଗବେଷକମାନଙ୍କୁ ଉତ୍ସାହିତ କରିଆସିଛି। ଅଭିଲେଖର ଭାଷାକୁ ଅନୁଶୀଳନ କଲେ ଏହା ପ୍ରାଚୀନ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠିତ ଆମ ଓଡ଼ିଆ ଭାଷାର ମହକ ଓ ମିଠାପଣକୁ ଆମ ଆଗରେ ଉପସ୍ଥାପନ କରିବା ଭଳି ଅନୁଭବ ହୁଏ। ପୋଥି, ପଥର, ପ୍ରତ୍ନତତ୍ତ୍ୱର ସାଇତା ସଂପଦ, ଆମ ଓଡ଼ିଆ ଭାଷା। ଅଭିଲେଖର ଅଲିଭା ଅକ୍ଷରରେ ଆମ ଭାଷାର ପ୍ରାଚୀନତାର ପ୍ରମାଣ ଖୋଦିତ ହୋଇରହିଛି। ଓଡ଼ିଆ ଭାଷାରେ ଆବିଷ୍କୃତ ଶିଳାଲେଖ, ସନନ୍ଦରେ ସାଇତି ହୋଇ ରହିଥିବା ବର୍ଣ୍ଣ ଓ ଶବ୍ଦ ଦେଖିଲେ ବିସ୍ମିତ ହେବାକୁ ହୁଏ। ଏତେ ପ୍ରାଚୀନ, ଏଭଳି ସମୃଦ୍ଧ ଭାଷା କିଭଳି କ୍ରମବିକଶିତ ହୋଇଛି ତାହା ବାସ୍ତବିକ୍ ଅବର୍ଣ୍ଣନୀୟ। ଅନେକ ଶିଳାଲେଖ ଆମ ଲିପି ଓ ଭାଷାର ଅନନ୍ୟ ସ୍ୱାକ୍ଷର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭକରି ଖ୍ରୀଷ୍ଟାବ୍ଦ ୧୦୫୧ର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉର୍‌ଜାମ ପର୍ଯ୍ୟନ୍ତ ଅନୁଶୀଳନ କଲେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର କ୍ରମବିକାଶ ସହ ଭାଷାର ପ୍ରବାହ ଓ ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦୟଗିରି ହାତୀଗୁମ୍ଫା ଅଭିଲେଖ, ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ରଣଭଦ୍ରଙ୍କ ଅଭିଲେଖ, ଖ୍ରୀଷ୍ଟାବ୍ଦ ୫୭୦ର ଶୈଳୋଦ୍ଭବ ବଂଶୀୟ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬ଶହର ଭୋଜବିଗ୍ରହଙ୍କ କଣାସ ତାମ୍ର ଶାସନ, ଖ୍ରୀଷ୍ଟାବ୍ଦ ୬୦୨ର ଶିବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬୨୦ର ମାଧବବର୍ମାଙ୍କ ଗଞ୍ଜାମ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୧୦୫୧ର ଉରଜାମ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୨୬୧ର ଭୁବନେଶ୍ୱର ଦ୍ୱିଭାଷିକ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୪୦୩ର ଶ୍ରୀକୂର୍ମେଶ୍ୱର ଅଭିଲେଖ ସମେତ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ଗଣ୍ଡିବେଡ଼ ଗ୍ରାମରୁ ମିଳିଥିବା ଗୋଟିଏ ଜୈନ ମୂର୍ତ୍ତିର ପାଦତଳେ ଖୋଦିତ ଓଡ଼ିଆ ପଦ୍ୟ- "ଦେବ କହି ଭଗତି କରୁଣ, ଅଛନ୍ତି ଭୋ କୁମାର ସେଣ"। ଏହା ଆମ ଭାଷା, ଆମ ଲିପିର ଆଦ୍ୟ ପରିଚୟ। ଆମେ ଆମ ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟନ କଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣ ଅଧିକାଂଶ ଅଭିଲେଖରେ ଖୋଦିତ। ଖାଲି ସେତିକି ନୁହେଁ ଓଡ଼ିଆ ବିଭକ୍ତିର ଚିହ୍ନ ମଧ୍ୟ ଏସବୁରେ ସ୍ପଷ୍ଟ। ଅବଶ୍ୟ ଇ,ଈ,ଉ,ଊ,ସ, ଶ, ଷ ଏଭଳି ସ୍ୱାତନ୍ତ୍ର୍ୟର ବ୍ୟବହାର ନ ହୋଇ ଏହାକୁ ସ୍ୱାଭାବିକ ଭାବେ ଲେଖାଯାଇଥିବା ଦେଖାଯାଏ। ପ୍ରାଚୀନ ଅଭିଲେଖ ଗୁଡ଼ିକରେ ପାଲି, ପ୍ରାକୃତ ଶବ୍ଦାବଳୀର ବହୁଳ ବ୍ୟବହାର ବି ଗୋଟିଏ ବଡ଼ ବୈଶିଷ୍ଟ୍ୟ। ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ମହାରାଜ ରଣଭଦ୍ରଙ୍କ ଖୋଦିତ ଭଦ୍ରକ ଅନ୍ତର୍ଗତ ଭଦ୍ରକାଳୀ ଶିଳାଲେଖର ଦୃଷ୍ଟାନ୍ତ ଦିଆଯାଉ- ଅଗି (ଅଗ୍ନି), ଆର୍ଯ୍ୟ (ଆର୍ଯ୍ୟ), ବାପ (ବ୍ୟାପକ), ସିରି (ଶ୍ରୀ) ଇତ୍ୟାଦି। ଆମେ ୧୩୯୪ ଖ୍ରୀଷ୍ଟାବ୍ଦର ଶଙ୍କରାନନ୍ଦ ମଠ ତାମ୍ର ଶାସନକୁ ଅନୁଶୀଳନ କଲାବେଳେ ଭିତର, ଭୂମି, ଶଏ, ବାଟ, ଦିନ, ଏକାଦଶୀ, ଆଉ, କୋଠ, ଭାଗ, ତିନିସ, ବାଇସି, କଲା, ମଠ, ମାତ୍ରା, ଆଦି ବହୁ ଓଡ଼ିଆ ଶବ୍ଦ ଦେଖୁ। ଯାହା ଆଲୋଚନା କରୁଥିଲେ ଶ, ଷ, ସ ଅଲଗା ନ ହୋଇ ଅନେକ ସମୟରେ ଏକ ଭାବେ ବ୍ୟବହାର ହୋଇଛି। ଏଇ ଯେମିତି ଶଙ୍କରାନନ୍ଦ ମଠ ତାମ୍ରଶାସନର ଶଏ (ଶହେ), ତିନିସ (ତିନିଶହ), ବାଇସି (ବାଇଶି) ଇତ୍ୟାଦି। କୌତୂହଳର କଥା, ଏହି ତାମ୍ରଶାସନରେ ଆଉ ଠାଏ ସଏ (ଶହେ) ଲେଖାଯାଇଛି। ୧୨୭୮ ଖ୍ରୀଷ୍ଟାବ୍ଦର ଅନନ୍ତବାସୁଦେବ ମନ୍ଦିର ଶିଳାଲେଖ, ଭୁବନେଶ୍ୱରରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ। ତେବେ ଏଥିରେ ତରତର, ସଙ୍ଗେ, ଧୁନି, ଲୋକ, କଳ, ମାଳ, କଣିକା, ପାତାଳ ପ୍ରଭୃତି ଓଡ଼ିଆ ଶବ୍ଦ ରହିଥିବା ବି ଦେଖାଯାଏ। ଅଭିଲେଖର ଆଲୋଚନାବେଳେ ଭୁବନେଶ୍ୱରର ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ସମୟର, ସେହି ଶିଳାଲେଖରୁ ଉଦ୍ଧାର ହୋଇଥିବା ପ୍ରତ୍ନ ଓଡ଼ିଆ ଶବ୍ଦାବଳୀରୁ କିଛି ଶବ୍ଦ ଉଦ୍ଧାର କରିବା- ସିରି(ଶ୍ରୀ), ପନ୍ଦରସ (ପନ୍ଦର) ଲେଖନେନ (ଲକ୍ଷଣ), ଯୋବରାଜ (ଯୁବରାଜ), ପଛିମ (ପଶ୍ଚିମ), ବହୁଳଂ (ବହୁତ), ଅଠମେ (ଅଷ୍ଟେମ), ତପସି (ତପସ୍ୱୀ), ଅଠତିସାୟ (ଅଠତିରିଶ), ପବତେ (ପର୍ବତେ) ଆଦି ଶବ୍ଦ ସହ ସୁଭ (ଶୁଭ), ସିତଳ (ଶୀତଳ), ଜଗ, ନର, ବାଟ, ବିଧି, ହିତ, କର, ବଣ, ବାହନ, ଘର, ଜୟ, ନଗରି (ନଗରୀ), ଦେହ,କାଳ, କୁଳ, ବଳ ଆଦି ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ। ବ୍ରାହ୍ମଣ ଶବ୍ଦପାଇଁ ଏହି ଶିଳାଲେଖରେ ଦମ୍ଭଶାନଂ, କୁଶଳ ପାଇଁ କୁସେଳା, ପ୍ରବେଶ ପାଇଁ ପବେସ, ପୋଖରୀ ପାଇଁ ତଡ଼ାଗ, ନିବାସ ପାଇଁ ନିବେସିତଂ ଶବ୍ଦର ବ୍ୟବହାର ହୋଇଥିବା କଥା ଲିପିତତ୍ତ୍ୱବିତ୍ ଓ ଐତିହାସିକଗଣ ମତ ଦିଅନ୍ତି। ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରିର ହାତୀଗୁମ୍ଫା ଶିଳାଲେଖ ଭଳି ଅଶୋକଙ୍କ ଧଉଳି- ଜଉଗଡ଼ ଶିଳାଲେଖ ପ୍ରସିଦ୍ଧ। ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାରେ ଏହି ତିନୋଟି ଶିଳାଲେଖ ଉତ୍ସଭଳି ପ୍ରାମାଣିକ ନମୁନା। ଆମ ଲିପିର ପ୍ରାଚୀନତା ଏସବୁରେ ଖୋଦିତ। ପ୍ରାଚୀନତାର ପ୍ରମାଣ ପ୍ରଦର୍ଶନ କରୁଥିବା ଅଶୋକଙ୍କ ଧଉଳି- ଜଉଗଡ଼ ଶିଳାଲେଖରେ ଆଖି, ଇସା, କଳ, କିଟ, ତିନି, ଦେବୁ, ହସ, ନିଲଠା, ପୁଛିବି, ପଟିକା, ବୁଢ଼, ବାମନ, ମନିସ, ମାଝି, ମହାମାତର ବ୍ୟବହାର ଦେଖାଯାଏ। ଆମ ଅଭିଲେଖର ଭାଷାକଥା ବିଚାର କଲାବେଳେ କେତୋଟି ନିର୍ଦ୍ଦିଷ୍ଟ ଶିଳାଲେଖର ସମୟ। ବୈଶିଷ୍ଟ୍ୟ ବିଷୟ ଉପରେ ସାମାନ୍ୟ ଆଲୋକପାତ କରିବା- (୧) ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର କାନ୍ଥରେ ୨୮X ୧୯' ପରିମିତ ସ୍ଥାନରେ ନଅ ଧାଡ଼ିରେ ଲେଖାଥିବା କଥାର ପାଠୋଦ୍ଧାର ହୋଇଛି। ଏ ବିଷୟରେ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର ଇଂରାଜୀରେ ଓ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଓଡ଼ିଆରେ ଆଲୋଚନା କରିଛନ୍ତି। ଶିଳାଲେଖଟିର ଭାଷା ସଂସ୍କୃତ, ଲିପି ନାଗରୀ ଓ ଏହା ବୈଶାଖ ମାସ କୃଷ୍ଣପକ୍ଷ ପ୍ରଥମ ଦିନ, ବୁଧବାରରେ ଲିଖିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ଶାସନକାଳୀନ ଶିଳାଲେଖ। (୨) ଗୋପୀନାଥପୁର ଶିଳାଲେଖ, ଯାହାକି ପୁରୁଣା ଜଗନ୍ନାଥ ସଡ଼କରେ ଥିବା ଗୋପୀନାଥପୁର ଜଗନ୍ନାଥ ମନ୍ଦିର କାନ୍ଥରେ ଲେଖାଥିବା ସମୁଦାୟ ୩୦ଧାଡ଼ି ବିଶିଷ୍ଟ ଲେଖା, ଯାହାର ଲିପି ପ୍ରତ୍ନ ଓଡ଼ିଆ ଓ ଭାଷା ସଂସ୍କୃତ। ଏହା ଗଜପତି କପିଳେଶ୍ୱର ଦେବଙ୍କ ସମୟରେ ଶିଳାଲିପି। ଏ ବିଷୟରେ ବାଗ୍ମୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ସଂଖ୍ୟା ୯, ଭାଗ ୩ (ଆଶ୍ୱିନ, ୧୩୦୭ ସାଲ)ର 'ଗୋପୀନାଥପୁରର ଶିଳାଲିପି' ଲେଖାରେ ଆଲୋଚନା କରିଛନ୍ତି। (୩) ଶ୍ରୀଜଙ୍ଗ ଶିଳାଲେଖ, ଯାହା ଅଧୁନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଏହାର ଭାଷା ଓ ଲିପି ଓଡ଼ିଆ, ୫୨X ୧୧' ପରିମିତ ସ୍ଥାନରେ ସମୁଦାୟ ୪୧ଟି ଧାଡ଼ି ଲେଖାଯାଇଛି। ଏହା ଗଜପତି ରାମଚନ୍ଦ୍ରଦେବଙ୍କ ଶାସନ କାଳୀନ ଶିଳାଲେଖ। ଏବିଷୟରେ ବିଦେଶୀ ବିଦ୍ୱାନ୍ ଜନ୍ ବୀମ୍ସ ଓ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଆଲୋଚନା କରିଛନ୍ତି। (୪) ମଧୁକେଶ୍ୱର ମନ୍ଦିର ଶିଳାଲେଖ, ମୁଖଲିଙ୍ଗମ୍‌ରେ ସମୁଦାୟ ୧୨ ଧାଡ଼ିର ଲେଖା, ଯାହାର ଲିପି ଓ ଭାଷା ତେଲୁଗୁ। ଶକାବ୍ଦ ୧୦୦୪ ର ଏହି ଶିଳାଲେଖ ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳୀନ ଶିଳାଲେଖ। (୫) ଶକାବ୍ଦ ୧୧୮୨ର ସିଂହାଚଳମସ୍ଥିତ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଶିଳାଲେଖଟି ଦ୍ୱିଭାଷୀ। ଏଥିରେ ସଂସ୍କୃତ ଓ ତେଲୁଗୁ ଭାଷାର ବ୍ୟବହାର ହୋଇଛି। ତେବେ ଏହାର ଲିପି ତେଲୁଗୁ। ସମୁଦାୟ ୨୮ଟି ଧାଡ଼ିଥିବା ଏହି ଲେଖାଟି କୁମ୍ଭ (ଫାଲଗୁନ) କୃଷ୍ଣପକ୍ଷ ତୃତୀୟ ଦିନ, ଶୁକ୍ରବାରରେ ଲେଖା ହୋଇଥିଲା, ଏମିତି ଅନେକ ଶିଳାଲେଖ ଓ ସନନ୍ଦରେ ଆମ ଭାଷା, ଲିପିର ପ୍ରାଚୀନତାର ପ୍ରମାଣ ରହିଥିବା କଥା ଆମେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଥିବା ଅସଂଖ୍ୟ ଲେଖା ସହ ପାଠ ଉଦ୍ଧାର ହୋଇ ଆଲୋଚନା ହୋଇଥିବା ଗବେଷଣାମୂଳକ ରଚନାଗୁଡ଼ିକରେ ମଧ୍ୟ ସ୍ପଷ୍ଟ ସୂଚନା ରହିଛି। ଦେଶୀ ଓ ବିଦେଶୀ ବିଦ୍ୱାନ୍‌ମାନଙ୍କର ଏ ସମ୍ବନ୍ଧରେ ଗବେଷଣା ବିସ୍ମୟକର। ଦେଶର ବହୁ ବିଦ୍ୱାନ୍, ଲିପିତତ୍ତ୍ୱବିତ୍ ଏହିସବୁ ଶିଳାଲେଖ ଉପରେ ମତମନ୍ତବ୍ୟ ଦେଇଛନ୍ତି। ଓଡ଼ିଶାର ବିଶିଷ୍ଟ ଗବେଷକ ଡକ୍ଟର ବେଣୁମାଧବ ପାଢ଼ୀ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଓଡ଼ିଶାର ସାହିତ୍ୟ ସଂସ୍କୃତି ଓ ଧର୍ମ ଧାରା'ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ, "ଜନସାଧାରଣଙ୍କ ଗୋଚରାର୍ଥେ ଲିଖିତ ରାଜାଦେଶ ଓ ସରକାରୀ ଇସ୍ତାହାର ଦେଶୀୟ ଭାଷାରେ ଲେଖାହେବା ଯୁକ୍ତିସଙ୍ଗତ। ନଚେତ୍ ଅନୁଶାସନର ଅର୍ଥ ବୁଝି ରାଜାଦେଶ ପାଳନ କରିବାରେ ସେମାନେ ସମର୍ଥ ହୋଇନଥାନ୍ତେ। ଅଶୋକଙ୍କ ଏକାଧିକ ଶିଳାଲିପି ଭାରତର ବିଭିନ୍ନ ପ୍ରାନ୍ତରରେ ଅବସ୍ଥାପିତ ହୋଇଥିଲା ଏବଂ ପ୍ରତ୍ୟେକର ଭାଷାରେ ବିଭିନ୍ନତା ପରିଲକ୍ଷିତ ହୁଏ। ଆଞ୍ଚଳିକ ବୈଷମ୍ୟ ନେଇ ଧଉଳି ଓ ଜଉଗଡ଼ର ଶିଳାଲିପି ଅଶୋକଙ୍କ କାଳରେ ପ୍ରଚଳିତ ଥିବା ଓଡ୍ରମାଗଧୀର ପରିଚୟ ପ୍ରଦାନ କରେ।" (ପୃଷ୍ଠା-୬) ଆମ ଅଭିଲେଖର ଅନୁଶୀଳନ ବେଳେ ବହୁ ବୈଶିଷ୍ଟ୍ୟ ନଜରକୁ ଆସିଥାଏ। ଯେମିତିକି ଅଧିକାଂଶ ଶିଳାଲେଖରେ 'ଅଙ୍କ' ଦେଖିବାକୁ ମିଳେ କେତେକ ଶିଳାଲେଖରେ 'ଶକାବ୍ଦ' ର ସୂଚନା ରହିଛି। କର୍ତ୍ତୃବାଚ୍ୟରେ ପ୍ରଥମା ବିଭକ୍ତିରେ ବହୁବଚନ ଭାବେ ମାନେ, ମାନଯାକ ଆଦି ବ୍ୟବହାର ହୋଇଥିବାବେଳେ ସନ୍ତାନାର୍ଥେ 'ଏ' ମଧ୍ୟ ଏକବଚନରେ ବ୍ୟବହାର କରାଯାଇଛି- କପିଳେଶ୍ୱର ରାଜାଏ ଥିଲେ। ସେମିତି କର୍ମକାରକରେ- କୁ, ନ୍ତି, ସଂପ୍ରଦାନକାରକରେ କୁ, କି, କଇ, କୈ, କେ, ଙ୍କୁ, ଙ୍କୀ, ଙ୍କର, କରଣକାରକରେ- ଏଁ, ଏ ଅପାଦାନକାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁ, ଠାରୁ, ଷଷ୍ଠୀ ବିଭକ୍ତିରେ- ସ, ର, କୋ, ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର, ଅଧିକରଣକାରକରେ - ଏ,ଏଁ, ରେ, ମାନଙ୍କରେ,ଓ ସେ ମ୍ବୋଧନ ପଦରେ ଭୋ ବ୍ୟବହାର ଦେଖାଯାଏ। ଆମ ଅଭିଲେଖଗୁଡ଼ିକରେ 'କୁ' ଅପେକ୍ଷା କୈ ବା କଇ' ର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ। ଭାରତର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ବହୁ ବିଦ୍ୱାନ୍ ଓଡ଼ିଆ ଅଭିଲେଖର ଭାଷା ବିଷୟରେ ଆଲୋଚନା କରି ଏହାର କ୍ରମବିକାଶ କଥା ସଦୃଷ୍ଟାନ୍ତ ବୁଝାଇଛନ୍ତି। ଗଞ୍ଜାମ, ଜଉଗଡ଼ର ୫୬୯-୭୦ର ଧର୍ମରାଜ ତାମ୍ରପତ୍ର, ବାଲେଶ୍ୱର, ସୋରର ଶାମଭୂଷଣ ତାମ୍ରପତ୍ର (ଆନୁମାନିକ ସମୟ ୫୭୯-୮୦), ପୁରୀ କଣାସର ୫୯୯ର ଭୋଜବିଗ୍ରହ ତାମ୍ରପତ୍ର, ଗଞ୍ଜାମର ୬୧୯- ୨୦ର ମହାସାମନ୍ତ ମାଧବରାଜ ତାମ୍ରପତ୍ର ସମେତ ୧୦୫୧ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗବଂଶ ଶାସନକାଳୀନ ୧୮ ଓ ସୂର୍ଯ୍ୟବଂଶ ଶାସନକାଳୀନ ୫୦ ଶିଳାଲେଖରେ ଆମ ଭାଷାର କ୍ରମବିକାଶ ଧାରା ବାହିକ ଭାବେ କିଭଳି ହୋଇଛି ଏବଂ ଲିପି ଓ ଭାଷାର ଏହି ଉନ୍ମେଷ ଓ ବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ। ଓଡ଼ିଆ ଅଭିଲେଖରେ ବୃହହାର ହୋଇଥିବା 'ପଛ' ଗୋଟିଏ ଦୃଷ୍ଟାନ୍ତ ଯାହାକି ଉଭୟ ପଛପଟ ଓ ପରେ, ଉଭୟ ଅର୍ଥରେ ବ୍ୟବହାର ହୋଇଛି। ଗଙ୍ଗବଂଶୀ ପଂଚମ ବଜ୍ରହସ୍ତଦେବ, ୧୦୭୦ ଖ୍ରୀଷ୍ଟାବ୍ଦରେ ମୁଖଲିଙ୍ଗ ଶିବମନ୍ଦିରରେ ଖୋଦିତ କରିଥିବା ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମିଳୁଥିବାବେଳେ ପ୍ରଥମ ନରସିଂହଦେବ, ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ଦଧିନଉତି ଶିଳାଲେଖରେ ଦସ (ଦଶ), ସମର, କାରଣ, ରାଜା, ଗଜପ୍ତି(ଗଜପତି), ବିଜୟ, ନରକ, ତୁଳସୀ ଆଦି ଅନେକ ଓଡ଼ିଆ ଶବ୍ଦ ଖୋଦିତ କରିଛନ୍ତି। ସେହିଭଳି ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଯାହାକି ୧୨୭୮ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା, ସେଥିରେ ଓଡ଼ିଆ ଶବ୍ଦ ଥିବା କଥା ଆମେ ଆଲୋଚନା କଲେ। ସୋମବଂଶୀ ଇନ୍ଦ୍ରରଥଙ୍କ ବାଣପୁର ତାମ୍ରଶାସନ, ଗଙ୍ଗବଂଶ କାଳୀନ ମେଘେଶ୍ୱର ମନ୍ଦିର ଶିଳାଲେଖ, ପ୍ରଥମ ଭାନୁଦେବଙ୍କ ଅମରେଶ୍ୱର ମନ୍ଦିର ଶିଳାଲେଖ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମଧ୍ୟରେ ଥିବା ପାର୍ବତୀ ମନ୍ଦିର ଶିଳାଲେଖ ଆଦି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ଓ ପାଠୋଦ୍ଧାର ହୋଇଥିବା ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ, ଆମ ଭାଷା ପ୍ରାଚୀନ ଓ ସମୃଦ୍ଧ ଭାଷା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ୧୦୫୧ର ଉରଜାମ ଶିଳାଲେଖ ଓ ୧୫୬୮ର ଜୟବିଜୟ ଶିଳାଲେଖ ଓଡ଼ିଆ ଲିପି ଓ ଭାଷାର ବିକାଶଧାରା ସମୟସ୍ରୋତରେ ଗତିଶୀଳ ଓ କ୍ରମବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୋଇପାରିଛି। ଶିଳାଲେଖର ଭାଷାକଥା ବିଚାର କଲାବେଳେ ଏହାର ଐତିହାସିକ ତଥ୍ୟ ଓ ତାରିଖ ସହ ଆମ ଭାଷା ଓ ଲିପିର ପ୍ରାଚୀନ ପଦଚିହ୍ନ କଥା ବିଚାର କରିବାକୁ ହୁଏ। ଏ ଦିଗରେ ଏପର୍ଯ୍ୟନ୍ତ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଅନେକ ଦୃଷ୍ଟାନ୍ତମୂଳକ ଗବେଷଣା ହୋଇଥିଲେ ମଧ୍ୟ ଆହୁରି ଅଧିକ କାର୍ଯ୍ୟ ଯେ ଆବଶ୍ୟକ ମନେହୁଏ, ଏହା କହିବା ନିଷ୍ପ୍ରୟୋଜନ। କହିବାବାହୁଲ୍ୟ ଏହି ଲେଖକ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଭାରତୀୟ ଭାଷା ସଂସ୍ଥାନ, ମୈସୁରର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ବରିଷ୍ଠ ଗବେଷକ ଭାବେ ଯୋଗଦେଇ ଓଡ଼ିଶାର ଶିଳାଲେଖର କ୍ରମ, ତଥ୍ୟ ଓ ତାରିଖ ସହ ଭାଷାତାତ୍ତ୍ୱିକ ଅଧ୍ୟୟନରେ କାର୍ଯ୍ୟରତ। ଏହି ସୁଯୋଗର ସଦୁପଯୋଗ କରି ପ୍ରତ୍ୟକ୍ଷଭାବେ ବହୁ ଅଞ୍ଚଳ ଯେମିତିକି ଧଉଳି, ଜଉଗଡ଼, ଉଦୟଗିରି, ଶ୍ରୀଜଙ୍ଗ, ସୀତାବିଞ୍ଜି, ସୋର, ସିଂହନାଥ, ଅନନ୍ତବାସୁଦେବ, ଲିଙ୍ଗରାଜ, ଶ୍ରୀମନ୍ଦିର ଯାଇ ସେଠାରେ ଥିବା ଶିଳାଲେଖର ଅନୁଧ୍ୟାନ ଓ ଅଧ୍ୟୟନ କରିଛି ଓ ଏସବୁରେ ଆମ ଲିପି ଓ ଭାଷାର କ୍ରମବିକାଶ ଦେଖି ବିସ୍ମିତ ହେବା ସହ ଗର୍ବ ଅନୁଭବ କରିଛି।

# ଶ୍ରୀମଦ୍ ଭାଗବତ ପୁରାଣ: ଭକ୍ତି, ଜ୍ଞାନ ଓ ମୋକ୍ଷର ଅଖଣ୍ଡ ସାଧନା



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୂରଭାଷ.୮୧୪୪୮ ୭୦୭୨୯

ହିନ୍ଦୁ ଧର୍ମସାହିତ୍ୟ ମଧ୍ୟରେ ଏକ ସର୍ବପ୍ରମୁଖ ପ୍ରମାଣ ଭାବେ ଶ୍ରୀମଦ୍ ଭାଗବତ ପୁରାଣକୁ ମୋକ୍ଷ, ଭକ୍ତି ଓ ଦିବ୍ୟ ଜ୍ଞାନର ଶ୍ରେଷ୍ଠ ଉପାଧି ଦିଆଯାଏ। ପଣ୍ଡିତମାନଙ୍କ ମତାନୁସାରେ, ଏହି ଗ୍ରନ୍ଥ କେବଳ ପୌରାଣିକ କାହାଣୀର ସଂଗ୍ରହ ନୁହେଁ; ବରଂ ଏହା ମାନବ ଚେତନାର ଅଭ୍ୟୁଦୟ ଓ ଆଧ୍ୟାତ୍ମିକ ଉନ୍ନତିର ଏକ ଅତୁଟ ପଥପ୍ରଦର୍ଶକ।

ଭକ୍ତି: ଭାଗବତର ମୂଳ ଦର୍ଶନ ଭାଗବତ ପୁରାଣରେ ଜୋର୍ ଦେଇ କୁହାଯାଇଛି— ଧର୍ମର ସର୍ବୋଚ୍ଚ ପଥ ହେଉଛି ଭକ୍ତି। ଏହି ଦର୍ଶନକୁ ସ୍ପଷ୍ଟ କଲା ଏକ ପ୍ରସିଦ୍ଧ ଶ୍ଳୋକ (ସ୍କନ୍ଧ–୧, ଅଧ୍ୟାୟ–୨, ଶ୍ଳୋକ–୬): "ସ ବୈ ପୁଂସାଂ ପରୋ ଧର୍ମୋ ଯତୋ ଭକ୍ତିରଧୋକ୍ଷଜେ।" ଅର୍ଥ: ମନୁଷ୍ୟ ପାଇଁ ସର୍ବୋଚ୍ଚ ଧର୍ମ ହେଉଛି— ଯାହା ଭଗବାନଙ୍କ ପ୍ରତି ନିଷ୍ଠାପୂର୍ଣ୍ଣ ଭକ୍ତିକୁ ଜନ୍ମ ଦେଇଥାଏ।

ଧର୍ମକୁ ଏଠାରେ ଆଚରଣ, ଭକ୍ତି ଓ କରୁଣାର ରୂପରେ ବ୍ୟାଖ୍ୟା କରାଯାଇଛି। ଶୁକଦେବଙ୍କ ଉପଦେଶ: ମୃତ୍ୟୁପଥରେ ଆଧ୍ୟାତ୍ମିକ ଆଶ୍ରୟ।

ମୃତ୍ୟୁ ସୂଚନା ପାଇ ପରୀକ୍ଷିତ ରାଜା ଯେବେ ଆତ୍ମତତ୍ତ୍ୱ ଖୋଜିବାରେ ଆକୁଳ, ସେତେବେଳେ ଶୁକଦେବ ଗୋସ୍ୱାମୀ ତାଙ୍କୁ ଭାଗବତର ସାର ଉପଦେଶ ଦେଇଥିଲେ।

ଧର୍ମର ମୂଳ ଭିତ୍ତିକୁ ଉଦାହରଣ ଦେଉଥିବା ଏକ ଶ୍ଳୋକ (ସ୍କନ୍ଧ–୧୨, ଅଧ୍ୟାୟ–୩, ଶ୍ଳୋକ–୩୧)— "କୃତେ ଯଦ୍ଧ୍ୟତ୍ କ୍ରିୟତେ ଧର୍ମୋ ଦୟୟା ଦାନମେବ ଚ।" ଅର୍ଥ: ସତ୍ୟଯୁଗର ଧର୍ମ ଥିଲା— ଦୟା, ଦାନ ଓ ନିଷ୍କାମ କର୍ମ। ବିଶେଷଜ୍ଞମାନେ କୁହନ୍ତି, ଯୁଗ ପରିବର୍ତ୍ତିତ ହେଉଥିଲେ ମଧ୍ୟ ସତ୍ୟ ଓ କରୁଣାର ମୂଲ୍ୟ ଅବିଚଳ।

କୃଷ୍ଣ ଲୀଳା: ଭକ୍ତିର ସହଜ ସାଧନା ଭାଗବତର ସବୁଠାରୁ ପ୍ରସିଦ୍ଧ ଅଂଶ— ଦିବ୍ୟ ଶିଶୁ କୃଷ୍ଣଙ୍କ ଲୀଳା (ବିଶେଷତଃ ସ୍କନ୍ଧ–୧୦)। ଯଶୋଦା ମା'ଙ୍କ ସ୍ନେହ, ଗୋପୀମାନଙ୍କ ପ୍ରେମ ଓ କୃଷ୍ଣଙ୍କ ଚଞ୍ଚଳତା— ସବୁ ଆଧ୍ୟାତ୍ମିକ ସନ୍ଦେଶ ବୁଝାଇଥାଏ: ପଣ୍ଡିତମାନଙ୍କ ମତାନୁସାରେ-ପବିତ୍ରତା ହେଉଛି ଦିବ୍ୟତାର ପ୍ରଥମ ପଦକ୍ଷେପ।

ଗୀତାର ନୈତିକତା ଭାଗବତରେ ପୁନଃ ରେଖାଙ୍କିତ-କର୍ମ କର, ଭକ୍ତି ରଖ, ଫଳକୁ ପ୍ରାଧାନ୍ୟ ଦେବା ନାହିଁ।

ସ୍ୱାର୍ଥ ଓ ମୋହରୁ ମୁକ୍ତି: ଭାଗବତର ତୀକ୍ଷ୍ଣ ସନ୍ଦେଶ: ମାନବଜୀବନର ଦୁଃଖର ମୂଳକୁ ବୁଝାଇ ଦେଉଛି ଭାଗବତର ଆଉ ଏକ ଗଭୀର ଶ୍ଳୋକ (ସ୍କନ୍ଧ–୭, ଅଧ୍ୟାୟ–୫, ଶ୍ଳୋକ–୩୧)—

"ନ ତେ ବିଦୁର୍ସ୍ୱାର୍ଥଂ
ଗୁଣସର୍ବେହି ଯେମିନଃ।"

ଅର୍ଥ: ଲୋକମାନେ ନିଜର ସ୍ୱାର୍ଥ କ'ଣ ତା ଜାଣନ୍ତି ନାହିଁ; ସେମାନେ ଗୁଣ–ଦୋଷର ବନ୍ଧନରେ ପଡ଼ି ରହନ୍ତି।

ଏହି ଶିକ୍ଷା ଭକ୍ତି ଓ ଜ୍ଞାନକୁ ମୋକ୍ଷର ଏକମାତ୍ର ପଥ ଭାବେ ପ୍ରତିପାଦିତ କରେ। ଆଧୁନିକ ଯୁଗରେ ବୃଦ୍ଧିଶୀଳ ପ୍ରାସଙ୍ଗିକତା ଆଜିର ଦିନର ଅଶାନ୍ତି, ମାନସିକ ଚାପ, ପାରିବାରିକ ସଙ୍କଟ ଓ ସାମାଜିକ ଅବକ୍ଷୟର ଭିତରେ ଭାଗବତର ଶିକ୍ଷା ଏକ ସ୍ଥିରତା ଦେଉଛି। ଏହାର ମୂଳ ବାର୍ତ୍ତା— ଆତ୍ମାର ଅବିଚଳତା, ଧୈର୍ଯ୍ୟ ଓ ସଂଯମ, କରୁଣା ଓ ସତ୍ୟ, ଭକ୍ତି ଓ ସ୍ମରଣର ଶକ୍ତି, ଧର୍ମଜ୍ଞମାନେ ମତାମତ ଦେଉଛନ୍ତି— ଭାଗବତ ଦୈନନ୍ଦିନ ଜୀବନକୁ ଏକ ଆଧ୍ୟାତ୍ମିକ ଯାତ୍ରାରେ ପରିଣତ କରିପାରେ। ଉପସଂହାର ଶ୍ରୀମଦ୍ ଭାଗବତ ପୁରାଣ ଏକ ପୁରାତନ ଗ୍ରନ୍ଥ ହେଲେ ମଧ୍ୟ, ଆଜି ଏହା ମନୁଷ୍ୟଜୀବନର ଦିବ୍ୟ ଜୀବନ–ଶିକ୍ଷ ଭାବେ ପ୍ରତିଷ୍ଠିତ। ଏହାର ପଠନ ଦେଇଥାଏ—ଭୟ ଓ ଅଶାନ୍ତିରୁ ମୁକ୍ତି, ଚିତ୍ତର ପବିତ୍ରତା, ଭକ୍ତିର ଗଭୀର ଅନୁଭୂତି, ଆତ୍ମଜ୍ଞାନର ଦ୍ୱାରଉଦ୍ଘାଟନ

ଏହିକାରଣରୁ ଭାଗବତ ପୁରାଣକୁ ହିନ୍ଦୁ ଆଧ୍ୟାତ୍ମିକ ଶିରୋମଣି, ଅକ୍ଷୟ ଧରୋହର ଓ ଜୀବନ–ଦୀପଶିଖା ବୋଲି ମାନ୍ୟତା ଦିଆଯାଏ।

# ଭିନ୍ନକ୍ଷମ ଦିବସ ଓ ଦିବ୍ୟାଙ୍ଗ ବିଦ୍ୟାର୍ଥୀ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ପ୍ରତିବର୍ଷ ଡିସେମ୍ବର ୩ ତାରିଖ ଆଜିର ଦିନରେ ବିଶ୍ୱବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ପାଳନ କରାଯାଉଛି। ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହା ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି। ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଲକ୍ଷ୍ୟ ହେଉଛି ଅକ୍ଷମତା ସମସ୍ୟା ବିଷୟରେ ଏକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା, କିନ୍ତୁ ତାଙ୍କ ସମ୍ମୁଖରେ ଥିବା ଆହ୍ୱାନ ଗୁଡିକୁ ଦୂର କରିବା ଏବଂ ସମାଜରେ ଆତ୍ମବିଶ୍ୱସର ସହ ବଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜରେ ଭିନ୍ନକ୍ଷମ ମାନଙ୍କୁ ଯୋଗ୍ୟ ଜୀବନଯାପନ କରିବାକୁ ସୁଯୋଗ ଦେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ। ମଣିଷର ପାଞ୍ଚ ଆଙ୍ଗୁଠି ସମାନ ନୁହେଁ, ମାତ୍ର କାର୍ଯ୍ୟ କ୍ଷେତ୍ରରେ ସମସ୍ତେ ସମାନ। ସେହିପରି ଆମେ ସମସ୍ତେ ଅଲଗା କିନ୍ତୁ ଏକ ସମୟରେ କହିବାକୁ ଗଲେ ସମସ୍ତେ ସମାନ ବୋଲି କହିବା ସହ ଭିନ୍ନକ୍ଷମ ମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ।

ପ୍ରତ୍ୟେକ ଦିବ୍ୟାଙ୍ଗ ଆମ ସମାଜର ଅଂଶ ବିଶେଷ। ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ତାଲିମ ଦେବା ଫଳରେ ସେମାନଙ୍କର ସାମାଜିକ, ବୌଦ୍ଧିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ଲାଟଫର୍ମ ମାଧ୍ୟମରେ ଅକ୍ଷମତା ସଚେତନତାକୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସହାନୁଭୂତିର ମୂଳଦୁଆ ଉତ୍ପନ୍ନ ହୁଏ ଏବଂ ସାମାଜିକ ପ୍ରତିବନ୍ଧକ ଭାଙ୍ଗି ଆବଶ୍ୟକୀୟ ପରିବର୍ତ୍ତନ ହୋଇପାରେ।

ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା। ଶିକ୍ଷା ମାନବିକ ଜୀବନ ପ୍ରକ୍ରିୟାର ଦିଗ୍‌ବଳୟକୁ ପ୍ରସାରିତ କରେ। ଜ୍ଞାନାର୍ଜନ ଶିକ୍ଷାର କେବଳ ଗୋଟିଏ ଦିଗ। ଶିକ୍ଷା ବିକାଶରେ ଏହାର ଭୂମିକା ଅତୁଳନୀୟ। ମାନବବାଦ, ଶୃଙ୍ଖଳା, ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଜିଜ୍ଞାସା ପାଇଁ ଆଗ୍ରହ ଓ ସଂସ୍କାର ଆଦି ଭଲ ଗୁଣଗୁଡ଼ିକ ଉତ୍ପନ୍ନ କରିବା ଶିକ୍ଷାର ବୈଶିଷ୍ଟ୍ୟ। ମାନବ ଜୀବନକୁ ଆଲୋକିତ କରିବାରେ ଏସବୁର ଆବଶ୍ୟକତା ରହିଛି।ଶିକ୍ଷା ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ସ୍ୱାବଲମ୍ବୀ ହୋଇପାରିବେ।

ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ସାଧାରଣ ବିଦ୍ୟାର୍ଥୀ ମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ। ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଅଧିକ ପ୍ରୋତ୍ସାହନ କରିବା ଦ୍ୱାରା ସେମାନେ ଉତ୍ସାହିତ ହୋଇପାରିବେ, ଯାହା ଫଳରେ ସେମାନଙ୍କର କିଛି ଉନ୍ନତି ହୋଇପାରିବ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ କିଭଳି ଭାବରେ ଶିକ୍ଷା ଦାନ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇପାରିବ, ତାହା କେବଳ ସ୍ୱତନ୍ତ୍ର ଶିକ୍ଷକ ହିଁ କରିପାରିବ। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ସ୍ୱାବଲମ୍ବୀ ସହ ଆତ୍ମନିର୍ଭରଶୀଳ ମାର୍ଗ କେବଳ ସ୍ୱତନ୍ତ୍ର ଶିକ୍ଷକ ଦ୍ୱାରା ହିଁ ସମ୍ଭବ।

ଦିବ୍ୟାଙ୍ଗ ମାନେ ହିଁ ନିଜର ଅକ୍ଷମତାକୁ ପଛରେ ପକାଇ ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ମାଧ୍ୟମରେ ଆଜି ସମାଜରେ ସଫଳ ହୋଇଛନ୍ତି। ଏମିତି ଅନେକ ଉଦାହରଣ ଅଛି ଦିବ୍ୟାଙ୍ଗ ମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ମଧ୍ୟ ହୋଇଛନ୍ତି। କୌଣସି ପରିସ୍ଥିତିରେ ଦିବ୍ୟାଙ୍ଗ ମାନଙ୍କୁ ଯେକୌଣସି କ୍ଷେତ୍ରରେ ଅବହେଳା କରିବା ଉଚିତ୍ ନୁହେଁ, ସେମାନଙ୍କୁ ଉତ୍ତମ ବ୍ୟବହାର ମିଳାମିଶା ଦ୍ୱାରା ସେମାନଙ୍କର ମନୋବଳ ଦୃଢ଼ ହୋଇପାରିବ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ଯେତେ ପ୍ରୋତ୍ସାହିତ କରିବା, ସେମାନେ ସେତିକି ଆଗକୁ ବଢ଼ିପାରିବେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ସ୍ୱତନ୍ତ୍ର ଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଭଙ୍ଗା ହେଲା ୪ ବିପଦ ସଙ୍କୁଳ କ୍ୱାର୍ଟର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ଥିବା ଚାରି ଗୋଟି ବିପଦ ସଙ୍କୁଳ ସରକାରୀ ବାସ ଭବନକୁ ଜିଲ୍ଲା ତଥା ପୌର ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି । ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ଉପସ୍ଥିତିରେ ଏହି ଘର ସବୁ ଭଙ୍ଗା ଯାଇଛି । ବିପଦ ସଙ୍କୁଳ ଘରର ପ୍ରମାଣ ପତ୍ର ପୂର୍ତ୍ତ ବିଭାଗ ପାଖରୁ ପାଇବା ସହ ଅନୁମତି ମିଳିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ବିଷୟ ପୌର ପରିଷଦ ପକ୍ଷରୁ ଖବର ମିଳିଛି । ଦୀର୍ଘ ବର୍ଷ ପୂର୍ବରୁ ଅବସର ଗ୍ରହଣ ପରେ ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ପୋଲିସ ବିଭାଗର କିଛି କର୍ମଚାରୀ ଏହି ସରକାରୀ ବାସଭବନ ସବୁକୁ ମାଡି ବସିଥିଲେ । ଆଶ୍ୱିନ ମାସ ଓ ଚୈତ୍ର ମାସରେ ମା' ସୁରେଶ୍ୱରୀଙ୍କ ପୀଠରେ ପ୍ରବଳ ଜନସମାଗମ ହେଉଥିବାବେଳେ ଏହି ଖାଲି ସ୍ଥାନରେ ଯାନବାହାନ ରଖିବା ପାଇଁ ଷ୍ଟାଣ୍ଡ କରିବାକୁ ଜନସାଧାରଣରେ ଦାବି ହେଉଛି ।

— ରେଡ୍‌କ୍ରସ୍ ବଧିର ବିଦ୍ୟାଳୟରେ ଛାତ୍ରଙ୍କୁ ଅତ୍ୟାଚାର ଘଟଣା —

# ଆଡ୍‌ହକ୍ ଆଟେଣ୍ଡାଣ୍ଟ ଗିରଫ:ପ୍ରଧାନଶିକ୍ଷକ ନିଲମ୍ବିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଆମ୍ବପୁଆ ସ୍ଥିତ ହେଲେନ୍ କେଲର ରେଡ୍‌କ୍ରସ୍ ବଧିର ବିଦ୍ୟାଳୟର ଜଣେ ମୂକ/ବଧିର ଛାତ୍ରଙ୍କ ପ୍ରତି ଉକ୍ତ ସ୍କୁଲର ଜଣେ ପରିଚାରିକାଙ୍କ ଦ୍ୱାରା ହୋଇଥିବା ଅତ୍ୟାଚାର ସମ୍ପର୍କରେ ଟ୍ୱିଟରରେ ଏକ ଭିଡ଼ିଓ କ୍ଲିପ୍ ଅପ୍‌ଲୋଡ୍ କରାଯାଇଥିଲା । ଯେଉଁଥିରେ ସ୍କୁଲର ଜଣେ ଆଡ୍‌ହକ୍ ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉତ ପ୍ରାୟ ୧୬ ବର୍ଷ ବୟସର ଅଷ୍ଟମ ଶ୍ରେଣୀର ଶ୍ରବଣ/ବାକ୍ ଅକ୍ଷମତା ଥିବା ପ୍ରଭୁ ସାହୁ ନାମକ ଜଣେ ଛାତ୍ରକୁ ଝାଡୁରେ ନିର୍ମମ ଭାବରେ ପିଟିଥିବାର ଦେଖାଯାଇଥିଲା । ଏହି ଭିଡ଼ିଓ କ୍ଲିପ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଘଟଣାର ତଦନ୍ତ କରିବାକୁ ଓଡ଼ିଶା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ବିଭାଗର କମିଶନର-ତଥା-ସଚିବ, ଆମ୍ବପୁଆ ହେଲେନ୍ କେଲର ରେଡ୍‌କ୍ରସ୍ ବଧିର ବିଦ୍ୟାଳୟର ସେହି କର୍ମଚାରୀଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଗତ ୨୨ ତାରିଖରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିଦ୍ୟାଳୟ ଏବଂ ଘଟଣାସ୍ଥଳର ମଧ୍ୟ ତଦନ୍ତ କରି ସରକାର ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କୁ ତାଙ୍କ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ । ତଦନୁସାରେ ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପ-ଜିଲ୍ଲାପାଳ, ଉକ୍ତ ବିଦ୍ୟାଳୟର ଦାୟିତ୍ୱରେ ଥିବା ଅବୈତନିକ ସମ୍ପାଦକଙ୍କୁ ଉକ୍ତ ଦୁଇ କର୍ମଚାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୫ ତାରିଖରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଅଧୀନରେ ଥିବା ଉପ ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ ପୀଡ଼ିତାଙ୍କୁ ଗୋପାଳପୁର ପୋଲିସ ଷ୍ଟେସନ୍ ନେଇଯାଇଥିଲେ । ବଧିର/ମୁକ ଛାତ୍ରଙ୍କୁ ଝାଡୁରେ ନିର୍ମମ ଭାବରେ ପିଟି ଶାରୀରିକ ଆଘାତ ଦେଇଥିବା ହେତୁ ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉତଙ୍କ ବିରୋଧରେ ଏଫଆଇଆର୍ ଦାଖଲ କରିଥିଲେ । ପ୍ରଧାନଶିକ୍ଷକ ବାଉରୀବନ୍ଧୁ ନାୟକଙ୍କୁ ମଧ୍ୟ ଏଫଆଇଆର୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହିକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଆଡ୍‌ହକ୍ ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉତଙ୍କୁ ବରିଷ୍କାର କରିବା ସହିତ ହେଲେନ୍ କେଲର ରେଡ୍‌କ୍ରସ୍ ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଉରୀବନ୍ଧୁ ନାୟକଙ୍କୁ ନିଲମ୍ବନ କରିବାକୁ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୫ ତାରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା । ଆଟେଣ୍ଡାଣ୍ଟ ଗିରିଶ ରାଜଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟଯେ, ଆଟେଣ୍ଡାଣ୍ଟ ଗିରିଶ ରାଜ ରାଉତ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନର ଅନୁମତି ବିନା ୧୪ ଜଣ ମୁକ/ବଧିର ଛାତ୍ରଙ୍କୁ ସ୍କୁଲ କ୍ୟାମ୍ପସ୍ ବାହାରେ ଏକ ଅନଧିକୃତ ଭଡ଼ା ଘର ଏବଂ ଘରୋଇ ମେସ୍‌ରେ ରଖିଥିଲେ । ଏହି ଦୁର୍ବଳ ପିଲାମାନଙ୍କୁ ପଞ୍ଜିକୃତ ନଥିବା ଘରେ ରଖିବା ଅକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ନିର୍ଦ୍ଧାରିତ ନିୟମର ବିରୁଦ୍ଧାଚରଣ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ରାଜଧାନୀର ୟୁନିଟ୍-୪ ଆମିଷ ବଜାର ରୂପ ବଦଳିବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବଦଳିବ ୟୁନିଟ୍ ୪ ଆମିଷ ରିଟେଲ୍ ବଜାରର ରୂପରେଖ । ବିଏମ୍‌ସି ମେୟର, କମିସନର, ଅଧିକାରୀ ଏନେଇ ସମୀକ୍ଷା କରିଛନ୍ତି । ଆସିବ ହାଟର ନୂଆ ଡିଜାଇନ୍ । ଯାହାକୁ ନେଇ ପ୍ରସ୍ତୁତ ହୋଇଛି ପ୍ଲାନ୍ । ନୂତନ ଦୋକାନ, ପାର୍କିଂ, ସ୍ଲଟର୍ ହାଉସ୍, ନୂତନ ରାସ୍ତା ହେବ ନିର୍ମାଣ । ହାଟ ଭିତରେ ଭଙ୍ଗାଯିବ ବେଆଇନ୍ ଘର । ଦୀର୍ଘବର୍ଷ ହେବ ୟୁନିଟ୍ ୪ ମାର୍କେଟ୍‌ରେ ପାର୍କିଂ ସମସ୍ୟା ରହିଛି । ରାସ୍ତା କଡ଼ରେ ପାର୍କିଂ ହେଉଥିବାରୁ ସମସ୍ୟା ହେଉଛି । ପ୍ଲାନ୍ ପ୍ରସ୍ତୁତ ପରେ ବହୁ ଜଲ୍‌ଦି ଆରମ୍ଭ ହେବ ଉଚ୍ଛେଦ ପ୍ରକ୍ରିୟା । ଉଚ୍ଛେଦ ପରେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ । ଜବରଦଖଲକାରୀଙ୍କୁ ତାଗିଦ୍ କରିଛି ବିଏମ୍‌ସି । ଜଲ୍‌ଦି ଦୋକାନ ଛାଡିବା କହିଛନ୍ତି ବିଏମ୍‌ସି ମେୟର । ୟୁନିଟ୍ ୪ ଆମିଷ ବଜାରରେ ବିଏମ୍‌ସି ମେୟର, କମିସନର ପରିଦର୍ଶନ ବେଳେ ରାସ୍ତା କଡ଼ରେ ଗଦା ହୋଇଥିବା ମାଛ, ମାଂସର ଅଳିଆ ଦେଖି ବ୍ୟବସାୟୀଙ୍କୁ ତାଗିଦ୍ କରିଛନ୍ତି । ରାସ୍ତା କଡ଼ରେ ଗଦା ଯାଇଥିବା ଅଳିଆରୁ ଦୁର୍ଗନ୍ଧ ବାହାରୁଥିବାରୁ ଗ୍ରାହକ ଯିବାଆସିବା ପାଇଁ ଅସୁବିଧା ହେଉଛି । ବ୍ୟବସାୟ ମାନଙ୍କ ଆମିଷରୁ ବାହାରୁ ଥିବା ଅଳିଆକୁ ଏଣେ ତେଣେ ନପକେଇବାକୁ କୁହାଯାଇଛି । ଏଥିନେଇ ଅମାନିଆ ବ୍ୟବସାୟୀଙ୍କ ଉପରେ ହେବ କର୍ଯ୍ୟାନୁଷ୍ଠାନ । ପ୍ଲାଷ୍ଟିକ୍ ଡ୍ରମ୍‌ରେ ଅଳିଆ ପକାଇବାକୁ କୁହାଯାଇଛି ।

# ଭୂମିହୀନଙ୍କୁ ପକ୍କା ଘର ଯୋଗାଇ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ମାନଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗର କଡ଼ା ନିର୍ଦ୍ଦେଶନାମା । ଭୂମିହୀନଙ୍କୁ ପକ୍କା ଘର ଯୋଗାଇ ଦେବାରେ ବିଳମ୍ବକୁ କରାଯିବନି ବରଦାସ୍ତ । ଯୋଗ୍ୟ ବିବେଚିତ ଭୂମିହୀନ ପରିବାରକୁ ତୁରନ୍ତ ଘର ବଣ୍ଟନ ପାଇଁ ନିର୍ଦ୍ଦେଶ । ଯୋଗ୍ୟ ଭୂମିହୀନ ଗ୍ରାମାଞ୍ଚଳ ପରିବାର ବା ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇବା ପାଇଁ ପଞ୍ଚାୟତି ରାଜ ବିଭାଗ ଚିଠି କରିଛି । ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣରେ ୮୭୧ ଜଣ ଏବଂ ପିଏମ୍ ଜନମନରେ ୫୦ ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇନାହିଁ । ପିଏମ୍‌ଏୱାଇ-ଜିରେ ସର୍ବାଧିକ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୭୧ ଜଣ ଭୂମିହୀନଙ୍କୁ ଘର ମିଳିନଥିବା ବେଳେ ଗଞ୍ଜାମରେ ୧୭୧ ଜଣ ପାଇନାହାନ୍ତି ଘର । ସମୟ ସୀମା ଭିତରେ ତୁରନ୍ତ ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୨୦୨୪ ସର୍ଭେ ଅନୁଯାୟୀ ରାଜ୍ୟର ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି । ସେଥିମଧ୍ୟରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ଅଟନ୍ତି ।

## ତେଲ ବ୍ୟବହାର ନେଇ ସଚେତନତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କୁ ଜଙ୍କ ଫୁଡ ଚିନ୍ତା । ତେଲ ବୋର୍ଡ ଲଗେଇବେ ସରକାର । କେଉଁ ଖାଦ୍ୟରେ ଅଛି କେତେ ତେଲ, ତାକୁ ଖାଇଲେ କଣ ହେବ, ସେ ନେଇ ତେଲ ବୋର୍ଡ ଜରିଆରେ କରାଯିବ ସଚେତନ । ଏନେଇ ସବୁ ଜିଲ୍ଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଚିଠି କରିଛି । ସମସ୍ତ ଅଙ୍ଗନବାଡି ସେଣ୍ଟର, ଶିଶୁ ଯତ୍ନ କେନ୍ଦ୍ର, ଓ୍ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ଶକ୍ତି ନିବାସ ସହ ଘରୋଇ ପ୍ରତିଷ୍ଠାନରେ ଲାଗିବ ତେଲ ବୋର୍ଡ । ଯେଉଁଥିରେ ରହିବ କେଉଁ ଖାଦ୍ୟରେ କେତେ ତେଲ ପରିମାଣ ରହିଛି । ଯେମିତି କି ସିଙ୍ଗଡ଼ା ପକୋଡ଼ି ଆଳୁଚପ ଛଣା ସେଉ ମୁଢ଼ିରେ କେତେ ପରିମାଣର ତେଲ ରହିଛି । ଯାହାକୁ ଖାଇଲେ ହୃଦ୍‌ରୋଗ, ମୋଟାପଣ, ଯକୃତ ରୋଗ ସହ ଉଚ୍ଚ ରକ୍ତ ଚାପ ହେବାର ସମ୍ଭାବନା ରହିଛି । ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଲାଗିବ ତେଲ ବୋର୍ଡ ।

# ପଦମପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ



**ବରଗଡ଼/ପଦମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଲୋକ ସେବା ଆୟୋଗ ପକ୍ଷରୁ ଆୟୋଜିତ ଓଡ଼ିଶା ସୂଚନା ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩୯ ଜଣ ଲୋକ ସମ୍ପର୍କ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତି ପତ୍ର ପ୍ରଦାନ କରିବା ପରେ ପଦମପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ସନତ ପାଢ଼ି ନିଜ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ବରଗଡ଼ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଭିଏସ୍‌ଏସ୍ ନଗରର ନିବାସୀ ଶ୍ରୀ ପାଢ଼ି କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଓଡ଼ିଶା, କୋରାପୁଟରୁ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ଡିଗ୍ରୀ ହାସଲ କରିବା ପରେ ଆଇଆଇଏମ୍‌ସି ଢେଙ୍କାନାଳ, ଆମିଟି ୟୁନିଭର୍ସିଟି ଏବଂ ଓଡ଼ିଶା ଲାଇଭ ଭଳି ବିଭିନ୍ନ ଅନୁଷ୍ଠାନରେ ଆସିଷ୍ଟାଣ୍ଟ ପ୍ରଫେସର ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ ଅଭିଜ୍ଞତା ରହିଛି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସ୍ୱାଗତ କରିବା ସହ ତାଙ୍କ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଥିବା ବେଳେ ନିଜ ପୂର୍ବ ଅଭିଜ୍ଞତାକୁ ଆଧାର କରି ସଠିକ୍ ଭାବ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିବା ସହ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗରେ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ସୁସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ପାଢ଼ୀ ନିଜ ମତ ରଖିଛନ୍ତି ।

# ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ଆଇନ୍ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ୧୩ ତାରିଖ ଶନିବାର ଦିନ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, କୋରାପୁଟ ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁଯାଉଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ ) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ୍ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ, ଜମି ଅଧିଗ୍ରହଣ, ଚାକିରୀ ସମ୍ବନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଛି । କେବଳ ବିଚାରାଧିନ ମୋକଦ୍ଦମା ନୁହେଁ, ପ୍ରାକ୍-ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବିବାଦର ମଧ୍ୟ ଲୋକ ଅଦାଲତରେ ସମାଧାନ ହୋଇପାରିବ । ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ହେଉଥିବା ଉପରୋକ୍ତ ଜଡିତ ସମସ୍ତ ମୋକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁର ବା ଜିଲ୍ଲାର ୭ ଗୋଟି ତାଲୁକ ଲିଗାଲ୍ ଆଇନ୍ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

# ମାସିକ ସାହିତ୍ୟ ଆସର:ସାମାଜିକ ସମରସତା ଓ ନାରୀ ଉତ୍ଥାନ ପ୍ରେରଣାର ଉତ୍ସ ହେଉଛି 'ଲକ୍ଷ୍ମୀ ପୁରାଣ'

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲାର ବିର୍ସା ମୁଣ୍ଡା ନଗର ଶାଖା ଦ୍ୱାରା ଆୟୋଜିତ ମାସିକ ସାରସ୍ୱତ ସମାବେଶରେ 'ନାରୀ ଉତ୍ଥାନ ଓ ସାମାଜିକ ସମରସତାର ବୈପ୍ଲବିକ ସ୍ୱର: ଲକ୍ଷ୍ମୀ ପୁରାଣ' ଶୀର୍ଷକ ଆଲୋଚନା ଚକ୍ର ରାଉରକେଲା ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଧରିତ୍ରୀ ପାଇକରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ପରିଷଦର ନଗର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଏବଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ବରିଷ୍ଠ ପ୍ରଚାରକ ବିଷ୍ଣୁ ପାତ୍ର । ନଗର ସମ୍ପାଦକ ଅଧ୍ୟାପକ ଆଭାସ କୁମାର ହୋତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ନ୍ୟାସା ଅଗ୍ରୱାଲ ପ୍ରାରମ୍ଭରେ ଲକ୍ଷ୍ମୀ ପୁରାଣ ଗାନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଏହି ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପିକା ଡ. ସୁଷମା ମୋଦୀ ଏବଂ ରାଉରକେଲା କଲେଜର ଓଡ଼ିଆ ଅଧ୍ୟାପିକା ପ୍ରିୟଙ୍କା ପଲାଇ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ବିଶେଷ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଶ୍ରୀ ପାତ୍ର ଏବଂ ଆଲୋଚିକାମାନେ ନିଜ ନିଜ ବକ୍ତବ୍ୟରେ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ ସାମାଜିକ ସମରସତା ତଥା ଓଡ଼ିଆ ନାରୀ ସଶକ୍ତିକରଣ ପାଇଁ ଏକ ବୈପ୍ଲବିକ ସ୍ୱର ବୋଲି ଅଭିହିତ କରିଥିଲେ । ତତ୍କାଳୀନ ସମୟର ଜାତିଭେଦ, ପୁରୁଷକର୍ତ୍ତୃକ ସମାଜର ଚିତ୍ର, ନାରୀ ସ୍ୱାଭିମାନ, ନାରୀ ସ୍ୱାଧୀନତା, ସ୍ୱଚ୍ଛତା ପ୍ରତି ସଚେତନତା, ଓଡ଼ିଆ ଖାଦ୍ୟପେୟ, ଓଡ଼ିଶୀ ଅଳଙ୍କାର, ଜଗନ୍ନାଥ ଚେତନା, ସ୍ଥାପତ୍ୟ ଶିଳ୍ପ, ଆଦର୍ଶ ପତ୍ନୀ, ଆଦର୍ଶ ଭ୍ରାତା, ସମାଜ ଗଠନରେ ନାରୀମାନଙ୍କର ଭୂମିକା ଏବଂ ଓଡ଼ିଆ ଜୀବନ ଦର୍ଶନ ପ୍ରଭୃତି ଅନେକ ଅନାଲୋଚିତ ବିଷୟ ସହ ସାମ୍ପ୍ରତିକ ସମାଜ ତଥା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ମୀ ପୁରାଣର ପ୍ରଚ୍ଛନ୍ନ ପ୍ରେରଣା ସମ୍ପର୍କରେ ଉପସ୍ଥିତ ଅତିଥି-ଆଲୋଚିକାମାନେ ବକ୍ତବ୍ୟରେ ରଖିଥିଲେ । କବିତା ଆବୃତ୍ତି ପର୍ଯ୍ୟାୟରେ ବିଶିଷ୍ଟ କବି ତଥା ଗାଳ୍ପିକ ବ୍ରଜେନ୍ଦ୍ର କୁମାର ଦାଶ ଅଧ୍ୟକ୍ଷତା କରିଥିଲା ବେଳେ କବିତା ସଂଯୋଜନା କରିଥିଲେ ଯୁବ ଗବେଷିକା, କବି ମୋନାଲିସା ବେହେରା ଏବଂ ତରୁଣ କବି, ଛାତ୍ର ଦୀପକ କୁମାର ସାହୁ । ହରିହର ଶତପଥୀ, ସୁଭାଷିନୀ ସାହୁ, ଅମୀୟ ମହାନ୍ତି, ରଞ୍ଜିତା ପାଣିଗ୍ରାହୀ, କରୁଣାକର ପାଟ୍ଟଶାଣୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ନଗର କାର୍ଯ୍ୟକାରୀ ସଭାପତି ଶ୍ରୀ ଆଚାର୍ଯ୍ୟ ଅଧ୍ୟାପିକା ରଞ୍ଜିତା ପାଣିଗ୍ରାହୀଙ୍କୁ ନଗର ସମ୍ପର୍କ ପ୍ରମୁଖ ଭାବେ ନୂତନ ଦାୟିତ୍ୱ ଘୋଷଣା ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ନଗର ଉପସଭାପତି ତଥା ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଅଜୟ କୁମାର ବେହେରା କାର୍ଯ୍ୟକ୍ରମର ସଫଳତା ପାଇଁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ । ନିର୍ମଳ ମୁଣ୍ଡା ନଗର ସଭାପତି ଗିରିଜା ଶଙ୍କର ଗୋସ୍ୱାମୀ, ରମେଶ ଚନ୍ଦ୍ର ସିଂହ, ବିଭୁଦତ୍ତ ବେହେରା, ଗୌତମ ଦାସ, ଗୀତାଞ୍ଜଳି ମହାରଣା, ପ୍ରଭାସିନୀ ସାହୁ, ନିରୁପମା ଚାନ୍ଦ, ରମେଶ ଚନ୍ଦ୍ର ସାହୁ, ପ୍ରିୟା ପାତ୍ର, ସ୍ୱର୍ଣ୍ଣଲତା ଘଡେଇ, ପୁତୁଲ ଡୋଗରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରୋଡ୍ ରୋମିଓଙ୍କୁ ସାବାଡ଼ ପାଇଁ ପୁରୀ ପୋଲିସର ଅଭିଯାନ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲାରେ ଶିକ୍ଷାତ୍ମକ ପରିବେଶକୁ ସୁରକ୍ଷିତ ଓ ଅଶ୍ଳୀଳତା/ ଅନାଚାରମୁକ୍ତ କରିବା ପାଇଁ ପୁରୀ ପୋଲିସ ଏସ୍‌ପି ପ୍ରତୀକ ସିଂଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଥାନା ଅଧିକାରୀଙ୍କ ଦ୍ୱାରା ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ୍ ଓ ଶିକ୍ଷା ସଂସ୍ଥାନ ଚତୁର୍ଦ୍ଦିଗରେ ବ୍ୟାପକ ଛାପାମାରି ଅଭିଯାନ ପ୍ରଚଳିତ କରାଯାଇଥିଲା । ଛାତ୍ରୀମାନଙ୍କ ଉପରେ ଅନାଚାର ଭାବେ ହାରାସମେଣ୍ଟ, ରୋଡ୍ ରୋମିଓ ଆଚରଣ ଉପରେ ପ୍ରତିବନ୍ଧ ଲଗାଇବା ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସ୍କୁଲ୍, କଲେଜ୍ ସମ୍ମୁଖରେ ଅନାବଶ୍ୟକ ଭିଡ଼ ଏବଂ ଯୁବକମାନଙ୍କ ଗ୍ରୁପିଂ ଉପରେ ନିୟନ୍ତ୍ରଣ କରାଯାଇଥିଲା । ହେଲ୍‌ମେଟ୍ ବିନା, ଟ୍ରିପଲ୍ ରାଇଡିଂ, ଓଭର୍ ସ୍ପିଡ୍ ଓ ଷ୍ଟଂଟ୍ ଭଳି ଅସୁରକ୍ଷିତ ବାଇକ୍ ଚାଳନାକୁ ଦମନ ପାଇଁ ପୋଲିସ ଡିୟୁଟି ଦିଆଯାଇଥିଲା । ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ଭୟମୁକ୍ତ ପରିବେଶ ସୃଷ୍ଟି କରାଯାଇଥିଲା । ପୁରୀ ସହର ସହିତ ଜିଲ୍ଲାର ଏକାଧିକ ସ୍କୁଲ୍, କଲେଜ୍ ଓ କୋଚିଂଗ୍ ଅଞ୍ଚଳରେ ପୋଲିସ ଦଳ ଦ୍ୱାରା ପ୍ଲେନ୍ କଲୋଥ୍ ଟିମ୍ ଦ୍ୱାରା ନିରୀକ୍ଷଣ କରାଯାଇଥିଲା, ପିସିଆର୍ ଓ ମୋଟର ସାଇକେଲ୍ ପାଟ୍ରୋଲିଂ ଦ୍ୱାରା ସିଧାସଳଖ ଛାପାମାରି କରାଯାଇଥିଲା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା କରାଯାଇଛି । ଅଭିଯାନ ସମୟରେ କିଛି ଯୁବକଙ୍କୁ ପୋଲିସ ଦ୍ୱାରା ସଚେତନ କରାଯାଇଛି ଏବଂ ଅନୁଚିତ ଆଚରଣ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ଠାରୁ ବ୍ୟାପକ ଭାବରେ ଫାଇନ୍ ଏବଂ ଆଇନ୍ ଅନୁଯାୟୀ କାର୍ଯ୍ୟବହଳ ସ୍ଥିର କରାଯାଇଛି । ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସ୍କୁଲ୍ ଓ କଲେଜ୍ ପରିସର ସବୁଥିରୁ ସୁରକ୍ଷିତ ହେବା ଆବଶ୍ୟକ । ଝିଅମାନଙ୍କ ଉପରେ ଅନାଚାର କିମ୍ବା ଅସମ୍ମାନ ଆଚରଣକୁ ଶୂନ୍ୟ ସହନ ଯୋଗ୍ୟତା ନୀତିରେ ଦେଖାଯିବ । ପୁରୀ ପୋଲିସ ଏଥିପାଇଁ ନିରନ୍ତର ଅଭିଯାନ ଚାଲାଇବ । ସମସ୍ତ ଥାନା ଅଧିକାରୀ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରତିଦିନ ସକାଳ ଶିକ୍ଷାନୁଷ୍ଠାନ ଯିବା ଓ ଆସିବା ବେଳେ ପୋଲିସ ପାଟ୍ରୋଲିଙ୍ଗ କରାଯିବ । ଅନାଚାର, ରୋଡ୍ ରୋମିଓ କାର୍ଯ୍ୟକଳାପ ଦେଖିଲେ ତତ୍‌କ୍ଷଣାତ୍ ଆଇନ୍ କାର୍ଯ୍ୟ ହେବ । ପୋଲିସର ସନ୍ଦେଶ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ମାନ, ଶିଷ୍ଟାଚାର ଓ ସୁରକ୍ଷିତ ବ୍ୟବହାର ଅନୁସରଣ କରନ୍ତୁ । ଟ୍ରାଫିକ୍ ନିୟମ ପାଳନ କରନ୍ତୁ, ହେଲ୍‌ମେଟ୍ ପିନ୍ଧନ୍ତୁ । ଅନୁଚିତ ଆଚରଣ ଦେଖିଲେ ପୋଲିସକୁ ତତ୍‌କ୍ଷଣାତ ୧୧୨ରେ କଲ୍ କରି ଜଣାନ୍ତୁ । ଜନସାଧାରଣଙ୍କୁ ଅନୁରୋଧ । ପୁରୀ ପୋଲିସ ସମସ୍ତ ଅଭିଭାବକ, ଶିକ୍ଷକ ଓ ସମାଜର ସଚେତନତା ନାଗରିକମାନଙ୍କୁ ଅନୁରୋଧ କରୁଛି ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଯାତାୟାତ ବିଷୟରେ ସଚେତନ ରୁହନ୍ତୁ । ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅନାଚାର ଘଟଣା ଦେଖିଲେ ୧୧୨ରେ କଲ୍ କିମ୍ବା ନିକଟସ୍ଥ ପୋଲିସ ଥାନାକୁ ଜଣାନ୍ତୁ । ଝିଅମାନଙ୍କ ସୁରକ୍ଷା ପାଇଁ ପୋଲିସ ଅଭିଯାନରେ ସହଯୋଗ କରନ୍ତୁ । ପୁରୀ ପୋଲିସ ପ୍ରତ୍ୟେକ ସ୍କୁଲ୍, କଲେଜ୍ ଓ ଟ୍ୟୁସନ୍ ଜୋନ୍‌ରେ ନିୟମିତ ନିରୀକ୍ଷଣ ଜାରି ରଖିବ । ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ପରିବେଶ ପ୍ରଦାନ ପାଇଁ ପୁରୀ ପୋଲିସର ପ୍ରଥମ ଅଗ୍ରଗତି ରହିବ ।

# ତ୍ରୁଟିପୂର୍ଣ୍ଣ ଗଳିପୋଲ ନିର୍ମାଣ:ରେଳ ରୋକ୍ କରିବ କୋରେଇ ସଂଗ୍ରାମସମିତି

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ରୋଡ଼ କେନ୍ଦୁଝର ରେଳ ଷ୍ଟେସନ୍ ନିକଟସ୍ଥ ଗୋପବନ୍ଧୁ ଛକରେ ଥିବା ରେଲୱେ ଗଳି ପୋଲ ନିର୍ମାଣରେ ତ୍ରୁଟି ଯୋଗୁ ଗଳି ପୋଲରେ ଆଣ୍ଠୁଏ ଲେଖାଏଁ ପାଣି ଜମିଥିବାରୁ ସହରର ଜନସାଧାରଣ ଯାତାୟାତରେ ବାଧାପ୍ରାପ୍ତ ହେଉଛନ୍ତି । ଏହି ଗଳି ପୋଲ ନିର୍ମାଣ ପାଇଁ ୫ କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । କିନ୍ତୁ ରେଳ ବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରାଯାଇଛି । ଫଳରେ ଗଳିପୋଲ ନର୍ଦ୍ଦମା ପାଣି ଲହରୀ ଭାଙ୍ଗୁଛି । ସହରବାସୀ ଓ ପଥଚାରୀ ଯାତାୟାତରେ ବାଧକ ସାଜିବା ସଂଗେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏହି ପୋଲ ନିର୍ମାଣ ତ୍ରୁଟି ପାଇଁ ଯାଜପୁର ରୋଡ଼ ଏ.ଡି.ଏନ୍‌କୁ ଏହି କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଦାୟୀ କରାଯାଇଛି । ଏନେଇ କୋରାଇ ସଂଗ୍ରାମ ସମ୍ମିତିର ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବୋଇତେଇ,ଗଳି ପୋଲର ନିର୍ମାଣର ଦୁର୍ନୀତିକୁ ତଦନ୍ତ ପାଇଁ ରେଳମନ୍ତ୍ରୀ ରେଲୱେ ବୋର୍ଡ଼ର ଅଧ୍ୟକ୍ଷ ପୂର୍ବତଟ ଜିଏମ୍‌କୁ ଦାବିପତ୍ର ଦିଆଯାଇଛି । ୧୫ଦିନ ମଧ୍ୟରେ ଏହି ଗଳି ପୋଲ ନିର୍ମାଣ ତ୍ରୁଟିକୁ ଯଥାଶୀଘ୍ର ତଦନ୍ତ କରାଯାଇ ସ୍ଥାୟୀ ସମାଧାନ କରାନଗଲେ କୋରାଇ ସଂଗ୍ରାମ ସମିତି ପକ୍ଷରୁ ରେଳ ରୋକ୍ କରାଯିବ ବୋଲି ଏହି ମର୍ମରେ ରେଲୱେ ବାଇ ବୋର୍ଡ଼ ଚେୟାରମ୍ୟାନ ପୂର୍ବତଟ ଜିଏମ୍‌କୁ ଦାବିପତ୍ର ଦିଆଯାଇଛି ।

# ସମ୍ବଲପୁର ଜିଲ୍ଲାରେ ଧାନ କିଣା ବ୍ୟବସ୍ଥାରେ ଅଚଳାବସ୍ଥା:ଚାଷୀ ହତାଶ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ନଭେମ୍ବର ୧୭ ତାରିଖରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ (ଡିଏଲ୍‌ପିସି) ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ନଭେମ୍ବର ୨୮ ତାରିଖ ଠାରୁ ସମ୍ବଲପୁରରେ ଧାନ ସଂଗ୍ରହ ପକ୍ରିୟା ଆରମ୍ଭ ହେବାରଥିଲା । ସେହି ଅନୁସାରେ ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ ସଂଗ୍ରହ ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇଥିଲା । ତେବେ ଚାଷୀମାନେ ଟୋକନ୍‌କୁ ଅପେକ୍ଷା କରି ରହିଥିବା ବେଳେ ଧାନ ସଂଗ୍ରହରେ ସାମିଲ୍ କରିବାକୁ ମିଲରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷରକୁ ଅପେକ୍ଷା କରିଥିଲା ଜିଲ୍ଲା ପ୍ରଶାସନ । ମାତ୍ର ରାଜ୍ୟସ୍ତରରେ ମିଲ୍ ମାଲିକ ସଂଘ ୭ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଶୁକ୍ରବାର ଠାରୁ ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମିଲର୍ସଙ୍କ ଚୁକ୍ତିପତ୍ର ସ୍ୱାକ୍ଷର ନହେବାରୁ ଏବେ ଉକ୍ତ ସନ୍ଦେହ ବାସ୍ତବ ରୂପ ନେଇଛି । ଅପରପକ୍ଷରେ ଚଳିତ ୨୦୨୫-୨୬ ଖରିଫ୍ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଜିଲ୍ଲାର ୬୫,୧୪୩ ଜଣ ଚାଷୀଙ୍କ ମଧ୍ୟରୁ ୪୯,୩୩୩ ଜଣ ଚାଷୀଙ୍କ ପାଇଁ ଗୁରୁବାର ବିଳମ୍ବିତ ରାତି ଶେଷ ମୁହୂର୍ତ୍ତରେ ପ୍ରଥମ ପର୍ଯ୍ୟାୟ ଟୋକନ ଜାରି କରାଯାଇଛି । ସେହିପରି ଜିଲ୍ଲାରେ ସମୁଦାୟ ୧୨୭ଟି ଧାନ କ୍ରୟ କେନ୍ଦ୍ର (ପିପିସି)ରେ ମଧ୍ୟ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇସାରିଛି । ଧାନ ସଂଗ୍ରହ ପାଇଁ ଶୁକ୍ରବାର ସକାଳ ୮ଟା ପୂର୍ବରୁ ଚାଷୀମାନେ ବିଭିନ୍ନ ଯାନ ବାହନରେ ଧାନ ବୋଝେଇ କରି ବରେଇପାଲି ଆର୍‌ଏମ୍‌ସି ମଣ୍ଡିରେ ପହଞ୍ଚିଥିଲେ । ଆର୍‌ଏମ୍‌ସି ଓ ପିଏସିଏସ୍ କର୍ମଚାରୀ ମଧ୍ୟ ପ୍ରସ୍ତୁତ ହୋଇ ରହିଥିଲେ । ମାତ୍ର ଏଠାରେ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହୋଇପାରିନଥିଲା । ବହୁ ବିଳମ୍ବରେ ସେଠାରେ ମିଲରଙ୍କ ପ୍ରତିନିଧି ପହଞ୍ଚିବା ପରେ ଧାନ ସଂଗ୍ରହ ପ୍ରକିୟା ଆରମ୍ଭ ପାଇଁ ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲ୍ଲା ସମବାୟ ସମିତି ସମୂହ ଉପ ନିବନ୍ଧକ ଲକ୍ଷ୍ମୀଧର ରାଉତ, ଆର୍‌ଏମ୍‌ସି ସମ୍ପାଦକ ସରୋଜ ମେହେରଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଚାଷୀ ନେତା, ମିଲର୍ସ ପ୍ରତିନିଧିଙ୍କ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ମାତ୍ର ନିଖିଳ ଓଡ଼ିଶା ମିଲର୍ସ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହାର ବା ରାଜ୍ୟ ସଂଘରୁ ଧାନ ସଂଗ୍ରହ ପାଇଁ ସବୁଜ ସଙ୍କେତ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇପାରିବେ ନାହିଁ ବୋଲି ରୋକ୍‌ଠୋକ୍ କହି ବୈଠକରୁ ଉଠି ଚାଲି ଯାଇଥିଲେ । ଯାହାଫଳରେ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ହୋଇନପାରି ଅଚଳାବସ୍ଥା ଜାରି ରହିଛି । ଫଳରେ ଚାଷୀମାନେ ସାଙ୍ଗରେ ଆଣିଥିବା ଧାନକୁ ମଣ୍ଡିରେ ଗଦା କରି ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି । ପରେ ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ସେଠାରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଛନ୍ତି । ସେ ଚାଷୀମାନଙ୍କୁ କହିଲେ ଯେ, ଜିଲ୍ଲାପାଳ ଗୋଟିଏ ଦିନ ଅପେକ୍ଷା କରିବାକୁ ନିବେଦନ କରିଛନ୍ତି । ସନ୍ଧ୍ୟାରେ ମିଲର୍ସଙ୍କ ସହ ଆଲୋଚନା କରି ଧାନ ସଂଗ୍ରହ ପାଇଁ ବାଟ ଫିଟାଇବା ଉଦ୍ୟମ କରିବେ ଓ ଶନିବାର ଠାରୁ ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ । ଉପ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଶୁଣିବା ପରେ ଏଥିରେ ଚାଷୀମାନେ ସହମତି ପ୍ରକାଶ କରିଛନ୍ତି । ଏହାକୁ ନେଇ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି ଯେ, ଡିଏଲ୍‌ପିସି ବୈଠକରେ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ସମୟରେ ଚାଷୀମାନେ ଧାନ ନେଇ ମଣ୍ଡିକୁ ଆସିଛନ୍ତି । ମାତ୍ର ଏଠାକୁ ଆସି ମିଲର୍ସ ଆନ୍ଦୋଳନକୁ ଓହ୍ଲାଇ ଚୁକ୍ତିପତ୍ର ସ୍ୱାକ୍ଷର କରୁନଥିବା ଜାଣିବାକୁପାଇଲୁ । ଜିଲ୍ଲାପାଳଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଆମେମାନେ ଅପେକ୍ଷା କରୁଛୁ । ଶନିବାର ସକାଳୁ ଧାନ କ୍ରୟ ଆରମ୍ଭ ନହେଲେ ପୂର୍ବାହ୍ନ ରେମେଡ଼୍ ଛକ ଠାରେ ରାସ୍ତାରୋକ କରି ଅର୍ଥନୈତିକ ଅବରୋଧ କରିବେ ବୋଲି ଚାଷୀ ନେତା ଶ୍ରୀ ଠାକୁର ଚେତାବନୀ ଦେଇଥିଲେ ।

# ରୋହିତ-ବିରାଟଙ୍କ ବିନା ୨୦୨୭ ବିଶ୍ୱକପ୍ ଜିତିପାରିବନି ଭାରତ : କ୍ରିସ ଶ୍ରୀକାନ୍ତ

**ନୂଆଦିଲ୍ଲୀ**

ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଭବିଷ୍ୟତକୁ ନେଇ କିଛି ସମୟ ଧରି ବିତର୍କ ଚାଲିଛି। ଚାମ୍ପିଅନ୍ସ ଟ୍ରଫି ପରେ ଅଷ୍ଟ୍ରେଲିଆରେ ଉଭୟ ଅଭିଜ୍ଞ ଖେଳାଳି ଏକଦିବସୀୟ ସିରିଜରେ ଖେଳି ଦୃଢ଼ ପ୍ରଦର୍ଶନ କରିଥିଲେ। ରୋହିତ ତୃତୀୟ ଏକଦିବସୀୟରେ ଶତକ ହାସଲ କରିଥିଲେ। ରବିବାର, ବିରାଟ କୋହଲି ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଏକଦିବସୀୟରେ ମଧ୍ୟ ଶତକ ହାସଲ କରିଥିଲେ। ଏହା ପରେ ପୂର୍ବତନ ଭାରତୀୟ ଓପନର କ୍ରିସ୍ ଶ୍ରୀକାନ୍ତ ଏକ ସାହସିକ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ବିନା ଭାରତ ୨୦୨୭ ଏକଦିବସୀୟ ବିଶ୍ୱକପ ଜିତିପାରିବ ନାହିଁ। ଶ୍ରୀକାନ୍ତ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି, 'ବିରାଟ କୋହଲି ଏବଂ ରୋହିତ ଶର୍ମା ଏକ ଭିନ୍ନ ସ୍ତରରେ ଖେଳୁଛନ୍ତି। ସେମାନଙ୍କ ବିନା, ୨୦୨୭ ବିଶ୍ୱକପ ଯୋଜନା ସଫଳ ହେବ ନାହିଁ। ଆପଣଙ୍କୁ ଗୋଟିଏ ପାର୍ଶ୍ୱରେ ରୋହିତ ଏବଂ ଅନ୍ୟ ପାର୍ଶ୍ୱରେ ବିରାଟ ଆବଶ୍ୟକ। ଏହା ବିଷୟରେ କୌଣସି ପ୍ରଶ୍ନ ଉଠାଇବା ଉଚିତ୍ ନୁହେଁ।' ପୂର୍ବତନ ଭାରତୀୟ ଓପନର କ୍ରିସ ଶ୍ରୀକାନ୍ତ ମଧ୍ୟ ଜୋର ଦେଇ କହିଛନ୍ତି ଯେ ରୋହିତ ଏବଂ ବିରାଟଙ୍କ ପ୍ରତିବଦ୍ଧତା ଏବଂ ଫିଟ୍‌ନେସ୍, କେବଳ ଗୋଟିଏ ଫର୍ମାଟ ଖେଳିବା ସତ୍ତ୍ୱେ ସମସ୍ତ ସନ୍ଦେହକୁ ଦୂର କରିବା ଉଚିତ। ସେ କହିଛନ୍ତି, ସେମାନେ ବହୁତ କଠିନ ପରିଶ୍ରମ କରିଛନ୍ତି। କେବଳ ଗୋଟିଏ ଫର୍ମାଟ ଖେଳି ସେହି ମାନସିକତା ବଜାୟ ରଖିବା ସହଜ ନୁହେଁ। ମୋ ପାଇଁ, ସେମାନେ ୨୦୨୭ ବିଶ୍ୱକପ ପାଇଁ ସେମାନଙ୍କର ସ୍ଥାନ ସୁରକ୍ଷିତ କରିଛନ୍ତି। ସେମାନଙ୍କ ବିନା ଆମେ ଜିତିପାରିବୁ ନାହିଁ।



ଭୁବନେଶ୍ୱର : ଡିସେମ୍ବର-୯ରେ କଟକ ବାରବାଟୀ ଷ୍ଟାଡ଼ିୟମରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକାର ପ୍ରଥମ ଟି-୨୦ ମ୍ୟାଚ୍ ଦେଖିବା ପାଇଁ ଅନଲାଇନ୍‌ରେ ଟିକଟ କିଣି ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଟିକେଟ ପ୍ରଦାନ କରୁଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା। (ସମ୍ବାଦ କଳିକା)

## ଓଡ଼ିଶା ଫେରିଲେ ବିଶ୍ୱ ବିଜୟିନୀ

# ୪ ସୁନାଝିଅଙ୍କୁ ସମ୍ବର୍ଦ୍ଧନା ସହ ୧୧ ଲକ୍ଷ ଲେଖାଏଁ ପୁରସ୍କାର ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର**



ବିଶ୍ୱ ବିଜୟିନୀ ହୋଇ ଫେରିଲେ ଓଡ଼ିଶାର ୪ ସୁନାଝିଅ। ମହିଳା ଦୃଷ୍ଟିବାଧିତ ଟି-୨୦ ବିଶ୍ୱକପ୍ ଭାରତୀୟ ଦଳରେ ଥିବା ଓଡ଼ିଶାର ୪ ଜଣ ଖେଳାଳି ଓଡ଼ିଶା ଫେରିଛନ୍ତି। ବିମାନବନ୍ଦରରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ୪ ଖେଳାଳି ଫୁଲ ସୋରେନ, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ, ଏବଂ ବାସନ୍ତୀ ହାଁସଦା ଓଡ଼ିଶା ପାଇଁ ଗର୍ବ ଆଣିଥିବା ବେଳେ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ମହିଳା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍ ୨୦୨୫ର ବିଜୟୀ ଭାରତୀୟ ଦଳରେ ସାମିଲ ଥିବା ଓଡ଼ିଶାର ୪ ଜଣ ସୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କଲି। ଫୁଲ ସୋରେନ, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ, ଏବଂ ବାସନ୍ତୀ ହାଁସଦାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଦେଶ ଓ ରାଜ୍ୟ ପାଇଁ ଅତୁଳନୀୟ ଗୌରବ ଆଣିଛି। ସେମାନଙ୍କର ଏହି ମହାନ ସଫଳତା ପାଇଁ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଛି। ଆପଣମାନଙ୍କର ନିଷ୍ଠା, ଅଧ୍ୟବସାୟ ଓ ଖେଳ ପ୍ରତି ଥିବା ଦୃଢ଼ ଇଚ୍ଛାଶକ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ। ଆପଣମାନଙ୍କ ସଫଳତା ପ୍ରମାଣ କରେ ଯେ ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସବୁ ବାଧାବିଘ୍ନକୁ ଅତିକ୍ରମ କରିହେବ। ମୁଁ ଆଶା କରୁଛି, ଏହି ବିଜୟ ଯାତ୍ରା ଆତ୍ମବିଶ୍ୱାସ ସହ ଆଗକୁ ମଧ୍ୟ ଜାରି ରହୁ। ଖେଳ ଜଗତରେ ଓଡ଼ିଶାର ନାମକୁ ଏହିପରି ଉଜ୍ଜ୍ୱଳ କରି ଚାଲନ୍ତୁ। ସମସ୍ତଙ୍କୁ ମୋର ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ।

ସେହିପରି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବି ଓଡିଶାକୁ ଗୌରବ ଆଣି ଦେଇଥିବା ଖେଳାଳିଙ୍କ ସହ ଫଟୋ ସେୟାର କରିଛନ୍ତି ଆଉ ଲେଖିଛନ୍ତି- ପ୍ରଥମ ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍-୨୦୨୫ ଚାମ୍ପିଅନସ ଟିମର ପ୍ରତିଭାବାନ୍ ଓଡ଼ିଆ କ୍ରିକେଟର ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି ଉତ୍ତମ ଖେଳ ପ୍ରଦର୍ଶନ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିଜୟ ପାଇଁ ସେମାନଙ୍କୁ ପୁରସ୍କୃତ କରିଛନ୍ତି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅନେକ ଶୁଭେଚ୍ଛା।

# ବାରବାଟୀ ଟି-୨୦ : ୫ ମିନିଟରେ ଅନଲାଇନ ଟିକେଟ ଶେଷ

**କଟକ, ନ୍ୟୁଜ୍‌ବ୍ୟୁରୋ**

ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ମ୍ୟାଚ ପାଇଁ ସୋମବାର ଅନ୍‌ଲାଇନ ଟିକଟ ବିକ୍ରି ହୋଇଥିଲା। ସାଧାରଣ ଦର୍ଶକଙ୍କ ଲାଗି ଅନ୍‌ଲାଇନରେ ୨୦୦୦ ଟିକଟ ଉପଲବ୍ଧ ରହିଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଅପରାହ୍ଣ ୨ଟାରେ 'ଡ୍ରିଷ୍ଟିକ୍ଟ ବାଇ ଜମାଟୋ' ୱେବସାଇଟ୍ ଆପ୍‌ରେ ଟିକଟ ଉପଲବ୍ଧ ହୋଇଥିଲା। ଅନ୍‌ଲାଇନରେ ଉପଲବ୍ଧ ଥିବା ୨୦୦୦ ଟିକଟ ମାତ୍ର ୪ ମିନିଟ୍ ୩୫ ସେକେଣ୍ଡରେ ଶେଷ ହୋଇଯାଇଥିଲା। ଟିକଟ କିଣିବା ଲାଗି ପ୍ରାୟତଃ ୪୦ ହଜାରରୁ ଅଧିକ ବ୍ୟକ୍ତି ଅନ୍‌ଲାଇନ କ୍ୟୁରେ ରହିଥିଲେ। ଅନ୍‌ଲାଇନରେ ଗ୍ୟାଲେରୀ ନଂ ୨, ୪ ଓ ୭ ସହ ଏସି ବକ୍ସ, ସ୍ପେଶାଲ ଏନକ୍ଲୋଜର ଓ ନ୍ୟୁ ପ୍ୟାଭିଲିୟନ ଟିକଟ ବିକ୍ରି ହୋଇଥିଲା। ଅନ୍‌ଲାଇନରେ ଟିକଟ ବୁକିଂ କରିଥିବା ବ୍ୟକ୍ତିମାନେ ବୁକିଂର ଅସଲି ରସିଦ ଦେଖାଇ ଡିସେମ୍ବର ୮ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଓ ୯ ତାରିଖ ସକାଳ ୯ଟାରୁ ଅପରାହ୍ଣ ୧ଟା ମଧ୍ୟରେ କେମ୍ବ୍ରିଜ ସ୍କୁଲ କାଉଣ୍ଟର ନିକଟରୁ ଟିକଟ ସଂଗ୍ରହ କରିପାରିବେ।

# ସୁଲ୍‌ତାନ ଆଜ୍‌ଲାନ ଶାହା କପ୍ ହକି ବେଲ୍‌ଜିୟମ ଚାମ୍ପିଅନ, ଭାରତ ରନର୍ସଅପ



**ନୂଆଦିଲ୍ଲୀ**

ସୁଲତାନ ଆଜ୍‌ଲାନ ଶାହା ଆମନ୍ତ୍ରଣୀୟ ପୁରୁଷ ହକି ପ୍ରତିଯୋଗିତାର ୩୧ତମ ସଂସ୍କରଣ-୨୦୨୫ରେ ବେଲଜିୟମ ଚାମ୍ପିଅନ ଓ ଭାରତ ରନର୍ସଅପ ହୋଇଛନ୍ତି। ମାଲେସିଆର ଇପୋରେ ଚାଲିଥିବା ଉକ୍ତ ପ୍ରତିଯୋଗିତାର ରବିବାର ଫାଇନାଲ ଖେଳାଯାଇଥିଲା। ଏଥିରେ ବେଲଜିୟମ ୧-୦ ଗୋଲରେ ଭାରତକୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଛି। ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ତଥା ଖେଳର ୩୪ ମିନିଟ୍‌ରେ ବେଲଜିୟମ ପକ୍ଷରୁ ଥିୟାବେ ଷ୍ଟକହାମ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ଭାରତ ଶେଷ ସେକେଣ୍ଡ ପର୍ଯ୍ୟନ୍ତ ଗୋଲ ଦେବା ନେଇ ଉଦ୍ୟମ କରିଥିଲେ ମଧ୍ୟ ବେଲଜିୟମ କୌଣିସ ସୁଯୋଗ ଦେଇନଥିଲା। ୬ଟି ଦେଶକୁ ନେଇ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଭାରତ ଲିଗ୍ ପର୍ଯ୍ୟାୟରେ ମଧ୍ୟ ବେଲଜିୟମ ନିକଟରୁ ୨-୩ ଗୋଲରେ ପରାଜିତ ହୋଇଥିଲା। ସେହିପରି ମାଲେସିଆକୁ ୬-୧ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନ ହାସଲ କରିଛି।

# ପୂର୍ବତଟ ରେଳପଥ ଦ୍ୱାରା ଦ୍ୱିତୀୟ ନୀଳାଦ୍ରି କପ୍ ଟି-୨୦ ଆନ୍ତଃବିଭାଗୀୟ କ୍ରିକେଟ୍ ଚାମ୍ପିଅନସିପ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ସଭାପତି ଡକ୍ଟର ହେମନ୍ତ କାଗ୍ରାଙ୍କ ଦ୍ୱାରା ସୋମବାର ମଞ୍ଚେଶ୍ୱର ସ୍ଥିତ ରେଳବାଇ କ୍ରିକେଟ୍ ଷ୍ଟାଡିୟମରେ ଦ୍ୱିତୀୟ ଟି-୨୦ ନୀଳାଦ୍ରି କପ୍ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ଉଦ୍ଘାଟନ କରାଯାଇଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏହାର କର୍ମଚାରୀ ମାନଙ୍କ ମଧ୍ୟରେ କ୍ରୀଡ଼ାପ୍ରେମୀ, ଏକତା ଏବଂ ଶାରୀରିକ ସୁସ୍ଥତାକୁ ଉତ୍ସାହିତ କରିବା। ଏହି ପଦକ୍ଷେପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ମାର୍ଗଦର୍ଶିତ, ଯାହାଙ୍କ ନେତୃତ୍ୱରେ କ୍ରୀଡ଼ା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯାଇଛି ଏବଂ ସମଗ୍ର ଜୋନ୍‌ରେ କ୍ରୀଡ଼ା ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।



ଏହି ଟୁର୍ଣ୍ଣାମେଣ୍ଟ ବିଭିନ୍ନ ବିଭାଗରେ ଦଳଗତ ମନୋଭାବ, ଶୃଙ୍ଖଳା ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଆର.ପି.ଏଫ୍., କାର୍ମିକ ଏବଂ ସୁରକ୍ଷା, ମେଡ଼ିକାଲ ଏବଂ ଷ୍ଟୋର, ଆକାଉଣ୍ଟସ୍, ଏସ୍.ଆଣ୍ଡ.ଟି., ଅପରେଟିଙ୍ଗ୍, ଇଞ୍ଜିନିୟରିଂ, କମର୍ସିଆଲ୍, ଅଡିଟ୍, ନିର୍ମାଣ, ଏବଂ ଏଇ ଏବଂ ମେକାନିକାଲକୁ ପ୍ରତିନିଧିତ୍ୱ କରୁଥିବା ମୋଟ ୧୧ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି।

ଏହି ମ୍ୟାଚ୍‌ଗୁଡ଼ିକ ରାଉଣ୍ଡ ଲିଗ୍ ଫର୍ମାଟରେ ଖେଳାଯିବ। ଶ୍ରେଷ୍ଠ ଚାରୋଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ ଏବଂ ତନ୍ମଧ୍ୟରୁ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଇ.ସି.ସି.ଟି-୨୦ ନିୟମ ଅନୁଯାୟୀ ସେମିଫାଇନାଲ୍ ଏବଂ ଫାଇନାଲ୍ ସମେତ ୨୮ଟି ମ୍ୟାଚ୍ ୧ ଡିସେମ୍ବରରୁ ୨୧ ଡିସେମ୍ବର ୨୦୨୫ ମଧ୍ୟରେ ଖେଳାଯିବ। ଏହି ଚାମ୍ପିଅନସିପ୍ ୨୧ ଡିସେମ୍ବର ୨୦୨୫ରେ ମଞ୍ଚେଶ୍ୱରର ରେଲୱେ କ୍ରିକେଟ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ସହିତ ଶେଷ ହେବ।

ପୂର୍ବତଟ ରେଳପଥ ସମଗ୍ର ଜୋନ୍‌ରେ ସକ୍ରିୟ କ୍ରୀଡ଼ା ସଂସ୍କୃତିକୁ ପ୍ରଚାର କରିବାରେ ପ୍ରତିବଦ୍ଧ ରହିଛି। ନୀଳାଦ୍ରି କପ୍ ଭଳି ପଦକ୍ଷେପ ମାଧ୍ୟମରେ, ପୂର୍ବତଟ ରେଳପଥ କେବଳ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରିବାର ସୁଯୋଗ ପ୍ରଦାନ କରିନଥାଏ, ବରଂ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ସାମଗ୍ରିକ କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏଭଳି ଟୁର୍ଣ୍ଣାମେଣ୍ଟକୁ ସମର୍ଥନ କରି ରେଳବାଇ କର୍ମଚାରୀଙ୍କ ଯୋଗଦାନ, ଶାରୀରିକ ସୁସ୍ଥତା ଏବଂ ଏହାର କାର୍ଯ୍ୟବଳର ସାମଗ୍ରିକ ବିକାଶ ପ୍ରତି ନିଜର ଉତ୍ସର୍ଗୀକୃତ ମନୋଭାବକୁ ସୁଦୃଢ଼ କରିଥାଏ।

# ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୧୬ ସାମିଲ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଚଳିତ ଡିସେମ୍ବର ମାସ ୨ ରୁ ୫ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାସ୍ଥିତ ମାଣିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ଛାତ୍ରୀ ଯୋଗ ଦେବେ। ଜେନେରାଲ ମ୍ୟାନେଜର ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଲୁହାଶିଳାର ପିଇଟି ଜଗତଜିତ ମାଝୀ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ପାନ୍ଧଡ଼ାର ପିଇଟି ଗୀତାଞ୍ଜଳି ସିଂ ଦେବ ସଚ୍ଚନଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ବର୍ଷା ସିଂ, ଫୁଲେଶ୍ୱରୀ ମୁର୍ମୁ, ରଜନୀ ମୁର୍ମୁ, ସୁମତୀ ହେମ୍ବ୍ରମ, ରାଇମଣି ସିଂ, ମାମା ସିଂ, ଜସ୍ମିତା ସିଂ, ପୂଜା ହାଁସଦା, ସାକ୍ରୁ ମୁର୍ମୁ, ଘନପ୍ରଭା ବାଗ,କରିନା ମୁର୍ମୁ, ମାହୀ ସୋରେନ, ଲକ୍ଷ୍ମୀପ୍ରିୟା ସୋରେନ, ଲିଲିମଣି ମାରାଣ୍ଡି, କାଇରୀ ନାଏକ, ରଜନୀଗନ୍ଧା ନାୟକ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।



# ନ୍ୟାସନାଲ ଶୁଟିଂ ଚାମ୍ପିଅନସିପ୍ ଆରମ୍ଭ : ଭାଗ ନେଲେ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ

**ନୂଆଦିଲ୍ଲୀ**

ସୋମବାରଠାରୁ ଆରମ୍ଭ ହୋଇଥିବା ନ୍ୟାସନାଲ ଶୁଟିଂ ଚାମ୍ପିୟନସିପ୍ ପାଇଁ ରେକର୍ଡ ସଂଖ୍ୟକ ୧୬,୦୦୦ ପ୍ରତିଯୋଗୀ ପିସ୍ତଲ, ରାଇଫଲ ଓ ଶଟ୍‌ଗନ୍ ଇଭେଣ୍ଟରେ ଭାଗ ନେବାଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ବାର୍ଷିକ ପ୍ରତିଯୋଗିତାର ଗତବର୍ଷ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୩,୫୦୦ ରହିଥିଲା।

ସୋମବାର ତୁଗଲକ୍‌ବାଗ୍‌ସ୍ଥିତ କାର୍ଣି ସିଂ ରେଞ୍ଜର୍ସଠାରେ ଶଟ୍‌ଗନ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ପିସ୍ତଲ ଓ ରାଇଫଲ ଇଭେଣ୍ଟ ଯଥାକ୍ରମେ ଦିଲ୍ଲୀ ଓ ଭୋପାଳଠାରେ ଡିସେମ୍ବର ୧୧ରୁ ଆରମ୍ଭ ହେବ। ସମସ୍ତ ୩ଟି ବିଭାଗର ୭ଟି କାଟେଗୋରୀରେ ପ୍ରତିଯୋଗିତା ମାସାଧିକ କାଳ ଚାଲିବ। କାଟେଗୋରୀ ଗୁଡ଼ିକ ହେଲା ସୁପର ମାଷ୍ଟର୍ସ (୭୦ ବର୍ଷ ଓ ତଦୂର୍ଦ୍ଧ୍ୱ), ସିନିୟର ମାଷ୍ଟର୍ସ (୬୦ରୁ ୭୦ବର୍ଷ), ମାଷ୍ଟର୍ସ (୪୫ରୁ ୬୦ ବର୍ଷ), ସିନିୟର୍ସ (ଓପନ), ଜୁନିୟର୍ସ (୨୧ବର୍ଷ), ୟୁଥ୍ (୧୯ବର୍ଷ କିମ୍ବା ପୂର୍ବରୁ) ସବ୍-ୟୁଥ (୧୬ ବର୍ଷରୁ କମ୍ କିମ୍ବା ପୂର୍ବରୁ)।

**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA** C-1623
Phone / FAX 0674-2540578 (O) / e-Mail: eephiiibbsr@gmail.com
**Office Order No. 8769 /Dt. 27.11.2025**
Bid Identification No. EEPHBBSR-44 / 2025-26 Dt. 10.11.2025
1) The Tender ID : - 2025_PHEO_121151_1 for the work "Supply of ISI Marked Centrifugally Cast(Spun) Ductile Iron K-7 Socket I Spigot Pressure Pipes required for the work of "Procurement of 100mm dia. K.7 pipe in connection with the wok - Drinking water supply 24x7 to Internal Zone of Odagaon NAC." **is hereby cancelled due to 1st time single bid.**
Sd/- SUPERINTENDING ENGINEER
P.H. DIVISION, BHUBANESWAR
OIPR-13205/11/0043/2526

GOVERNMENT OF ODISHA E-MailID:ori-deogaon@nic.in
PANCHAYAT SAMITI OFFICE, DEOGAON
INVITATION FOR BIDS THROUGH e- Procurement
TENDER CALL NOTICE NO-02/2025-26/DGN i-398
**Invitation for Bids**

| | | | |
|---|---|---|---|
| 1. | The BLOCK DEVELOPMENT OFFICER DEOGAON, BALANGIR, on behalf of Governor of Odisha, invites percentage rate bids in single cover system in ONLINE MODE only for Construction of Building work as detailed below. | | |
| 2. | Nature of work | : | Civil & EI Works |
| 3. | No. of work | : | 07 nos. |
| 4. | Tender Paper Cost | : | ₹ 6,000/- |
| 5. | Class of Contractor | : | "D" & "C" and "C" & "B" (Registered with CDMS) |
| 6. | Availability of Bid Documents in the website | : | From10.00AM of 01.12.2025 to 5.00 PM of 16.12.2025 |
| 7. | Date of Opening of Bid | : | Dt.17.12.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum / cancellation of tender can also be seen in the said website only. | | |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above website only.
Block Development Officer, Deogaon
OIPR-19253/11/0004/2526

**ନିଲାମ ଇସ୍ତାହାର** MM-324

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ବନଖଣ୍ଡ ଅଧିନରେ ଥିବା କାଜୁ ଜଙ୍ଗଲରୁ ୨୦୨୫-୨୬ (୨୦୨୬ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀଗୁଡ଼ିକ କାଏମ୍ ରହିବ। ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଦିବସରେ ଦିବା ୧୧ ଘଣ୍ଟା ଠାରୁ ୫ ଘଣ୍ଟା ମଧ୍ୟରେ ମିଳିପାରିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୦୩.୧୨.୨୦୨୫ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା | ଦିବା ୧୧ ଘଣ୍ଟା |

ଉପରୋକ୍ତ ଦିନରେ ବିକ୍ରୟ ହୋଇ ନଥିବା ତଥା ନାକଚ (Quashed), ବ୍ୟାଜାପ୍ତି ଓ ଅନ୍ୟ କୌଣସି ଲଟ୍ ନିମ୍ନଲିଖିତ ତାରିଖ ଓ ଜାଗାରେ ପୁନଃ ପ୍ରକାଶ୍ୟ ଭାବେ ନିଲାମ କରାଯିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୭.୧୨.୨୦୨୫ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ ଘଣ୍ଟା |
| ୩୦.୧୨.୨୦୨୫ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ ଘଣ୍ଟା |

ସ୍ୱା/- ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡ, ଖୋର୍ଦ୍ଧା
OIPR-08139/11/0010/2526

# ହସ୍ତତନ୍ତ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲ୍ଲାର ଅଧିକ ସୁନାମ ଆଣିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ସଂସ୍କୃତି ଭବନ ଠାରେ ରପ୍ତାନି, ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ, ଭାରତ ସରକାର, ଏମ.ଏସ.ଏମ.ଇ ବିଭାଗ, ଓଡ଼ିଶା ସରକାର ଓ ସୁବର୍ଣ୍ଣପୁର ଜିଲ୍ଲାର ମମତା ଡୋରି ଅନୁଷ୍ଠାନର ମିଳିତ ଉଦ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାରେ ହସ୍ତତନ୍ତ କ୍ଷେତ୍ରରେ ବ୍ୟବସାୟ ସୁଯୋଗ ଓ ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟେକ୍ସଟାଇଲ୍ କ୍ଷେତ୍ରରେ ଆମ ଜିଲ୍ଲାର ନାଁ ରହିଛି, ଏ କ୍ଷେତ୍ରରେ ବ୍ୟବସାୟର ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି, ତେଣୁ ଏ କ୍ଷେତ୍ରରେ ସାରା ଭାରତରେ ବିଶ୍ୱରେ ଆମ ଜିଲ୍ଲାର ଆହୁରି ସୁନାମ ଆଣିବାକୁ ସମସ୍ତେ ପ୍ରୟାସ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ତୁଷାରକାନ୍ତ ପଣ୍ଡା ଡି.ଇ.ପି.ଏମ, ଏମ.ଏସ.ଏମ.ଇ ବିଭାଗ, ଓଡ଼ିଶା ସରକାର, ପ୍ରଦୀପ୍ତ ଦାଶ, ରାଜ୍ୟ ପ୍ରଭାରୀ, ହସ୍ତତନ୍ତ କମିଟି, ହସ୍ତତନ୍ତ ମନ୍ତ୍ରଣାଳୟ, ଭାରତ ସରକାର, ବୈଷ୍ଣବ ଦାଶ, ନ୍ୟାୟିକ ମୁଖ୍ୟ, ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ହସ୍ତତନ୍ତ କାର୍ଯ୍ୟାଳୟ ସୋନପୁର ଓ ସୋନପୁର ସ୍ଥିତ ମମତା ଡୋରି ଅନୁଷ୍ଠାନର ନିର୍ଦ୍ଦେଶିକା ମମତା ଦାସ ଓ କମଲ କୁମାର ସାହୁ, ଏଫ୍.ଆଇ.ଇ.ଓ ମୁଖ୍ୟ, ଓଡ଼ିଶା ଚାପ୍ଟର ଏମ.ଓ.ସି, ଭାରତ ସରକାର, ଆଶୁତୋଷ ହୋତା, ଶୁକ୍ଳାମ୍ବର ପାଣିଗ୍ରାହୀ ଓଏଏସଏମଆଇ ସଭାପତି ସୁବର୍ଣ୍ଣପୁର ଜିଲ୍ଲା, ସିଦ୍ଧେଶ୍ୱର ମିଶ୍ର ଓଏଏସଏମଆଇ ସଭାପତି ବଲାଙ୍ଗିର, ସଂସ୍କୃତି ଗବେଷକ ଚୌଧୁରୀ ବିଭାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଚେତନତା ସଭାରେ ସୁବର୍ଣ୍ଣପୁର ଜିଲ୍ଲାରେ ହସ୍ତତନ୍ତ ଶିଳ୍ପ କ୍ଷେତ୍ରରେ ପର୍ଯ୍ୟାପ୍ତ ବ୍ୟବସାୟିକ ସୁଯୋଗ ଥିବା ଓ ସାଇବର ସୁରକ୍ଷା ଉପରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀ, ନୂତନ ଏସଡିପିଆରଓ ମିସ୍ ସୁନାଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।



## ଓସାକ୍ସ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସ ପାଳିତ

# ଏଡ୍ସ ନିୟନ୍ତ୍ରଣ ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ : ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ସୋମବାର ରାଜ୍ୟସ୍ତରୀୟ ବିଶ୍ୱ ଏଡସ୍ ଦିବସ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲଠାରେ ପାଳନ କରାଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ସମସ୍ତଙ୍କ ସହଯୋଗରେ ଆମେ ଆଗାମୀ ଦିନରେ ଏଚ.ଆଇ.ଭି ସଂକ୍ରମଣକୁ ରାଜ୍ୟରୁ ମୂଳୋତ୍ପାଟନ କରିପାରିବା। ଯୁବଗୋଷ୍ଠୀ ସଚେତନ ହେଲେ ଆମେ ଆମ ଲକ୍ଷ୍ୟ ସ୍ଥଳରେ ସହଜରେ ପହଞ୍ଚିପାରିବା। ନୂତନ ସଂକ୍ରମଣକୁ ରୋକିବା, ସଂକ୍ରମିତ ବ୍ୟକ୍ତିଙ୍କର ଚିକିତ୍ସା ଓ ଯତ୍ନ ନେଇ ଆମେ ୨୦୩୦ ସୁଦ୍ଧା ଏହି ସଫଳତା ହାସଲ କରିପାରିବା। ଏହି ଦିବସରେ ଆମ ସାମୂହିକ ପ୍ରଚେଷ୍ଟାକୁ ସୁଦୃଢ କରି ଏଚ.ଆଇ.ଭି ଜନିତ ସେବାଗୁଡ଼ିକର ନିରବିଚ୍ଛିନ୍ନତାକୁ ସୁନିଶ୍ଚିତ କରିବା। ଏଡସ୍ ମୁକ୍ତ ରାଜ୍ୟ ଗଠନ ଦିଗରେ ଅଗ୍ରସର ହେବାପାଇଁ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱାସ୍ଥ୍ୟକର୍ମୀ, ଛାତ୍ରଛାତ୍ରୀ ବିଶେଷକରି ଯୁବବର୍ଗ ସଂକଳ୍ପ ନେବାପାଇଁ ମନ୍ତ୍ରୀ ଡ. ମହାଲିଙ୍ଗ ଆହ୍ୱାନ କରିଥିଲେ।


ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ରଖି ଆଜି ଦିନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ।

ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସୋମବାର ପ୍ରଭାତରୁ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲଠାରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଏହି ଗଣଦୌଡ଼କୁ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ଅଶ୍ୱଥୀ ଏସ. ଓ ଅନ୍ୟ ମାନ୍ୟଗଣ ଅତିଥିମାନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ମନ୍ତ୍ରୀ ଏବଂ ଅତିଥିମାନେ ଛାତ୍ରୀଛାତ୍ରୀମାନଙ୍କ ସହ ଗଣଦୌଡ଼ରେ ସାମିଲ ହୋଇ ସଚେତନତାର ବାର୍ତ୍ତାବହ ସାଜିଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିର୍ଦ୍ଦେଶକ ବୃନ୍ଦ, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡା. ଡି.ଏସ. ଅରବିନ୍ଦ, ଆଡମିନିଷ୍ଟ୍ରେଟିଭ ଅଧିକାରୀ ଶତାବ୍ଦୀ ରାୟ ଏବଂ ଅନ୍ୟ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଆଜିର ଏହି ବିଶ୍ୱ ଏଡସ୍ ଦିବସ ସପ୍ତାହବ୍ୟାପୀ ରାଜ୍ୟର ସମସ୍ତ ଜିଲାରେ ପାଳନ କରାଯାଇଛି। ଏହାବ୍ୟତୀତ ସମସ୍ତ ସରକାରୀ ମେଡିକାଲ କଲେଜ, ରାଜ୍ୟର ୭୦୦ କଲେଜ ଏବଂ ୮୦୦ ସ୍କୁଲରେ ଥିବା ରେଡ୍ ରିବନ କ୍ଲବମାନଙ୍କ ଦ୍ୱାରା ରେଡକ୍ରସ ସୋସାଇଟି ସହଯୋଗରେ ବିଭିନ୍ନ ପ୍ରତିଯୋଗିତା ପୂର୍ବକ ଏହି ଦିବସ ପାଳନ କରାଯାଇଛି।





# କୋଣାର୍କ ଉତ୍ସବ ଆମ ଓଡ଼ିଶାର ସାଂସ୍କୃତିକ ଅସ୍ମିତାର ଉଜ୍ଜ୍ୱଳ ପରିଚୟ : ମୁଖ୍ୟମନ୍ତ୍ରୀ




**କୋଣାର୍କ, ନ୍ୟୁଜ ବ୍ୟୁରୋ**
ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିରର ପୃଷ୍ଠଭୂମିରେ ଏହି ଉତ୍ସବ ଦେଶ ବିଦେଶର କଳାପ୍ରେମୀ ମାନଙ୍କ ପାଇଁ ଆକର୍ଷଣର ଅନ୍ୟତମ କେନ୍ଦ୍ର । ଶାସ୍ତ୍ରୀୟ ନୃତ୍ୟ ଗୁଡିକ କେବଳ ଏକ ଆର୍ଟ ଫର୍ମ ନୁହେଁ, ଏହା ହେଉଛି କଳା ମାଧ୍ୟମରେ ଆଧ୍ୟାତ୍ମିକତାର ଏକ ମହାନ ଅନୁଭବ, ଈଶ୍ୱର ପ୍ରାପ୍ତିର ଏକ ମାର୍ଗ । କୋଣାର୍କ ଉତ୍ସବ ଏବଂ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବକୁ ଉଦଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ ଆହୁରି କହିଥିଲେ ଯେ, କୋଣାର୍କ ଉତ୍ସବ ହେଉଛି ଆମ ଓଡିଶାର ସାଂସ୍କୃତିକ ଅସ୍ମିତାର ଏକ ଉଜ୍ଜ୍ୱଳ ପରିଚୟ। ଏହି ଉତ୍ସବ କେବଳ ଓଡିଶାର କଳା ନୁହେଁ, ବରଂ ଓଡିଶାର ସାମଗ୍ରିକ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ଓଡିଶୀ ସହିତ ଭାରତନାଟ୍ୟମ, କଥାକଳୀ, ମଣିପୁରୀ ଓ କଥକ ଆଦି ନୃତ୍ୟ ପରିବେଷଣ ପାଇଁ ବିଭିନ୍ନ ରାଜ୍ୟରୁ ନୃତ୍ୟ ଶିଳ୍ପୀମାନେ ଆସିଛନ୍ତି । ଏହି ମଞ୍ଚରେ ଭାରତର ବିଭିନ୍ନ ରାଜ୍ୟର ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ଆମ ଦେଶର ସାଂସ୍କୃତିକ ସମ୍ପଦକୁ ବଞ୍ଚାଇ ରଖିବା ପାଇଁ ଏକ ଉତ୍ତମ ପ୍ଲାଟଫର୍ମ ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ହେଉଥିବା ସୁଭଦ୍ରା ଶକ୍ତି ମେଳାକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିବା ସହିତ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ଅର୍ଗାନିକ ଉତ୍ପାଦ ସହିତ ୨୦୦ରୁ ଅଧିକ ସାମଗ୍ରୀର ପ୍ରଦର୍ଶିତ ହେଉଛି। ପ୍ରାୟ ୨୦୦ରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ମା ମାନେ ୧୫୦ଟି ଷ୍ଟଲରେ ସେମାନଙ୍କର ସାମଗ୍ରି ପ୍ରଦର୍ଶିତ କରୁଛନ୍ତି। ଏହି ମେଳା ଦ୍ୱାରା ମହିଳା ମାନଙ୍କ ଉତ୍ପାଦିତ ଦ୍ରବ୍ୟ ପ୍ରତି ଜାତୀୟ ଓ ଅନ୍ତର୍ଜାତୀୟ ମାର୍କେଟରେ ଆଗ୍ରହ ସୃଷ୍ଟି ହେବ। ଆଗାମୀ ଦିନରେ ସୁଭଦ୍ରା ଶକ୍ତି ମା'ମାନେ ନିଜର କଳା, ପରିଶ୍ରମ ଓ ବ୍ୟବସାୟିକ ସାମର୍ଥ୍ୟ ଯୋଗୁ ସ୍ୱଚ୍ଛଳ ହେବା ସହିତ ଉଦ୍ୟୋଗୀ ଭାବେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଡକ୍ଟର ପ୍ରିୟଙ୍କା ମାରାଣ୍ଡୀ, ପୁରୀ ବିଧାୟକ ସୁନିଲ ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ପ୍ରତିବର୍ଷ କୋଣାର୍କ ଉତ୍ସବ ସହିତ ଆୟୋଜିତ ହୋଇଥାଏ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ । ଚନ୍ଦ୍ରଭାଗା କୂଳରେ ଓ କୋଳରେ ବିଶ୍ୱର କୋଣ ଅନୁକୋଣରୁ ଆସିଥାନ୍ତି ବାଲୁକା ଶିଳ୍ପୀ ଗଣ। ଏ ବର୍ଷ ଆମ ଭାରତ ବର୍ଷରୁ ପ୍ରାୟ ୧୪୦ ଜଣ ଶିଳ୍ପି ଯୋଗ ଦେଇଛନ୍ତି, ସେଥିରୁ ୪୦ ଜଣ ମହିଳା ଓ ୯୫ ଜଣ ପୁରୁଷ । ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ପ୍ରାୟ ୫ ଜଣ ବିଦେଶୀ ବାଲୁକା ଶିଳ୍ପି ଆସି ପହଞ୍ଚିଛନ୍ତି ଚନ୍ଦ୍ରଭାଗା ବେଳାଭୂମିରେ ତାଙ୍କ କଳା ନୈପୁଣ୍ୟକୁ ରୂପ ଦେବା ପାଇଁ । କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନରେ ଥିଲା ସୋନାଲୀ ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପିଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ । ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳିଶା ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲୀ ମହାପାତ୍ର । ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ ଏକ ଶୁଦ୍ଧ ନୃତ୍ୟ ଖଣ୍ଡ ଯେଉଁଥିରେ ଗତି ଏବଂ ସଙ୍ଗୀତ ଏକ ପ୍ରସ୍ଫୁଟିତ ଫୁଲ ପରି ସୁନ୍ଦର ଭାବରେ ପ୍ରକଟିତ ହୁଏ । ଏହା ରାଗର ସୌନ୍ଦର୍ଯ୍ୟକୁ ବିସ୍ତାରିତ କରେ, ତାଳ, ମାଧୁର ଏବଂ ନୃତ୍ୟ ନିର୍ଦ୍ଦେଶନାକୁ ଏକ ସୁସଙ୍ଗତ ଠାଣିରେ ବାନ୍ଧିରଖେ ଯାହାର ନୃତ୍ୟ ସଂରଚନା ଗୁରୁ ସୋନାଲି ମହାପାତ୍ର ଓ ସଙ୍ଗୀତ ଏବଂ ତାଳ ସଂଯୋଜନା ନିର୍ମଳ କୁମାର ମହାପାତ୍ର କରିଥିଲେ । ଶେଷରେ ନୃତ୍ୟ ଉପାସନା ପିଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ । ଯେଉଁଥିରେ ଦେବୀ ଦୁର୍ଗାଙ୍କ ଶକ୍ତି ଏବଂ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରଯାଇଥିଲା ଯାହାର ନୃତ୍ୟ ସଂରଚନା ଗୁରୁ ସୋନାଲି ମହାପାତ୍ର, ଓ ସଙ୍ଗୀତ ଏବଂ ତାଳ ସଂଯୋଜନା କରିଥିଲେ ନିର୍ମଳ କୁମାର ମହାପାତ୍ର । ପ୍ରଥମ ସନ୍ଧ୍ୟାର ଦ୍ୱିତୀୟ ତଥା ଶେଷ ଉପସ୍ଥାପନରେ ଥିଲା ଡକ୍ଟର ଆନନ୍ଦ ଶଙ୍କର ଜୟନ୍ତଙ୍କ ଶଙ୍କରାନନ୍ଦ କାଳକ୍ଷେତ୍ର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ ହୋଇଥିଲା । ସେମାନେ ପ୍ରଥମେ ଭକ୍ତ ରାମଦାସଙ୍କ ଦ୍ୱାରା ସରଳ ତେଲୁଗୁ ଭାଷାରେ ରଚିତ ମହାବିଷ୍ଣୁଙ୍କ ଦଶାବତାରକୁ ନେଇ ବର୍ଣ୍ଣିତ ଦଶାବତାରମ୍ ପରିବେଷଣ କରିଥିଲେ ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଦେବୀ ଉପସକମ୍ ଏବଂ ଶେଷରେ କବିତା, ପଦ୍ୟ, ସୁର ଏବଂ କାଳଜୟୀ ସଙ୍ଗୀତର ତାଳର ମୁଖବନ୍ଧ, ଭାରତନାଟ୍ୟମର ସ୍ଥାପତ୍ୟ, ସୌନ୍ଦର୍ଯ୍ୟ ଏବଂ ବ୍ୟାକରଣ ମାଧ୍ୟମରେ, ଏହା ସର୍ବଜ୍ଞ, ସର୍ବବ୍ୟାପୀ ଭଗବାନ ଶିବଙ୍କୁ ଆଣିବା ପାଇଁ ଏକ ଅର୍ଘ୍ୟ ଶିବୋହମ୍ ପ୍ରସ୍ତୁତ କରିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଡକ୍ଟର ଆନନ୍ଦ ଶଙ୍କର ଜୟନ୍ତ। ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର କର୍ମକର୍ତ୍ତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ମ ଏବଂ ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।

# ଜେଏସଡବ୍ଲୁ ଷ୍ଟିଲ୍ ପକ୍ଷରୁ ଓଡ଼ିଶା ଖଣିରେ ବିଶ୍ୱ ଏଡସ୍ ଦିବସ ପାଳନ



**ଯୋଡ଼ା, ନ୍ୟୁଜ ବ୍ୟୁରୋ**
ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ସୋମବାର ଦିନ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି । କମ୍ପାନୀ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକରେ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ନୂଆଗାଁ ଖଣି, ନାରାୟଣପୋଷି ଖଣି, ଗଣୁଆ ଖଣି, ବଡବିଲ କେନ୍ଦ୍ରୀୟ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାଗଣା ଏଚଆଇଭି ପରୀକ୍ଷା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ ଶିବିର,ଡାକ୍ତରୀ ବୃତ୍ତିଗତଙ୍କ ନେତୃତ୍ୱରେ ଶିକ୍ଷାଗତ କର୍ମଶାଳା ଏବଂ ବଡବିଲ ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜେଏସଡବ୍ଲୁ ଷ୍ଟିଲ ନିରାପଦ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଏଡସ ସମ୍ପର୍କିତ କଳଙ୍କକୁ ହ୍ରାସ କରିବା ପାଇଁ ବହୁଭାଷୀ ଶିକ୍ଷାଗତ ସାମଗ୍ରୀ ମଧ୍ୟ ବଣ୍ଟନ କରିଥିଲା। ଏହି କାର୍ଯ୍ୟକ୍ରମ ଜେଏସଡବ୍ଲୁ ଷ୍ଟିଲବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା ଏଚଆର ଚିତ୍ତରଞ୍ଜନ ବାହିନୀପତି ଏବଂ ଫାଇନାନ୍ସ ମୁଖ୍ୟ ଅଙ୍କୁର ଡୋକାନିଆଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ଏନଜିଓ ଏବଂ ସ୍ୱାସ୍ଥ୍ୟ ବିଭାଗ ସହିତ ସହଯୋଗରେ, ଜେଏସଡବ୍ଲୁ ଷ୍ଟିଲ୍ ଠିକା ଶ୍ରମିକ, ଟ୍ରକ୍ ଡ୍ରାଇଭର ଏବଂ ଗ୍ରାମାଞ୍ଚଳ ବାସିନ୍ଦା ସମେତ ଦୁର୍ବଳ ଗୋଷ୍ଠୀ ପର୍ଯ୍ୟନ୍ତ ଏହାର ପହଞ୍ଚ ବୃଦ୍ଧି କରିଥିଲା। ସ୍କୁଲ ଏବଂ କଲେଜରେ ସ୍ୱତନ୍ତ୍ର ଅଧିବେଶନଗୁଡ଼ିକ ସହାନୁଭୂତି, ପ୍ରତିରୋଧ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ବିଷୟରେ ଯୁବପିଢ଼ିଙ୍କ ସହଭାଗିତାକୁ ଉତ୍ସାହିତ କରିଥିଲା। ଯେତେବେଳେ ବିଶ୍ୱ ସମ୍ପ୍ରଦାୟ ୨୦୩୦ ସୁଦ୍ଧା ଏଡସ୍ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ଭାବରେ ସମାପ୍ତ କରିବା ପାଇଁ କାର୍ଯ୍ୟ କରୁଛି, ଜେଏସଡବ୍ଲୁ ଷ୍ଟିଲ୍ ସୂଚନାପ୍ରଦ, ଅନ୍ତର୍ଭୁକ୍ତ ଏବଂ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ ଏହାର ପ୍ରତିବଦ୍ଧତାରେ ଅଟଳ ରହିଛି।

# ଆଦିତ୍ୟ ଆଲୁମିନିୟମ,ଲପଙ୍ଗା ଦ୍ୱାରା ବିଶ୍ୱ ଏଡ୍ସ ଦିବସ ପାଳିତ




**ସମ୍ବଲପୁର ନ୍ୟୁଜ୍ ବ୍ୟୁରେ**
ଆଦିତ୍ୟ ଆଲୁମିନିୟମ,ଲପଙ୍ଗା, ସ୍ୱାଧୀନ ଏକତା ସଂଗଠନ,ଗ୍ରାମ ବିକାଶ ସଂଗଠନ ଓ ରେଙ୍ଗାଲି ପିଏଚସି ରେଙ୍ଗାଲି ର ମିଳିତ ଆନୁକୁଲ୍ୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଥିଲା । ଉକ୍ତ ରାଲିରେ ରେଙ୍ଗାଲି ଏନଆଇସି ର ଛାତ୍ରଛାତ୍ରୀ ଓ ବୀରସୁରେନ୍ଦ୍ର ସାଏ ଆଇଟିଆଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଗଣ ଯୋଗଦେଇଥିଲେ । ଏହି ବର୍ଷର ବାର୍ତ୍ତା ହେଉଛି "ବିଘ୍ନକୁ ଜୟ କରି, ଏଡ୍ସ ପ୍ରତିକ୍ରିୟାକୁ ପରିବର୍ତ୍ତନ କରିବା—ଆସନ୍ତୁ, ସମାନ ଅଧିକାର, ମର୍ଯ୍ୟାଦା ଓ ସମସ୍ତଙ୍କ ପାଇଁ ଭଲ ସ୍ୱାସ୍ଥ୍ୟ ପାଇଁ ଏକତ୍ରିତ ହେବା।"। ଏହି ଅବସରରେ ଏକ ପଦଯାତ୍ରା ରେଙ୍ଗାଲି ପୁରୁଣା ବସ୍ତି ଠାରୁ ରେଙ୍ଗାଲି ମେଡିକାଲ ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ଯାଇଥିଲେ । ଏଥି ସହିତ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସ୍ୱାଧୀନ ଏକ୍ତା ସଂଗଠନର ସମ୍ପାଦକ ରାଜୀବ ମିଶ୍ର, ରେଙ୍ଗାଲି ଚିକିତ୍ସାଳୟର ଡାକ୍ତର ଶୁଭମ୍ ସିଂହ, ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପ ପ୍ରବନ୍ଧକ ମନୋରଂଜନ ବେହେରା, ନୂତନ ଭାବେ ଯୋଗଦେଇଥିବା ଜିଇଟ ଟିମ୍, ସିଏସଆର୍ ଟିମ୍ ଉପସ୍ଥିତ ରହିଥିଲେ । ଉପସ୍ଥିତ ଜନସାଧାରଣଙ୍କୁ ଏଡ୍ସ ରୋଗର କାରଣ ଓ ରୋକିବା ଉପରେ ସଚେତନତା କରିଥିଲେ । ଉକ୍ତ କାର୍ଯ ଟିକୁ ଆଦିତ୍ୟ ଆଲୁମିନିୟମ ମୁଖ୍ୟ ଶ୍ରୀଯୁକ୍ତ ରବି ନିୱାସ ଙ୍କ ତତ୍ତ୍ୱାବଧାନରେ କାର୍ଯ କରାଯାଇଥିଲା। ଏଭଳି ସଚେତନତା କାର୍ଯ ପାଇଁ ସ୍ଥାନୀୟ ଅଧିବାସୀ ମାନେ ବହୁତ ପ୍ରଶଂସା କରିଥିଲେ।

## ମନରେଗା ଯୋଜନାରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ଶ୍ରମିକ ସ୍ଥାନାନ୍ତରଣ ରୋକିବା ପାଇଁ ସ୍ୱତନ୍ତ୍ର ସହାୟତା ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ଏବଂ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହ ସ୍ଥାୟୀ ଜୀବିକା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତି ଗ୍ରହଣ କରି, ଓଡ଼ିଶା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମଜିଏନଆରଇଜିଏ) ଯୋଜନା ଅଧୀନରେ ରାଜ୍ୟର ଅତିରିକ୍ତ ସହାୟତାକୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ସହାୟତା ୯ଟି ଜିଲ୍ଲାର ୩୦ଟି ବ୍ଲକ୍ ର ୫.୫୭ ଲକ୍ଷ ପରିବାରକୁ ଲାଭ ଦେବ, ଯାହା ସେମାନଙ୍କ ନିଜ ଗାଁ ମଧ୍ୟରେ ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ଏବଂ ରାଜ୍ୟ ବାହାରକୁ ଶ୍ରମିକଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ହ୍ରାସ କରିବ। ସୂଚନାଯୋଗ୍ୟ ଯେ ଏହି ସ୍ୱତନ୍ତ୍ର ସହାୟତା ଲାଗୁ ହେବା ଦ୍ୱାରା ଗ୍ରାମୀଣ ପରିବାରଗୁଡ଼ିକ ଏବେ ବାର୍ଷିକ ୩୦୦ ଦିନର ନିଶ୍ଚିତ ମଜୁରୀ ପାଇବେ। ଏହି ସ୍ୱତନ୍ତ୍ର ସହାୟତା ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହାଦ୍ୱାରା ରାଜ୍ୟ ସରକାର ଉକ୍ତ ବର୍ଦ୍ଧିତ ମଜୁରୀ ପ୍ରଦାନ କରିବେ । ପ୍ରଥମ ୧୦୦ ଦିନ ପାଇଁ, ରାଜ୍ୟ ସରକାର ଅଧିସୂଚିତ ମନରେଗା ମଜୁରୀ ବ୍ୟତୀତ ୯୮ ଅତିରିକ୍ତ ଦୈନିକ ମଜୁରୀ ପ୍ରଦାନ କରିବେ। ଅତିରିକ୍ତ ୨୦୦ ଦିନ କାର୍ଯ୍ୟଦିବସ ପାଇଁ ମନରେଗା ନିର୍ଦ୍ଧାରିତ ଦୈନିକ ମଜୁରୀ ସହ ଅତିରିକ୍ତ ମଜୁରୀ ରାଜ୍ୟ ସରକାର ପ୍ରଦାନକରିବେ। ଏହି ପଦକ୍ଷେପ ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ସହ ଜୀବିକା ସୁରକ୍ଷାକୁ ସୁନିଶ୍ଚିତ କରିବ, ଗ୍ରାମୀଣ ଆୟକୁ ସୁଦୃଢ଼ କରିବ ଏବଂ ତୃଣମୂଳ ସ୍ତରରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବ।
ଏହି ପ୍ରମୁଖ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଏବଂ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସକ୍ରିୟ ପଦକ୍ଷେପକୁ ପ୍ରତିଫଳିତ କରୁଛି। ସେମାନଙ୍କ ନେତୃତ୍ୱରେ, ରାଜ୍ୟ ସରକାର ଗ୍ରାମୀଣ ଶ୍ରମିକଙ୍କ ଜୀବନକୁ ଉନ୍ନତ କରିବା, ନିଯୁକ୍ତି ସୁରକ୍ଷା ବୃଦ୍ଧି କରିବା ଏବଂ ଗ୍ରାମୀଣ ଓଡ଼ିଶାର ସାମାଜିକ-ଆର୍ଥିକ ଗଠନକୁ ସୁଦୃଢ଼ କରିବା ପାଇଁ ନିରନ୍ତର ସମୟୋଚିତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଉଛନ୍ତି। ମନ୍ତ୍ରୀ ରବି ନାରାୟଣ ନାଏକ ଓଡ଼ିଶାରୁ ଶ୍ରମିକ ସ୍ଥାନାନ୍ତରଣକୁ ଦୂର କରିବା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି। ସେ ବାରମ୍ବାର ଗୁରୁତ୍ୱ ଦେଇଛନ୍ତି ଯେ କୌଣସି ଓଡ଼ିଆ ଶ୍ରମିକଙ୍କୁ ମୌଳିକ ଜୀବିକା ସନ୍ଧାନରେ ନିଜ ଘର ଛାଡିବାର ପ୍ରକ୍ରିୟା ରାଜ୍ୟ ବିକାଶର ପରିପନ୍ଥୀ । ରାଜ୍ୟର ବିକାଶରେ ରାଜ୍ୟବାସୀ ଓ ଶ୍ରମିକ ଭାଇ ଭଉଣୀ ମାନଙ୍କ ଯୋଗଦାନ ସର୍ବାଧିକ ରହିବ। ତେଣୁ ଏହି ପଦକ୍ଷେପ ସେହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ । ଏହି ପଦକ୍ଷେପ 'ବିକାଶିତ ଭାରତ ପାଇଁ ବିକାଶିତ ଓଡ଼ିଶା'ର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ଶକ୍ତିଶାଳୀ ପଦକ୍ଷେପ। ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଲୋକକୈନ୍ଦ୍ରିକ ଶାସନ ଏବଂ ତୃଣମୂଳମୁଖୀ ବିକାଶ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହି କାର୍ଯ୍ୟ କରୁଛି । ବିଭାଗ ନିରନ୍ତର ଭାବରେ ଗୋଷ୍ଠୀଗତ ବିକାଶ ପ୍ରକ୍ରିୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି । ଏହି ପଦକ୍ଷେପ ମଧ୍ୟ ବିକଶିତ ଓଡ଼ିଶାର ସୁଫଳକୁ ଧାଡ଼ିର ଶେଷରେ ଥିବା ବ୍ୟକ୍ତି ନିକଟରେ ପହଞ୍ଚାଇବା ସୁନିଶ୍ଚିତ କରି ପାରିବ ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମ




**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଜିନ୍ଦଲ ଷ୍ଟିଲର ସାମାଜିକ ଅଙ୍ଗ, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ହୋଇଥିବା ଏକ ସଚେତନତା ରାଲିରେ ସାବିତ୍ରୀ ଜିନ୍ଦଲ ଡିଏଭି ହାଇସ୍କୁଲ, କଲେଜ, ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ତୃତୀୟ ଲିଙ୍ଗ ସମ୍ପ୍ରଦାୟର ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିରୋଧକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସମ୍ବଳିତ ହୋର୍ଡିଂ ଲଗାଯାଇଥିଲା, ବିଭିନ୍ନ ଅଞ୍ଚଳରେ କଣ୍ଡୋମ ଭେଣ୍ଡିଂ ମେସିନ୍ ଲଗାଯାଇଥିଲା ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଏଚଆଇଭିର ପ୍ରଭାବ ଏବଂ ନିଜକୁ ସୁରକ୍ଷା ସୁରକ୍ଷିତ ରଖିବାର ଉପାୟ ବିଷୟରେ ସଚେତନ କରାଯାଇଥିଲା। ଜିଲ୍ଲା ଏଡ୍ସ ନିବାରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ), ଅନୁଗୁଳ ସହିତ ମିଳିତ ଭାବରେ, ଅନୁଗୁଳ ସହରରେ ଏକ ବଡ଼ଧରଣର ରାଲି ମଧ୍ୟ କରାଯାଇଥିଲା, ଯେଉଁଥିରେ ବହୁ ସଂଖ୍ୟାରେ ଲୋକମାନେ ସାମିଲ ହୋଇଥିଲେ ।
ଆଇସିଟିସି ପଦକ୍ଷେପ ମାଧ୍ୟମରେ ଜିନ୍ଦଲ ଫାଉଣ୍ଡେସନର ଅନୁଗୁଳ ୟୁନିଟ୍ ୫.୩୪ ଲକ୍ଷ ଲୋକଙ୍କ ପାଖରେ ପ୍ରତିରୋଧ, ଯତ୍ନ ଏବଂ ସମର୍ଥନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଇପାରିଛି। ଏହା ସହିତ ବର୍ତ୍ତମାନ ସୁଦ୍ଧା ୫.୦୩ ଲକ୍ଷ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଏଚ୍ଆଇଭି ପରୀକ୍ଷା କରିବାର ସୁବିଧା ପାଇଛନ୍ତି, ଯାହା ଦ୍ୱାରା ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ସମ୍ଭବ ହୋଇପାରିଛି।
ଏହି ଅବସରରେ ଜିନ୍ଦଲ ଷ୍ଟିଲର ଲଜିଷ୍ଟିକ୍ସ ବିଭାଗ ପକ୍ଷରୁ ପ୍ରୋଜେକ୍ଟ କବଚ ଅଧୀନରେ ଲାଷ୍ଟ ମାଇଲ କେୟାର ସଂଗଠନ ସହିତ ସହଭାଗୀତାରେ ଟ୍ରକ ପାର୍କିଂ ଅଞ୍ଚଳରେ ଡିସେମ୍ବର ୩ରୁ ଏକ ସପ୍ତାହ ବ୍ୟାପୀ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଇଛି । ଏହି ପଦକ୍ଷେପ ଜରିଆରେ ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ପଥପ୍ରାନ୍ତ ନାଟକ ଏବଂ ସଚେତନତା ଅଧିବେଶନ କାର୍ଯ୍ୟକ୍ରମ ଆରମ୍ଭ ହେବ, ଯାହା ସୁରକ୍ଷିତ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବ ଏବଂ ସାଧାରଣ ଭୁଲ ଧାରଣାକୁ ଦୂର କରିବ। ଜିନ୍ଦଲ ଫାଉଣ୍ଡେସନ ବର୍ଷତମାମ ସାମୁଦାୟିକ ସ୍ୱାସ୍ଥ୍ୟ ପ୍ରତି ଏହାର ପ୍ରତିବଦ୍ଧତା ଜାରି ରଖିଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଚଆଇଭି/ଏଡ୍ସ ମୁକାବିଲାରେ ଏହାର ନିରନ୍ତର ପ୍ରୟାସ ପାଇଁ ଜିନ୍ଦଲ ଫାଉଣ୍ଡେସନକୁ ସ୍ୱୀକୃତି ଏବଂ ସମ୍ମାନିତ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଦେଶ...

ବୃଦ୍ଧିଶୀଳ ବିଶ୍ୱାସର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି।
ବିରୋଧୀ ଦଳ ଉପରେ ଆକ୍ରମଣ କରି ସେ କହିଛନ୍ତି ଯେ କିଛି ଦଳ ଅଛନ୍ତି ଯେଉଁମାନେ ନିଜ ପରାଜୟକୁ ସହିପାରୁନାହାନ୍ତି। ବିହାରର ଫଳାଫଳ ପରେ ସମୟ ସହିତ ସବୁ ବଦଳିଯିବ ବୋଲି ଆଶା ଥିଲା। କିନ୍ତୁ ସମ୍ପ୍ରତି ଚାଲିଥିବା ବୟାନବାଜିରୁ ପ୍ରକାଶ ପାଉଛି ଯେ ପରାଜୟର ଯନ୍ତ୍ରଣା ତାଙ୍କୁ ଏପର୍ଯ୍ୟନ୍ତ ବିଚଳିତ କରୁଛି ଏବଂ ଏହି ନିରାଶାକୁ ସେମାନେ ସଂସଦକୁ ମଧ୍ୟ ନେଇଆସୁଛନ୍ତି, ଏହା ଦୁଃଖଦାୟକ।
କୌଣସି ଦଳର ନାମ ନନେଇ ସେ କହିଛନ୍ତି ଯେ ସଂସଦ ଦେଶର ନୀତି ଓ ଭବିଷ୍ୟତ ଉପରେ ଆଧାରିତ ହେବା ଉଚିତ, କୌଣସି ରାଜ୍ୟର ରାଜନୀତିର ମଞ୍ଚ ନୁହେଁ। ଏହି ପ୍ରବୃତ୍ତିକୁ ସେ ଦେଶ ପାଇଁ ଅସ୍ୱାସ୍ଥ୍ୟକର ପରମ୍ପରା ଭାବେ ବର୍ଣ୍ଣନା କରିଛନ୍ତି।
ସେ କହିଛନ୍ତି ଯେ କିଛି ସମୟ ହେବ ସଂସଦ ନିର୍ବାଚନ ପାଇଁ 'ୱାର୍ମ-ଅପ୍ ଅଖାଡ଼ା' କିମ୍ବା ନିର୍ବାଚନୀ ପରାଜୟ ପରେ ରୋଷ ପ୍ରକାଶର ମଞ୍ଚ ହୋଇଯାଉଛି। ଏହି ପରମ୍ପରା ବନ୍ଦ ହେବା ଉଚିତ। ସେ କହିଛନ୍ତି ଯେ,"ନେଗେଟିଭ୍ ପଲିଟିକ୍ସର କିଛି ଉପଯୋଗିତା ଥାଇପାରେ, କିନ୍ତୁ ରାଷ୍ଟ୍ର ଗଠନ ପାଇଁ ସକାରାତ୍ମକ ଦୃଷ୍ଟିକୋଣ ଅନିବାର୍ଯ୍ୟ। ଆସନ୍ତୁ, ନକାରାତ୍ମକତାକୁ ସୀମିତ ରଖି ରାଷ୍ଟ୍ର ନିର୍ମାଣରେ ଧ୍ୟାନ କେନ୍ଦ୍ରିତ କରିବା।"
ପ୍ରଧାନମନ୍ତ୍ରୀ ଯୁବ ସାଂସଦମାନଙ୍କୁ ଅଧିକ ସୁଯୋଗ ଦେବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସେ କହିଛନ୍ତି ଯେ ସଂସଦରେ ନୂତନ ପିଢ଼ିର ପ୍ରତିନିଧିମାନେ ନୂଆ ଚିନ୍ତାଧାରା ଓ ସତେଜ ସମୀକ୍ଷା ନେଇ ଆସନ୍ତି ଏବଂ ଦେଶ ତାଙ୍କ ଅନୁଭବ ଓ ଉର୍ଜାରୁ ଲାଭାନ୍ୱିତ ହେବା ଉଚିତ। ସେ କହିଛନ୍ତି ଯେ ସଂସଦ ନାଟକର ମଞ୍ଚ ନୁହେଁ, କାର୍ଯ୍ୟ ସମ୍ପାଦନର ସ୍ଥାନ, ଏଠାରୁ ବାହାରୁଥିବା ପ୍ରତ୍ୟେକ ସିଦ୍ଧାନ୍ତ ଦେଶର କୋଟି କୋଟି ନାଗରିକଙ୍କ ଜୀବନକୁ ପ୍ରଭାବିତ କରେ। ଦେଶର ଅର୍ଥନୈତିକ ଅଗ୍ରଗତି ବିଷୟରେ ସେ କହିଛନ୍ତି ଯେ ଭାରତର ଅର୍ଥନୀତି ଆଜି ନୂତନ ଉଚ୍ଚତା ସ୍ପର୍ଶ କରୁଛି ଏବଂ ଏହି ଗତି 'ବିକଶିତ ଭାରତ' ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରୁଛି। ବିଶ୍ୱ ଆଜି ଦେଖୁଛି ଯେ ଗଣତାନ୍ତ୍ରିକ ପ୍ରଣାଳୀ କିପରି ଉନ୍ନତିକୁ ତ୍ୱରାନ୍ୱିତ କରିପାରେ। ଶେଷରେ ସେ ସମସ୍ତ ଦଳକୁ ଅନୁରୋଧ କରିଛନ୍ତି ଯେ ଶୀତକାଳୀନ ଅଧିବେଶନକୁ ସକାରାତ୍ମକତା, ସହଯୋଗ ଓ ଗଠନମୂଳକ ଆଲୋଚନାର ମଞ୍ଚ କରନ୍ତୁ, ଯାହାଦ୍ୱାରା ସଂସଦର ଉର୍ଜା ଦେଶକୁ ନୂତନ ଉଚ୍ଚତାକୁ ନେଇଯିବ। ସେ କହିଛନ୍ତି ଯେ, ''ସଂସଦ ଦେଶ ପାଇଁ କ'ଣ ଭାବୁଛି ଏବଂ କ'ଣ କରିବାକୁ ଯାଉଛି ଏହି ଅଧିବେଶନର କେନ୍ଦ୍ରବିଷୟ ହେବା ଉଚିତ। ବିରୋଧୀ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରୁ, ଦୃଢ଼ ବିଷୟ ଉଠାଉ ଏବଂ ପରାଜୟର ନିରାଶାରୁ ବାହାରିଆସୁ।

### ଭିଜିଲାନ୍ସ ଜାଲରେ ...

ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ଏହାଛଡା ୩୧ସରକାରୀ ଅଧିକାରୀଙ୍କ ଉପରେ ଏକାଧିକ ଥର କାର୍ଯ୍ୟାନୁଷ୍ଠାନ ହୋଇଛି । ସେମାନଙ୍କ ମଧ୍ୟରୁ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି ୧୮୭ଜଣ ସରକାରୀ କର୍ମଚାରୀ । ଦଣ୍ଡିତ ପରେ ଚାକିରିରୁ ବରଖାସ୍ତ ହୋଇଛନ୍ତି ୩୪ଜଣ । ଅନ୍ୟ ୬୫ଜଣ ସରକାରୀ କର୍ମଚାରୀଙ୍କ ପେନସନ୍ ବନ୍ଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ।

### ୨ ସରକାରୀ ବିଲ୍ ...

ପ୍ରତାପ ସ୍ୱାଇଁ ଏହାର ଦୃଢ ପ୍ରତିବାଦ ଜଣାଇ ସଂକଳ୍ପ କାଗଜକୁ ଗୃହରେ ଚିରି ଫିଙ୍ଗିଦେଇଥିଲେ। ଏହା ପରେ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ।

### ନିର୍ବାଚନ କମିଶନଙ୍କ...

ସମୟ ଦିଆଯିବାକୁ ଦାବି ଆସିଥିଲା। ବିଶେଷକରି ନୂଆ ଭୋଟର (୧୮ ବର୍ଷ ପୂରଣ ହେଉଥିବା ଯୁବକ-ଯୁବତୀ), ସ୍ଥାନାନ୍ତରିତ ବ୍ୟକ୍ତି ଓ ମହିଳା ଭୋଟରଙ୍କ ନାମ ଯୋଡ଼ିବା ପାଇଁ ଅଧିକ ସମୟ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହାଛଡ଼ା ଗ୍ରାମାଞ୍ଚଳରେ ବୁଥ୍ ଲେଭଲ ଅଫିସର (ବିଏଲ୍ଓ)ଙ୍କ କାର୍ଯ୍ୟ ବିଳମ୍ବ ହେବାରୁ ମଧ୍ୟ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, ଆମର ଲକ୍ଷ୍ୟ ହେଉଛି କୌଣସି ଯୋଗ୍ୟ ନାଗରିକ ଭୋଟ୍ ଅଧିକାରରୁ ବଞ୍ଚିତ ନ ହୁଅନ୍ତୁ। ଏହି ଅତିରିକ୍ତ ୭ ଦିନ ଅନେକଙ୍କ ଭୋଟ୍ ବଞ୍ଚାଇପାରିବ।' ଏହି ପରିବର୍ତ୍ତନ ଫଳରେ ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟର ଅଂଶଗ୍ରହଣ କରିପାରିବେ ବୋଲି ଆଶା କରାଯାଉଛି।

### ୨ ସରକାରୀ ବିଲ୍ ...

ଜଣ ବିଚାରାଧୀନ କଏଦୀ ହାଜତରେ ମୃତ୍ୟୁବରଣ କରିଥିଲେ। ରାଜ୍ୟ ଜେଲ୍‌ରୁ ୭୪,୨୩୬ ଜଣ କଏଦୀଙ୍କୁ ମୁକ୍ତ କରାଯାଇଥିଲା। ୨୪ ନଭେମ୍ବର, ୨୦୨୫ ସୁଦ୍ଧା, ଓଡ଼ିଶାର ସମସ୍ତ ଜେଲ୍‌ରେ ମୋଟ ୧୮,୬୫୯ ଜଣ କଏଦୀ ବନ୍ଦୀ ଅଛନ୍ତି।

### ଜବରଦଖଲରେ ...

ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
ଅନ୍ୟପକ୍ଷରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ଜବରଦଖଲ ଉପରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ। କେତେକ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିରେ ଘର ତୋଳି ଭଡ଼ାରେ ଲଗାଇଥିବା ମଧ୍ୟ ଜଣାପଡ଼ିଛି।
ମନ୍ତ୍ରୀ କହିଛନ୍ତି ଯେ ଏପରି ଅପରାଧୀଙ୍କୁ ଚିହ୍ନଟ କରିବା ଏବଂ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଏମ୍‌ସି କମିଶନର, ବିଡିଏ ଓ ମେୟରଙ୍କ ସହିତ ସମନ୍ୱୟ ରକ୍ଷା କରାଯିବ। ସରକାର ରାଜଧାନୀକୁ ଜବରଦଖଲମୁକ୍ତ କରିବା ସହ ଗରିବଙ୍କୁ ଗୃହ ସହାୟତା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି।

# ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ



**ଖୋର୍ଦ୍ଧା ରୋଡ, ନ୍ୟୁଜ ବ୍ୟୁରୋ**
ଶିକ୍ଷାଗତ ଉତ୍କର୍ଷତାକୁ ସ୍ୱୀକୃତି ଦେଇ ଏବଂ ରେଳ ପରିବାର ମଧ୍ୟରେ ଯୁବ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳ କର୍ମଚାରୀଙ୍କ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଅଛି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ କର୍ମଚାରୀଙ୍କ ପିଲାମାନଙ୍କୁ (ମୋଟ ୧୩୫ ଜଣ) ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଇକୋରୋ/ଖୋର୍ଦ୍ଧା ରୋଡ୍ ର ସଭାପତି ଶ୍ରୀମତୀ ଦିବ୍ୟା ତ୍ରିପାଠି, ଉପସଭାପତି ଶ୍ରୀମତୀ ଲୀନାଶ୍ରୀ ବେହେରା ଏବଂ ଇକୋରୋର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଉତ୍ସର୍ଗତା ଏବଂ ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ବ୍ୟକ୍ତିଗତ ଭାବରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀମତୀ ତ୍ରିପାଠୀ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷତା ହାସଲ କରିବା ଏବଂ ସେମାନଙ୍କ ଶିକ୍ଷାଗତ ଯାତ୍ରାରେ ଉଚ୍ଚ ଆକାଂକ୍ଷା ସ୍ଥାପନ କରିବାକୁ ମଧ୍ୟ ପ୍ରେରଣା ଦେଇଥିଲେ। ଇକୋରୋ ଖୋର୍ଦ୍ଧା ରୋଡ୍‌ର ଏହିପରି କଲ୍ୟାଣକାରୀ ପଦକ୍ଷେପ ଏବଂ ସ୍ୱୀକୃତି କାର୍ଯ୍ୟକ୍ରମ ମାଧ୍ୟମରେ ରେଳ ପରିବାରର ଶିକ୍ଷାଗତ ବିକାଶ ଏବଂ ସାମଗ୍ରିକ କଲ୍ୟାଣକୁ ସମର୍ଥନ କରିଆସୁଅଛି ଯାହା ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. TP235029C,
ତା.25.11.2025ରିଖ
ସାମଗ୍ରୀର ବିବରଣୀ : ପୂର୍ବ ତଟ ରେଳପଥରେ କ୍ଷେତ୍ର ପରୀକ୍ଷା ପାଇଁ ନିୟମିତ ଗ୍ରିସିଂ ଆବଶ୍ୟକ କରୁନଥିବା ଜିଙ୍କ ଫ୍ଲେକ୍ ଆବରଣ ERC MK-V T-5919 (ALT.2)ର ଉତ୍ପାଦନ ଏବଂ ଯୋଗାଣ ।
ପରିମାଣ : 36520 ସଂଖ୍ୟା ।
ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ :
ତା.19.12.2025 ରିଖ 1430 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ସଂପୂର୍ଣ୍ଣ ବିବରଣୀ ଯେପରିକି ବିସ୍ତୃତି ଟେଣ୍ଡର ନୋଟିସ୍, EMD, କ୍ରୟ ପ୍ରତିବନ୍ଧକ ଏବଂ ବିସ୍ତୃତ ଟେଣ୍ଡର ସର୍ତ୍ତାବଳୀ ଇତ୍ୟାଦି ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ହେବ ।
ଡେପୁଟି ଚିଫ୍ ଇଂଜିନିୟର/TP,
ଭୁବନେଶ୍ୱର
PR-853/Q/25-26

# ଗୀତାଞ୍ଜଳି ମିଶ୍ରଙ୍କ ଲିଖିତ ଦୁଇଟି ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ସୋମବାର ବିଶିଷ୍ଟ ଲେଖିକା ଡଃ ଗୀତାଞ୍ଜଳି ମିଶ୍ରଙ୍କ ଦ୍ୱାରା ଲିଖିତ ଦୁଇଗୋଟି ଉପାଦେୟ ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଡଃ ମିଶ୍ରଙ୍କ ଇଂରାଜୀ ପୁସ୍ତକ ଦ୍ୱୟ ''କନଭରଜେନ୍ସ ଆଣ୍ଡ ଡେଭେଲପମେଂଟ ଇନ୍ ଇଣ୍ଡିଆ'' ଏବଂ ''ଆବିଲିଟି ବିୟଣ୍ଡ ଡିଜାବିଲିଟି'' ପୁସ୍ତକ ଉନ୍ମୋଚିତ ହୋଇଥିଲା । ପ୍ରଥମ ପୁସ୍ତକରେ ଡଃ ମିଶ୍ର ଓଡ଼ିଶାରେ ବିଭିନ୍ନ ବିଭାଗର ସମନ୍ୱୟ (କନଭରଜେନ୍ସ)ରେ କରାଯାଉଥିବା ବିକାଶମୂଳ କାର୍ଯ୍ୟ ସହିତ ବିଭିନ୍ନ ରାଜ୍ୟରେ ହେଉଥିବା କାର୍ଯ୍ୟର ତୁଳନାତ୍ମକ ଉପସ୍ଥାପନ, ସଫଳ କାହାଣୀ ଓ ପ୍ରସ୍ତାବ ଉଲ୍ଲେଖ କରିଛନ୍ତି। ଡଃ. ମିଶ୍ର ରାଜ୍ୟର ୨୩ ଟି ପ୍ରଦେଶ ଗସ୍ତ କରି ତାଙ୍କର ବିଷୟ ସଂପର୍କିତ ଅଭିଜ୍ଞତା, ଅନୁଭୂତି ଓ ପ୍ରସ୍ତାବନା ଏଥିରେ ରଖିଛନ୍ତି। ସେହିପରି ଭିନ୍ନକ୍ଷମଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇ ଲେଖାଯାଇଥିବା ଡଃ. ମିଶ୍ରଙ୍କର ୨ୟ ପୁସ୍ତକରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ, ଭିନ୍ନକ୍ଷମମାନଙ୍କର ସାମାଜିକ, ଅର୍ଥନୈତିକ ପ୍ରଗତି ପାଇଁ ଲକ୍ଷ୍ୟଭିତିକ ନୀତି, ଗୋଷ୍ଠୀ ସଂପୃକ୍ତି ଏବଂ ସାମୁହିକ ଦାୟିତ୍ୱବୋଧ କିପରି ସେମାନଙ୍କର ଜୀବନଧାରଣ ମାନରେ ଆଖିଦୃଶିଆ ପରିବର୍ତନ ଆଣି ପାରିବ, ସେଥିରେ ଉପାଦେୟ ତଥ୍ୟ ଓ ପ୍ରସ୍ତାବ ରହିଥିବା ଡଃ ମିଶ୍ର ପ୍ରକାଶ କରିଛନ୍ତି। ଡଃ ମିଶ୍ର ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ସହିତ ସାକ୍ଷାତକାର ଏବଂ ବିଷୟଭିତ୍ତିକ ତଥ୍ୟ ସଂଗ୍ରହ ଏହି ପୁସ୍ତକରେ ସ୍ଥାନିତ କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଏବଂ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ଡଃ ମିଶ୍ରଙ୍କର ଏହି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହିତ ଏହି ପୁସ୍ତକ ଗବେଷକ, ନୀତି ନିର୍ଦ୍ଧାରକ, ଯୋଜନା ପ୍ରଣୟନକାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଓ ପ୍ରେରଣାଦାୟକ ହେବ ବୋଲି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ, ରାଜ୍ୟ ଯୋଜନା ଓପରିସଂଖ୍ୟାନ ବିଭାଗର ନିର୍ଦ୍ଦେଶକ ଡଃ ବିଜୟ ଭୂଷଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଡଃ ମିଶ୍ର ୧୯୮୪ ରେ ରାଜ୍ୟ ସରକାରଙ୍କ ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ସେବାରେ ନିଯୁକ୍ତି ପାଇ ବିଭିନ୍ନ ବିଭାଗରେ କାର୍ଯ୍ୟକରି ୨୦୧୩ ରେ ଅବସର ଗ୍ରହଣ ପରେ ୨୦୧୪ ରୁ ୨୦୧୭ ପର୍ଯ୍ୟନ୍ତ ଯୋଜନା ଓ ସଂଯୋଜନ ବିଭାଗ ଏବଂ ପରେ ପରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗରେ ୫ବର୍ଷ ଗବେଷଣା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ।

ଭୁବନେଶ୍ୱର
୦୨ ଡିସେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପ୍ରସ୍ତୁତ ହେଉଛି ନନ୍ଦନକାନନ



**ବାରଙ୍ଗ ୦୧/୧୨ ନ୍ୟୁଜ ବ୍ୟୁରୋ**

ଆରମ୍ଭ ହୋଇଗଲାଣି ପର୍ଯ୍ୟଟନ ଋତୁ। ଆଗକୁ ନୂଆବର୍ଷ । ତେଣୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରସ୍ତୁତ ହେଉଛି ନନ୍ଦନକାନନ । ଉଭୟ ପ୍ରାଣୀ ଓ ଉଦ୍ଭିଦ ଉଦ୍ୟାନରେ ପର୍ଯ୍ୟଟକମାନଙ୍କୁ ନୂଆ ଅନୁଭୂତି ଦେବାକୁ ଗୁରୁତ୍ୱ ଦେଉଛନ୍ତି କର୍ତ୍ତୃପକ୍ଷ। ଏଥର ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକମାନେ କିଛି ନୂଆ ଜୀବଜନ୍ତୁ ଦେଖିବାକୁ ପାଇବେ। ଏଥିପାଇଁ ଖୁବ୍‌ଶୀଘ୍ର ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ କିଛି ଜୀବଜନ୍ତୁ ନନ୍ଦନକାନନ ଆସୁଥିବାବେଳେ ଆଗକୁ ଆହୁରି କିଛି ଜନ୍ତୁ ଆଣିବାର ଯୋଜନା ରହିଛି। ସେଥିପାଇଁ ନୂଆ ଖୁଆଡ଼ ମଧ୍ୟ ନିର୍ମାଣ ହେଉଛି, ଯାହା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ଅଦଳବଦଳ ପ୍ରକ୍ରିୟାରେ ଗୁଜୁରାଟରୁ ୪ ପ୍ରଜାତିର ୧୯ଟି ଜୀବଜନ୍ତୁ ଆସୁଛନ୍ତି । ଡିସେମ୍ବର ୧୦ରେ ଜନ୍ତୁଗୁଡ଼ିକ ନନ୍ଦନକାନନରେ ପହଞ୍ଚିବେ । ସେଥିମଧ୍ୟରେ ନନ୍ଦନକାନନକୁ ପ୍ରଥମଥର ଆସୁଛନ୍ତି ୫ଟି ପାଣି ଓଧ । ତା'ସାଙ୍ଗକୁ ଭାରତୀୟ ପଥର କଇଁଛ ମଧ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ଆଗକୁ ଆଉ କିଛି ନୂଆ ଜନ୍ତୁ ଆସିବାର ଯୋଜନା ରହିଛି । ତେବେ ଡିସେମ୍ବର ୨୯ ତାରିଖ ନନ୍ଦନକାନନ ପ୍ରତିଷ୍ଠା ଦିବସ ପରେ ପର୍ଯ୍ୟଟକମାନେ ନୂଆ ଖୁଆଡ଼ରେ ବିଦେଶୀ ଜୀବଜନ୍ତୁ ଦେଖିପାରିବେ ବୋଲି ସୂଚନା ମିଳିଛି। ସେହିପରି ଉଦ୍ଭିଦ ଉଦ୍ୟାନରେ ମଧ୍ୟ ନୂଆ ବଗିଚା ନିର୍ମାଣ ଚାଲିଛି, ଯାହା ଖୁବ୍‌ଶୀଘ୍ର ଶେଷ ହେବ। ଗତ ବର୍ଷ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ଥିଲା। ଚଳିତ ବର୍ଷ ମଧ୍ୟ ଅଧିକ ପର୍ଯ୍ୟଟକ ଦେଶ ବିଦେଶରୁ ଆସିବେ ବୋଲି ଆଶା କରାଯାଉଛି । ତେଣୁ ସୁରକ୍ଷା ଦୃଷ୍ଟିରୁ ପାର୍କିଂ ପାଇଁ ଅଧିକ ଜାଗା ଓ ଅଧିକ ଟିକଟ କାଉଣ୍ଟର ବ୍ୟବସ୍ଥା ହେଉଛି । ଅଧିକ ସିକୁରିଟି ବ୍ୟବସ୍ଥା ମଧ୍ୟ କରାଯାଉଛି । ଭିଡ଼ ସମୟ ବିଶେଷ କରି ବଡ଼ଦିନ ଠାରୁ ନୂଆ ବର୍ଷ ପର୍ଯ୍ୟନ୍ତ ମେଡିକାଲ ଟିମ, ଅଗ୍ନିଶମ ବାହିନୀ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସୂଚନା ମିଳିଛି ।



ବିଜେବି ୮୧ ବ୍ୟାଚର ଚତୁର୍ଦ୍ଦଶ ବନ୍ଧୁମିଳନ ଗତ ୩୦ ତାରିଖ ଦିନ ଭୁବନେଶ୍ୱର ବେଲଫୋର୍ଡ଼ ହୋଟେଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁମିଳନରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଜେବି ୧୯୭୭--୮୧ର ବନ୍ଧୁମାନେ ଯୋଗ ଦେଇଥିଲେ। (ଫଟୋ : ସମ୍ବାଦ କଳିକା)





ଭୁବନେଶ୍ୱର : ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

### ଆରବିଆଇର ନିର୍ଦ୍ଦେଶାବଳୀ ଜାରି

# ଜାନୁଆରୀ ୧ରୁ ଡିଜିଟାଲ ବ୍ୟାଙ୍କିଂରେ ହେବ ପରିବର୍ତ୍ତନ

**ନୂଆଦିଲ୍ଲୀ, ୧/୧୨**

ଡିଜିଟାଲ୍ ବ୍ୟାଙ୍କିଂକୁ ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଯାହା ଜାନୁଆରୀ ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏହି ନିୟମ ଅନଲାଇନ୍ କାରବାର ଏବଂ ଡିଜିଟାଲ୍ ବ୍ୟାଙ୍କିଂ ଚ୍ୟାନେଲରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ । ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ପଦକ୍ଷେପ ଡିଜିଟାଲ୍ ଇଣ୍ଡିଆର ଦୃଷ୍ଟିକୋଣକୁ ମଜବୁତ କରିବ ଏବଂ ସାଧାରଣ ଗ୍ରାହକଙ୍କ ପାଇଁ ଡିଜିଟାଲ୍ ପେମେଣ୍ଟକୁ ସହଜ ଏବଂ ଅଧିକ ନିର୍ଭରଯୋଗ୍ୟ କରିବାରେ ସାହାଯ୍ୟ କରିବ। ଆରବିଆଇ ଡିଜିଟାଲ୍ ବ୍ୟାଙ୍କିଂ ଚ୍ୟାନେଲ ଗୁଡ଼ିକର ପ୍ରାଧିକରଣ ଏବଂ ପରିଚାଳନା ସହିତ ଜଡିତ ୭ଟି ନୂତନ ମାଷ୍ଟର ନିର୍ଦ୍ଦେଶନାମା ଜାରି କରିଛି। ଏହି ନିର୍ଦ୍ଦେଶନାମାଗୁଡ଼ିକର ଲକ୍ଷ୍ୟ ବ୍ୟାଙ୍କ ଏବଂ



ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ନିୟମାବଳୀକୁ ସରଳ କରିବା, ଗ୍ରାହକମାନଙ୍କୁ ଅଧିକ ସ୍ୱଚ୍ଛତା ପ୍ରଦାନ କରିବା ଏବଂ ଡିଜିଟାଲ୍ କାରବାର ସୁରକ୍ଷା ସୁନିଶ୍ଚିତ କରିବା । ଡିଜିଟାଲ୍ ଚ୍ୟାନେଲଗୁଡ଼ିକର ପ୍ରାଧିକରଣ ଏବଂ ପରିଚାଳନା ପାଇଁ ଏକ ସମାନ ଢାଞ୍ଚା ପ୍ରଯୁଜ୍ୟ ହେବ । ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ଡିଜିଟାଲ୍ ପ୍ଲାଟଫର୍ମରେ ସ୍ପଷ୍ଟ ଗ୍ରାହକ ସମ୍ମତି, ଉତ୍ପାଦ ପ୍ରଦର୍ଶନ ଏବଂ ଆଇନଗତ ଦାୟିତ୍ୱ ପ୍ରଦାନ କରିବାକୁ ପଡ଼ିବ । ଆରବିଆଇ ୨୪୪ଟି ମାଷ୍ଟର ନିର୍ଦ୍ଦେଶନାମାକୁ ଏକ ଏକକ, ସୁଗମ ଅନୁପାଳନ ଢାଞ୍ଚାରେ ଏକାଠି କରିଛି। ଏହା ବ୍ୟାଙ୍କ ଏବଂ ନିୟନ୍ତ୍ରିତ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ନିୟମାବଳୀ ପାଳନ କରିବା ସହଜ କରିବ। ବ୍ୟାଙ୍କଗୁଡ଼ିକ ଏବେ ଡିଜିଟାଲ୍ ପ୍ଲାଟଫର୍ମରେ ନିୟମାବଳୀ ପାଳନରେ ସ୍ପଷ୍ଟତା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିପାରିବେ । ବିଶେଷଜ୍ଞଙ୍କ ଅନୁଯାୟୀ, ଗ୍ରାହକମାନେ ଏହି ପରିବର୍ତ୍ତନଗୁଡ଼ିକରୁ ସର୍ବାଧିକ ଲାଭ ପାଇବେ । ସେମାନେ ଏବେ ଡିଜିଟାଲ୍ କାରବାର ସମୟରେ ଅଧିକ ସୁରକ୍ଷା, ସ୍ୱଚ୍ଛତା ଏବଂ ବିଶ୍ୱାସ ଉପଭୋଗ କରିବେ। ନିୟମ ସ୍ପଷ୍ଟ କରିବା ଦ୍ୱାରା ଗ୍ରାହକମାନେ ଭୟଭୀତ ନ ହୋଇ ଅନଲାଇନ୍ ପେମେଣ୍ଟ କରିପାରିବେ । ଏହା ବ୍ୟତୀତ, ନିୟମାବଳୀ ପାଳନ ବ୍ୟାଙ୍କଗୁଡ଼ିକ ପାଇଁ ସହଜ ହେବ, ଯାହା ସେମାନଙ୍କୁ ସେମାନଙ୍କର ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ଭଲ ଭାବରେ ପରିଚାଳନା କରିବାକୁ ସକ୍ଷମ କରିବ। ଆରବିଆଇ କହିଛି ଯେ ଏହି ପଦକ୍ଷେପ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବ ଏବଂ ଡିଜିଟାଲ୍ ବ୍ୟାଙ୍କିଂକୁ ମଜବୁତ କରିବ। ବ୍ୟାଙ୍କିଂ ବିଶେଷଜ୍ଞମାନେ କହିଛନ୍ତି,'ଏହି ନୂତନ ନିର୍ଦ୍ଦେଶାବଳୀ ଗ୍ରାମାଞ୍ଚଳରେ ଡିଜିଟାଲ୍ କାରବାରକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ । ଲୋକମାନେ ଧୀରେ ଧୀରେ ଅନଲାଇନ୍ ପେମେଣ୍ଟକୁ ଗ୍ରହଣ କରୁଛନ୍ତି ଏବଂ ସୁରକ୍ଷିତ ନିୟମ ରହିବା ସେମାନଙ୍କ ବିଶ୍ୱାସକୁ ବୃଦ୍ଧି କରିବ। ମୋବାଇଲ୍ ବ୍ୟାଙ୍କିଂ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଂ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି। ଡିଜିଟାଲ୍ କାରବାରକୁ ଆହୁରି ଲୋକପ୍ରିୟ କରିବାରେ ସ୍ପଷ୍ଟ ଏବଂ ସୁରକ୍ଷିତ ନିୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।'

# ଖାରବେଳ ଭବନରେ ଖୋଲିଲା ଶିଶୁବାଟିକା 'କଳିକା'

### କର୍ମଜୀବୀ ମା'ମାନଙ୍କୁ ଆଶ୍ୱସ୍ତି ଦେବା ସହ ପିଲାଙ୍କୁ ଦେବ ସ୍ନେହ, ଆଦର

**ଭୁବନେଶ୍ୱର, ୧/୧୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା କର୍ମଜୀବୀ ମହିଳାମାନେ କିପରି ନିଶ୍ଚିନ୍ତ ଓ ଆଶ୍ୱସ୍ତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିବେ ତାହାକୁ ଆଖି ଆଗରେ ରଖି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ଖାରବେଳ ଭବନରେ ଏକ ଆଧୁନିକ ଶିଶୁବାଟିକା 'କଳିକା' ଉଦ୍‌ଘାଟିତ ହୋଇଯାଇଛି । ସରକାରୀ କର୍ମଚାରୀ ବିଶେଷକରି କର୍ମଜୀବୀମହିଳାଙ୍କ ପିଲାମାନଙ୍କୁ ସୁରକ୍ଷିତ, ସ୍ୱଚ୍ଛ, ପୋଷଣମୂଳକ ଡେ-କେୟାର ଯୋଗାଇ ଦେବା ଲକ୍ଷ୍ୟରେ ଏହି କେନ୍ଦ୍ର ସ୍ଥାପିତ ହୋଇଛି। ଖାରବେଳ ଭବନରେ ଏଗାରଟି ସରକାରୀ ବିଭାଗ କାର୍ଯ୍ୟ କରେ । ସରକାରୀ କର୍ମଜୀବୀ ମହିଳାମାନେ ଛୋଟ ଛୋଟ ପିଲାମାନଙ୍କୁ ଘରେ ଛାଡି ଆସୁଥିବାରୁ ଚିନ୍ତାରେ ରହିଥାନ୍ତି। ଏହା ସେମାନଙ୍କ କାମରେ ପ୍ରଭାବ ପକାଇଥାଏ। ତେଣୁ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ ଏହି ଚାପରୁ ମୁକ୍ତ କରିବା ତଥା ସେମାନଙ୍କ ପିଲାମାନଙ୍କୁ ଉତ୍ତମ ପରିବେଶରେ ରଖିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଶିଶୁ ଯତ୍ନ ଗୃହ 'କଳିକା' ପ୍ରତିଷ୍ଠା



କରିଛନ୍ତି । ପିଲାମାନଙ୍କୁ ଏକ ସୁସ୍ଥ ପରିବେଶରେ ବିଭିନ୍ନ ରଙ୍ଗୀନ ଖେଳନା ଦେବା, ପିଲାଙ୍କ ଯତ୍ନ ନେବାପାଇଁ ତାଲିମପ୍ରାପ୍ତ କର୍ମଚାରୀ ଯୋଗାଇଦେବା, ସେମାନଙ୍କୁ ଆବଶ୍ୟକ ଶିକ୍ଷା ପ୍ରଦାନ କରିବା ତଥା ବିଭିନ୍ନ ଖେଳ ମାଧ୍ୟମରେ ସେମାନଙ୍କର ମନୋରଞ୍ଜନ କରିବାର ବ୍ୟବସ୍ଥା ଏଠାରେ କରାଯାଇଛି । ପିତାମାତା ବିଶେଷକରି ମା'ମାନେ କିପରି ବିନା ଚାପରେ କାମ ଉପରେ ଧ୍ୟାନ ଦେଇପାରିବେ ତାହା ନିଶ୍ଚିତ କରିବା ସହିତ ପିଲାମାନଙ୍କ ବିକାଶ ଦିଗରେ ସାହାଯ୍ୟ କରିବା ଏହି କଳିକାର ଲକ୍ଷ୍ୟ । ଏହି ଶିଶୁବାଟିକା କଳିକାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, 'କଳିକା ଓଡ଼ିଶାର ଆଧୁନିକ ସରକାରୀ କାର୍ଯ୍ୟପରିବେଶର ଏକ ମାଇଲଖୁଣ୍ଟ, ଯେଉଁଠାରେ ସୃଜନଶୀଳତା, ଯତ୍ନ ଓ ସହାନୁଭୂତି ଏକାଠି ହୋଇ ଭବିଷ୍ୟତପିଢ଼ିକୁ ସୁରକ୍ଷିତ ଓ ସଶକ୍ତ କରିବା ଦିଗକୁ ନୂଆ ଦିଗଦର୍ଶନ ଦେବ।' ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି, 'ମାତୃତ୍ୱ ଓ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିପାରିବା ଭଳି ଏକ ସୁବିଧାଜନକ କାର୍ଯ୍ୟ ପରିବେଶ ତିଆରିରେ 'କଳିକା' ଭଳି ଶିଶୁବାଟିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। କର୍ମଚାରୀମାନେ ସହାୟତା ଓ ସମର୍ଥନ ପାଇଲେ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ତା'ସହ ସଂସ୍ଥାର ସମ୍ମାନ ମଧ୍ୟ ବଢିବ।' ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, " ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ ହେଉଛି ଯତ୍ନ- ଶିଶୁମାନଙ୍କୁ ଏକ ଅନୁକୂଳ ପରିବେଶ ଯୋଗାଇ ଦେଉଥିବା ଶିଶୁବାଟିକା କଳିକା ଏହିପରି ଏକ ବାର୍ତ୍ତା ପ୍ରଦାନ କରେ।' ଉଦଘାଟନ ଅବସରରେ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ 'କଳିକା' ପରିଚାଳନାରେ ନିୟୋଜିତ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ସଚିବାଳୟ ଓ କୃଷି ଭବନରେ ଗୋଟିଏ ଲେଖାଏଁ କଳିକା କାର୍ଯ୍ୟକାରୀ ହେଉଛି । ଏହି ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି 'ମହିଳା ଓ ଶିଶୁବିକାଶ ବିଭାଗ ଯୋଜନା ଅନୁସାରେ ସମସ୍ତ ଜିଲ୍ଲା ମୁଖ୍ୟାଳୟମାନଙ୍କରେ ଗୋଟିଏ ଲେଖାଏଁ କଳିକା ବା ଶିଶୁ ଗୃହ ପ୍ରତିଷ୍ଠା କରାଯିବ।' 'ସରକାର କର୍ମଜୀବୀ ମହିଳାମାନଙ୍କ ପାଇଁ ଏହି ସୁବିଧା କରିଥିବାରୁ ଆମେ ଅନେକ ଅନେକ ଧନ୍ୟବାଦ ଜଣାଉଛୁ। ଆଗରୁ ଅଫିସ ଆସିଲେ ମନରେ ଘରେ ଥିବା ପିଲାଙ୍କ ଚିନ୍ତା ଘାରୁଥାଏ । ଏବେ ଆମେ ନିଶ୍ଚିନ୍ତ ହୋଇ କାମ କରିପାରିବୁ' ବୋଲି କହିଛନ୍ତି ମୟୂରୀ ପଣ୍ଡା ନାମ୍ନୀ ଜଣେ କର୍ମଜୀବୀ ମହିଳା ।

# ଲକ୍ଷ୍ମୀ ଚାନ୍ଦ ପାଇଲେ ଚେତାବନୀ ଗଳ୍ପ ସମ୍ମାନ




**କେସିଙ୍ଗା, ୧/୧୨**
**ନ୍ୟୁଜ୍ ବ୍ୟୁରୋ**

କେସିଙ୍ଗାରେ ଅନୁଷ୍ଠିତ ହୋଇଯାଇଛି ଚେତାବନୀ ସାହିତ୍ୟ ସଂସଦର ୩୭ତମ ରାଜ୍ୟସ୍ତରୀୟ ଲେଖକ ସମାବେଶ ଓ ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ। ସରକାରୀ ଉଚ୍ଚ ବିଦ୍ୟାଳୟ ମୁକ୍ତମଞ୍ଚ କେସିଙ୍ଗା କଳାହାଣ୍ଡିରେ ଏହି ଉତ୍ସବ ଅନୁଷ୍ଠାନର କେନ୍ଦ୍ରିୟ ସଭାପତି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରସିଦ୍ଧ କଥାଶିଳ୍ପୀ ଓ ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇଥିଲେ। ତାଙ୍କ ସହ ଉତ୍ସବରେ ଯୋଗଦେଇଥିଲେ ବିଶିଷ୍ଟ ଅତିଥି ଲବ୍ଧପ୍ରତିଷ୍ଠ କବି ଓ ଅନୁବାଦକ-ଭଗବାନ ଜୟସିଂ, ସମ୍ମାନିତ ଅତିଥି ଡାକ୍ତର ହେମସାଗର ସାହା, ବରିଷ୍ଠ ଚିକିତ୍ସକ ଓ ପୂର୍ବତନ ନଗରପାଳ, କେସିଙ୍ଗା ଏବଂ ସ୍ୱତନ୍ତ୍ର ଅତିଥି ଯାଜ୍ଞସେନୀ ସାହା ପ୍ରମୁଖ। ଉତ୍ସବଟି ସକାଳ ୯.୦୦ରୁ ଆରମ୍ଭ ହୋଇ ୫ଟି ପର୍ଯ୍ୟାୟ ଦେଇ ସମାପ୍ତ ହୋଇଥିଲା। ଅନ୍ତିମ ପର୍ଯ୍ୟାୟରେ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ଦିଆଯାଇଥିଲା ଭଗବାନ ଜୟସିଂଙ୍କୁ, ଚେତାବନୀ ପ୍ରଜ୍ଞା ସମ୍ମାନ (କଥା ସାହିତ୍ୟ) ଲକ୍ଷ୍ମୀ ଚାନ୍ଦଙ୍କୁ, ଚେତାବନୀ ପ୍ରଜ୍ଞା ସମ୍ମାନ (ପ୍ରବନ୍ଧ ସମ୍ମାନ) ଡ. ଚିତ୍ତରଞ୍ଜନ ମିଶ୍ରଙ୍କୁ, ଚେତାବନୀ ପ୍ରଜ୍ଞା ସମ୍ମାନ (କାବ୍ୟ କବିତା) କେଦାର ମିଶ୍ରଙ୍କୁ, କବି ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନ ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କୁ, ଚେତାବନୀ ଶିକ୍ଷା ସମ୍ମାନ-ଇଂ ଅଜୟ କୁମାର ପଣ୍ଡାଙ୍କୁ, କବି ପାର୍ଥ ବିଶି କିଶୋର ସାହିତ୍ୟ ସମ୍ମାନ-ସୁରଞ୍ଜନ ପାତ୍ରଙ୍କୁ, କବି ଲକ୍ଷ୍ମୀକାନ୍ତ ସାହା ସ୍ମୃତି ସମ୍ମାନ-ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ, ଚେତାବନୀ ସେବା ସମ୍ମାନ-ବୈଦ୍ୟ ସଦାନନ୍ଦ ପଟେଲଙ୍କୁ, ଚେତାବନୀ ସୁହୃଦ ସମ୍ମାନ-ବିପିନ ବିହାରୀ ବିଶିଙ୍କୁ ପ୍ରଦାନ କରାଯାଇଥିଲା।

ପ୍ରକାଶ ଅପେକ୍ଷାରେ...

"କଥାକଳିକା"
ଡିସେମ୍ବର -୨୦୨୫ ସଂଖ୍ୟା




ଏଥର ସଂଖ୍ୟାରେ ଆମ ଗାଳ୍ପିକ...

**ସ୍ମରଣୀୟ କଥା :** ଭାସ୍କର ଜେନା
**ସମକାଳର କଥା :** ସଚ୍ଚିଦାନନ୍ଦ କର, ଶରତ କୁମାର ଜେନା, ସଂଯୁକ୍ତା ଦାଶ, ସନ୍ତୋଷୀ ସ୍ୱାଇଁ ବରଦା ପ୍ରସନ୍ନ ଦାସ, କାଳିକିଙ୍କର, ଗୀତା ଦାସ, ମଧୁମିତା ମହାନ୍ତି, ଆନନ୍ଦ କୁମାର ମାଇତି, ଭାଗିରଥୀ ବେହେରା, ଅରବିନ୍ଦ ଦାସ।
**ଅନ୍ୟ ଭାଷାର କଥା :** ତ୍ରିନାଥ ପଟ୍ଟନାୟକ
**ଯୁବ ମାନସର କଥା :** ଗୀତାଞ୍ଜଳି ସ୍ୱାଇଁ, କୃଷ୍ଣଚନ୍ଦ୍ରରଥ, ସୋମନାଥ ବିଷୋୟୀ, ପରିମିତା ସାହୁ, ସତ୍ୟବ୍ରତ ସାହୁ, ସରିତାସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ବିଶ୍ୱ ଏଡ୍‌ସ ଦିବସ: ଦେଶର ୧୦ନମ୍ବର ତାଲିକାରେ ଗଞ୍ଜାମ

**ବ୍ରହ୍ମପୁର,୦୧/୧୨**
**ନ୍ୟୁଜ ବ୍ୟୁରୋ**

ସୋମବାର ବିଶ୍ୱ ଏଡ୍‌ସ ଦିବସ। ଡିସେମ୍ବର ୧ରେ ପ୍ରତିବର୍ଷ ଏହା ପାଳିତ ହୋଇଥାଏ। ଏହା ଏଡ୍ସର ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ପାଳନ କରାଯାଇଥାଏ । ପ୍ରତିବର୍ଷ ଏହି ଦିବସର ବାର୍ତ୍ତା ଭିନ୍ନ ଭିନ୍ନ ହୋଇଥାଏ । ଏ ବର୍ଷର ଥିମ୍ ରହିଛି 'Overcoming disruption, transforming the AIDS response'। ତେବେ ଦେଶର ଟପ୍ ଟେନ୍ ତାଲିକାରେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ରହିଛି । ଏଡ୍‌ସ ଯନ୍ତ୍ରଣାରେ ଗଞ୍ଜାମ ଜିଲ୍ଲା। ସଂକ୍ରମଣ କମିଥିଲେ ମଧ୍ୟ ଦେଶରେ ଏଡ୍‌ସ ପ୍ରବଣ ଜିଲ୍ଲାମାନଙ୍କ ମଧ୍ୟରେ ଟପ୍ ୧୦ ତାଲିକାରେ ଗଞ୍ଜାମ ରହିଛି । ରାଜ୍ୟର ସର୍ବାଧିକ ରୋଗୀ ଏହି ଜିଲ୍ଲାରୁ । ଦେଶରେ ୮ନମ୍ବର ଏଡ୍‌ସ ପ୍ରବଣ ଜିଲ୍ଲା ଭାବେ ପରିଗଣିତ । ଯଦିଓ ଜିଲ୍ଲାରେ ପୂର୍ବାପେକ୍ଷା ରୋଗୀ ସଂଖ୍ୟା କମୁଛି ତଥାପି ଗଞ୍ଜାମ ହଟ୍‌ସ୍ପଟ୍‌ରେ ରହିଛି। ଅନେକ ପରିବାର ଛାରଖାର ହୋଇଛନ୍ତି ଏବଂ ଅନେକ ଶିଶୁ ଅନାଥ ଜୀବନ କାଟୁଛନ୍ତି । ତଥାପି ଜିଲ୍ଲାରେ ଏଡ୍‌ସ ଯନ୍ତ୍ରଣା ସରିନାହିଁ । ଡିସେମ୍ବର୧ ତାରିଖକୁ ଏଡ୍‌ସ ଦିବସ ଭାବେ ପାଳନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି । ଗଞ୍ଜାମ ଜିଲ୍ଲାରେ କିନ୍ତୁ ଏବେ ବି ଅନେକେ ନିଜର ଭୁଲ ପାଇଁ ଏଡ୍‌ସ ଭଳି ମାରାତ୍ମକ ରୋଗ କିଣୁଛନ୍ତି ଏବଂ ନିଜ ପରିବାରକୁ ଦୁଃଖ ସାଗରରେ ଭସାଇ ଦେଉଛନ୍ତି । ଏଡ୍‌ସ ପ୍ରିଭେନ୍‌ସନ୍ କଣ୍ଟ୍ରୋଲ୍ ୟୁନିଟ୍‌ରୁ ମିଳିଥିବା ସୂଚନା ଅନୁସାରେ ଜାନୁଆରୀ ମାସରୁ ଅକ୍ଟୋବର ମାସ ମଧ୍ୟରେ ଜିଲ୍ଲାରେ ୪୬୪ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜାନୁଆରୀରୁ ଅକ୍ଟୋବର ମାସ ମଧ୍ୟରେ ୨,୧୯,୦୦୦ଜଣଙ୍କୁ କାଉନସେଲିଂ ଓ ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ୪୬୪ଜଣ ପଜିଟିଭ୍ ବାହାରିଛନ୍ତି । ଜିଲ୍ଲାରେ ପୋଲସରା ବ୍ଲକ୍‌ରେ ସର୍ବାଧିକ ଆକ୍ରାନ୍ତ, ଏଠାରେ ମୋଟ ୧୩୫୪ଜଣ ରୋଗୀ ରହିଛନ୍ତି । ସବୁ ବ୍ଲକ୍‌ରେ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରେ ମୋଟ ୧୯୦୪୦ ରୋଗୀ ଅଛନ୍ତି । ସେମାନଙ୍କ ମଧ୍ୟରେ ୧୦୯୮୮ ପୁରୁଷ ଓ ୫୮୧୯ ମହିଳା, ୧୬୪ଜଣ କିନ୍ନର, ୯୯୨ ଜଣ ଶିଶୁ ଓ ୧୦୭୭ ଗର୍ଭବତୀ ଏଚ୍‌ଆଇଭି ପଜିଟିଭ୍ ଅଛନ୍ତି । ଏଆରଟି (ଆଣ୍ଟି ରେଟ୍ରୋଭାଇରାଲ୍ ଥେରାପି) ସେଣ୍ଟରରେ ୧୮୦୫୪ଜଣ ପଞ୍ଜିକୃତ ହୋଇଛନ୍ତି। ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୮୮୦ ଜଣ ରୋଗୀଙ୍କ ମୃତ୍ୟୁ ହେଲାଣି । ଡିଷ୍ଟ୍ରିକ୍ଟ ଏଡ ପ୍ରିଭେନ୍‌ସନ୍ କଣ୍ଟ୍ରୋଲ୍ୟୁନିଟ୍ (ଡିଏପିସିୟୁ) ଡିପିଏମ୍ ରାଜେନ୍ଦ୍ର ମହାରଣା କହିଛନ୍ତି ଏଡ୍‌ସ ରୋଗୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରକ୍ତ ପରୀକ୍ଷା ପାଇଁ ୨୯ଟି ଆଇସିଟିସି ସେଣ୍ଟର ରହିଛି। ଭଂଜନଗର ଓ ବ୍ରହ୍ମପୁର ସିଟି ହସ୍ପିଟାଲ୍ ଏବଂ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି । ଏହା ସହିତ ଆସିକା, ପୋଲସରା ଓ ଖଲ୍ଲିକୋଟରେ ତିନୋଟି ଲିଙ୍କ୍ ଏଆରଟି ସେଣ୍ଟର ରହିଛି । ସେହିପରି କଟକରେ ୨୬୧, ନବରଙ୍ଗପୁରରେ ୭୦, ଖୋର୍ଦ୍ଧାରେ ୩୩୮, ସମ୍ବଲପୁରରେ ୧୯୫, ସୁନ୍ଦରଗଡ଼ରେ ୧୨୧, ଅନୁଗୁଳରେ ୧୧୫ ପଜିଟିଭ ଚିହ୍ନଟ ହୋଇଛନ୍ତି। କଟକ କ୍ୟାଟେଗୋରି ୧ରେ ସାମିଲ୍ ହୋଇଥିବା ବେଳେ ନବରଙ୍ଗପୁରରେ ବଢୁଛି ପଜିଟିଭ୍‌ଙ୍କ ସଂଖ୍ୟା ସଂକ୍ରମଣରେ ଜାତୀୟ ହାର ତୁଳନାରେ ଓଡ଼ିଶା ୩ ନମ୍ବରରେ ରହିଛି । ରାଜ୍ୟରେ ୨୦୨୨-୨୩ ତୁଳନାରେ ଚଳିତବର୍ଷ ସଂକ୍ରମଣ ହାର ହ୍ରାସ ପାଇଛି । ୨୦୨୨-୨୩ରେ ୩୨୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୦୨୩-୨୪ରେ ୩୪୩୬ ଜଣ, ୨୦୨୪-୨୫ରେ ୩୭୬୯ ଜଣ ଏବଂ ୨୦୨୫ ଅକ୍ଟୋବର ସୁଦ୍ଧା ଚିହ୍ନଟ ହୋଇଛନ୍ତି ୨୪୬୨ ଜଣ ସଂକ୍ରମିତ । ଏଡ୍‌ସ ସଂକ୍ରମଣ ରୋକିବା ଦିଗରେ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ 'ଅରୁଣା' ନିର୍ଦ୍ଦେଶକ ଲୋକନାଥ ମିଶ୍ର କହିଛନ୍ତି ଏଡ୍‌ସ ବଢ଼ିବା ପରେ ସ୍ଥିର ଏବଂ ପରେ କମିବା ଆରମ୍ଭ ହେବା କଥା। କୋଭିଡ୍ ସମୟରେ ପରୀକ୍ଷା କମିଗଲା ଓ ପଜିଟିଭ୍ ସଂଖ୍ୟା କମିଗଲା। କିନ୍ତୁ ଏବେ ପରୀକ୍ଷା ବଢ଼ିବା ପରେ ପୁଣି ପଜିଟିଭ ସଂଖ୍ୟା ବଢ଼ିଯାଇଛି । ଯାହାର କାରଣ ସ୍ପଷ୍ଟ ଜଣାପଡିନି। ସେପଟେ ବିଭାଗୀୟ ମନ୍ତ୍ରୀମଧ୍ୟ ସ୍ୱୀକାର କରିଛନ୍ତି ଯେ, ପରୀକ୍ଷା ବଢ଼ିବାପରେ ପଜିଟିଭ୍ ବି ବଢୁଛନ୍ତି । ପୁଣି ଏ ଦିଗରେ ବୈଜ୍ଞାନିକ ଗବେଷଣା ଆବଶ୍ୟକ ରହିଛି । ଅହମ୍ମଦାବାଦରେ ଇଣ୍ଡିଆନ୍ ନେଟୱାର୍କ ଅଫ୍ ଏନ୍‌ଜିଓସ୍ ଅନ୍ ଏଚ୍‌ଆଇଭି ଏଡ୍‌ସ (ଆଇଏନ୍‌ଏନ୍)ର ସମ୍ମିଳନୀ ହୋଇଥିଲା । ଦେଶର ୩ଟି ରାଜ୍ୟରେ ଯଥା-ଓଡ଼ିଶା, ଅରୁଣାଚଳ ପ୍ରଦେଶ ଓ ଆସାମରେ ଏଚ୍‌ଆଇଭି ସଂକ୍ରମଣ ଯୁବକମାନଙ୍କ ଭିତରେ ବଢୁଥିବା ମତ ପ୍ରକାଶ ପାଇଥିଲା। ଗୋପାଳପୁର କଲେଜରେ ହୋଇଥିବା ସମ୍ମିଳନୀକୁ ଆଇଏନ୍‌ଏନ୍ ସଭାପତି ଡ. ଶଙ୍କର ଚୌଧୁରୀ ଓ ବୋର୍ଡ ସଦସ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ ଆସିଥିଲେ। ସେଠାରେ ମଧ୍ୟ ସେମାନେ କହିଥିଲେ ଯେ, ଏବେ ଓଡ଼ିଶା ଉପରୁ ଏଡ୍‌ସ ବିପଦ ଟଳିନାହିଁ । ଯୁବ ପିଢ଼ିଙ୍କୁ ସଚେତନ କରିବା ମୁଖ୍ୟ ଦାୟିତ୍ୱ ରହିଛି । ଗୁରୁତ୍ୱର ସହ ଏ ଦିଗରେ କାର୍ଯ୍ୟ ନକଲେ କେତେ ବର୍ଷ ହେଲେ ବି ଏଡ୍‌ସ ନିୟନ୍ତ୍ରଣ କରିହେବ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏଡସ୍‌ର ମୂଳୋତ୍ପାଟନ କରିବା ପାଇଁ ଜୋରଦାର ପ୍ରୟାସ କରାଯାଉଥିବା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ ନୀଳକଣ୍ଠ ମିଶ୍ର କହିଛନ୍ତି, 'ଆଖପାଖ ଜିଲ୍ଲାରୁ ରୋଗୀ ଆସି କଟକରେ ଚିହ୍ନଟ ହେଉଥିବା ବେଳେ ନବରଙ୍ଗପୁର ଓ ଗଞ୍ଜାମରେ ପଳାୟନ ଓ ବୃତ୍ତି ଚୟନ ପାଇଁ ବଢୁଛି ରୋଗୀ ସଂଖ୍ୟା । ସୀମାନ୍ତ ଜିଲ୍ଲା ହୋଇଥିବାରୁ ବାହାର ରାଜ୍ୟରୁ ଆସୁଛନ୍ତି ଏଚ୍‌ଆଇଭି ଆକ୍ରାନ୍ତ ସଂଖ୍ୟା ବୋଲି ସେ କହିଛନ୍ତି।'